

ସନ୍ତୋଷୀ-ସନ୍ନୀ ସାଥିସାଥି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-60 ♦MONDAY ♦24 AUGUST 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୬୦ ♦ସୋମବାର ♦୨୪ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ବାଂଲାଦେଶରେ ହିନ୍ଦୁ ଶିକ୍ଷକଙ୍କ ପରିବାରର ୪ଜଣଙ୍କୁ ହତ୍ୟା

■ ରଙ୍ଗପୁର, ୨୩।୮ (ଏଜେନ୍ସି): ବାଂଲାଦେଶର ରଙ୍ଗପୁର ସହରରୁ ଏକ ଅତ୍ୟନ୍ତ ରହସ୍ୟଜନକ ଏବଂ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ସେଠାକାର ଏକ ବନ୍ଦ ଘରୁ ଜଣେ ଅବସରପ୍ରାପ୍ତ ହିନ୍ଦୁ ଶିକ୍ଷକ, ତାଙ୍କ ପତ୍ନୀ ଏବଂ ଦୁଇ ଜଣ ନାବାଳକ ସନ୍ତାନଙ୍କର ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଏହି ଘଟଣାରେ ଏକ ବଡ଼ଧରଣର ତଦନ୍ତ ଆରମ୍ଭ କରିଛି। ପୁଣି ଥରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି ବୋଲି ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ମୃତକମାନେ ହେଲେ ୬୫ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ୫୦ ବର୍ଷୀୟା ପତ୍ନୀ ପ୍ରୀତିଲତା ଚକ୍ରବର୍ତ୍ତୀ, ୨୩ ବର୍ଷୀୟା ଝିଅ ଆଗାମୀ ଚକ୍ରବର୍ତ୍ତୀ ଏବଂ ୧୨ ବର୍ଷୀୟ ପୁଅ ପ୍ରିୟମ୍ ଚକ୍ରବର୍ତ୍ତୀ। ଗତ ଗୁରୁବାର ରାତିରୁ ପରିବାରର ସମସ୍ତ ସଦସ୍ୟଙ୍କ ଫୋନ୍ ବନ୍ଦ ରହିବାରୁ ସମ୍ପର୍କୀୟମାନେ ସନ୍ଦେହ କରିଥିଲେ। ▶ପୃଷ୍ଠା-୭



# ଭ୍ରମାତ୍ମକ ବିଜ୍ଞାପନ; ୧୫୦ କମ୍ପାନୀଙ୍କୁ ଏଫ୍‌ଏସ୍‌ଏସ୍‌ଏଆଇର ନୋଟିସ୍




■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ନିୟମ ଅନୁପାଳନରେ ଖିଲାପକୁ ନେଇ କେନ୍ଦ୍ର ସରକାର ଗତ କିଛି ମାସ ମଧ୍ୟରେ ଅନେକ ପ୍ରମୁଖ ଖାଦ୍ୟ ବ୍ରାଣ୍ଡ ଏବଂ ଖୁଚୁରା ଚେନ୍ ବିକ୍ରେତାଙ୍କୁ ପ୍ରାୟ ୧୫୦ ନୋଟିସ୍ ଜାରି କରିଛନ୍ତି। ଭାରତର ଖାଦ୍ୟ ସୁରକ୍ଷା ନିୟାମକ ସଂସ୍ଥା (ଏଫ୍‌ଏସ୍‌ଏସ୍‌ଏଆଇ) ଭ୍ରମାତ୍ମକ ବିଜ୍ଞାପନ, ମିଥ୍ୟା ଦାବି ଏବଂ ଲେବଲିଂ ନିୟମ ପାଳନ ନକରିବା ପାଇଁ ଏହି ନୋଟିସ୍ ଜାରି କରିଛି। ନୋଟିସ୍ ଜାରି ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ନେସ୍‌ଲେ ଇଣ୍ଡିଆ, ପେପ୍‌ସିକୋ ଏବଂ କୋକା-କୋଲା ଇଣ୍ଡିଆ ଭଳି ପ୍ରମୁଖ କମ୍ପାନୀ ରହିଛନ୍ତି। ଆମାଜନ ଏବଂ ଫ୍ଲିପକାର୍ଟ ସମେତ ଇ-କମର୍ସ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ନୋଟିସ୍ ଜାରି କରାଯାଇଛି। କେଏଫ୍‌ସି, ମ୍ୟାକଡୋନାଲ୍ଡସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ▶ପୃଷ୍ଠା-୭

# ଦରବୃଦ୍ଧିରେ ଓଡ଼ିଶା ଏକ ନମ୍ବର

**ଡବଲ ଇଞ୍ଜିନ; ଡବଲ ଯନ୍ତ୍ରଣା**

## ଜାନୁଆରୀଠାରୁ ମୁଦ୍ରାସ୍ଫୀତି ବଢ଼ିଛି ୨.୯୫ ପ୍ରତିଶତ

■ ଭୁବନେଶ୍ୱର, ୨୩।୮ (ସମିସ): ଡବଲ ଇଞ୍ଜିନ୍ ସରକାର ଆସିଲେ ରାଜ୍ୟ ଘିଅ ମହୁରେ ଭାସିବ। ଲୋକମାନଙ୍କର ସବୁ ଦୁଃଖ ଦୂର ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଦୁଇଟା ବର୍ଷ ଯାଇ ନାହିଁ, ଦୁଃଖ ଦୂର ହେବା ତ ଦୂରର କଥା; ଲୋକଙ୍କ କଷଣ ଦୁଇଗୁଣ ହୋଇଛି। ଦରଦାମ ବୃଦ୍ଧି ହାରରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର ସ୍ଥାନରେ ପହଞ୍ଚିଛି। ସାରା ଦେଶରେ ବିଭିନ୍ନ ରାଜ୍ୟରେ ମୁଦ୍ରାସ୍ଫୀତି ଓ ଅନ୍ୟାନ୍ୟ କାରଣରୁ ଖାଉଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଶା ଦର ବୃଦ୍ଧି ହାରରେ ଦେଶର ସବୁ ବଡ଼ବଡ଼ ରାଜ୍ୟକୁ ଅତିକ୍ରମ କରି ଶୀର୍ଷସ୍ଥାନରେ ପହଞ୍ଚିଛି। ଯଦିଓ ଜୁଲାଇରେ ରାଜ୍ୟଗୁଡିକ ମଧ୍ୟରେ ତେଲେଙ୍ଗାନାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଦେଶରେ ରହିଛି, ମାତ୍ର ମୂଲ୍ୟବୃଦ୍ଧି ହାରରେ ଓଡ଼ିଶା ସବୁଠାରୁ ଶୀର୍ଷରେ ଅଛି। ଏହି ରିପୋର୍ଟ ପ୍ରକାଶ କରିଛି କେନ୍ଦ୍ର ସରକାରଙ୍କ



**ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ**

ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ। ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ଅସ୍ଥାୟୀ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଅନୁସାରେ ଜୁଲାଇରେ ଓଡ଼ିଶାର ଉପଭୋକ୍ତା ମୂଲ୍ୟସୂଚୀ ସିପିଆଇ ୧୦୭.୦୬ ଓ ରାଜ୍ୟର ମୁଦ୍ରାସ୍ଫୀତି ଜାତୀୟ ହାର ଠାରୁ ଅଧିକ ୪.୪୫ ରହିଛି। ଚଳିତବର୍ଷ ଆରମ୍ଭରୁ ଓଡ଼ିଶାରେ ଖାଉଟି ସାମଗ୍ରୀରେ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଯାହାଫଳରେ ଦେଶର ରାଜ୍ୟଗୁଡିକ ମଧ୍ୟରେ ଚଳିତବର୍ଷ ଜାନୁଆରୀଠାରୁ ଓଡ଼ିଶାର ମୁଦ୍ରାସ୍ଫୀତି ସର୍ବାଧିକ ୨.୯୫% ବୃଦ୍ଧି ଘଟିଛି। ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ଥିଲା ୧.୮୮ %। ମାତ୍ର ଜୁଲାଇରେ ଏହା ୨.୯୫% ବୃଦ୍ଧି ପାଇ ୪.୮୩ ପ୍ରତିଶତରେ ପହଞ୍ଚିଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶରେ ମୁଦ୍ରାସ୍ଫୀତିରେ ୨.୯ ପ୍ରତିଶତ, ତେଲଙ୍ଗାନାର ମୁଦ୍ରାସ୍ଫୀତି ୧.୪ ପ୍ରତିଶତ ବୃଦ୍ଧି ହୋଇଛି।

ଏନଏସଓ ତଥ୍ୟାନୁଯାୟୀ ଜୁଲାଇ ମାସରେ ଦେଶର ୧୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମୁଦ୍ରାସ୍ଫୀତି ଜାତୀୟ ହାରାହାରି ସ୍ତରକୁ ଅତିକ୍ରମ କରିଛି। ଦେଶର ୧୯ଟି ରାଜ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ଧାର୍ଯ୍ୟ ୪ ପ୍ରତିଶତ ଲକ୍ଷ୍ୟଠାରୁ ଅଧିକ ମୁଦ୍ରାସ୍ଫୀତି ରେକର୍ଡ ହୋଇଥିବା ଜଣାଯାଇଛି। ଜୁଲାଇରେ ପ୍ରାୟ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଦ୍ରାସ୍ଫୀତି ୪ ପ୍ରତିଶତ ଅତିକ୍ରମ କରିଥିଲା ଓ ୧୧ ରାଜ୍ୟ ଜାତୀୟ ମୁଦ୍ରାସ୍ଫୀତି ହାର ୪.୪୫ ପ୍ରତିଶତ ଠାରୁ ଅଧିକ ରହିଥିଲା। ମଧ୍ୟ ପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ସିକିମରେ ମଧ୍ୟ ମୁଦ୍ରାସ୍ଫୀତି ଜାତୀୟ ହାର ୪.୪୫ ପ୍ରତିଶତଠାରୁ ଅଧିକ ରହିଛି ବର୍ଷ ଆରମ୍ଭରେ ତୁଳନାତ୍ମକ ଭାବରେ ସହଜ ମୁଦ୍ରାସ୍ଫୀତି ସହିତ ଅନେକ ରାଜ୍ୟରେ ଏହି ବୃଦ୍ଧି ବିଶେଷ ଭାବରେ ବୃଦ୍ଧି ଘଟିଛି। ▶ପୃଷ୍ଠା-୭

### 'ମୁଲତବୀ' ପରେ 'ପ୍ରୋରୋଗ' ହୋଇନାହିଁ ସଂସଦ

# ଡକାଯିବ ଜରୁରୀ ଅଧିବେଶନ !

■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ରେ ଲୋକସଭା ଓ ରାଜ୍ୟସଭାକୁ ମୁଲତବୀ ପରେ ଔପଚାରିକ ଭାବେ ଶେଷ ଘୋଷଣା ହୋଇନାହିଁ। ଉଭୟ ଗୃହକ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯିବାର ୧୦ ଦିନ ବିତିଥିଲେ ମଧ୍ୟ ଅଧିବେଶନ ପ୍ରୋରୋଗ୍ ହୋଇ ନ ଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ସରକାର ନୂଆ ଅଧିବେଶନ ନ ଡାକି କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇବାକୁ ଚାହୁଁଛି କି ବୋଲି ସାମ୍ବିଧାନିକ ବିଶେଷଜ୍ଞ ଓ ବିଭିନ୍ନ ରାଜନୈତିକ ଦଳ ସନ୍ଦେହ ପ୍ରକଟ କରିଛନ୍ତି।



ସାଧାରଣତଃ ଗୃହକୁ 'ସାଇନ୍ ଡାଇ' କରାଯିବାର ୩ରୁ ୪ ଦିନ ମଧ୍ୟରେ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରୋରୋଗେସନ୍ ସମ୍ପର୍କିତ ଘୋଷଣା ହୋଇଥାଏ। ମାତ୍ର ରବିବାର ସୁଦ୍ଧା ମୌସୁମୀ ଅଧିବେଶନର ପ୍ରୋରୋଗେସନ୍ ନେଇ କୌଣସି ବିଜ୍ଞପ୍ତି ଜାରି ହୋଇ ନାହିଁ। ସମ୍ବିଧାନ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସଂସଦର ଅଧିବେଶନ ଡାକିବା ଓ ଶେଷ କରିବାର ଔପଚାରିକ ପ୍ରକ୍ରିୟା ସମ୍ପନ୍ନ କରନ୍ତି। ମାତ୍ର ଅଧିବେଶନ ସମାପ୍ତିର ଔପଚାରିକ ପ୍ରକ୍ରିୟା ଶେଷ ହୋଇ ନ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ପୁନର୍ବାର ଡିଲିମିଟେସନ ବିଲ୍ ନିମନ୍ତେ ସରକାର ଅଧିବେଶନ ଡାକିପାରନ୍ତି ବୋଲି ଅନେକ ଆଶଙ୍କା କରିଛନ୍ତି।

୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବା ସମୟରେ ସରକାର ସଂସଦୀୟ ଓ ବିଧାନସଭା କ୍ଷେତ୍ର ସୀମା ନିର୍ଦ୍ଧାରଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ପୁନର୍ବାର ଆଣିପାରନ୍ତି ବୋଲି ମଧ୍ୟ କଂଗ୍ରେସ ସନ୍ଦେହ କରିଛି। ବଜେଟ୍ ଅଧିବେଶନ ସମୟରେ ଏଭଳି ଏକ ପ୍ରୟାସ ହୋଇଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଏହା ସଫଳ ହୋଇନଥିଲା। ମାତ୍ର ପୁଣି ଏଥିପାଇଁ ବିଜେପି ସରକାର ପ୍ରୟାସ କରିପାରେ ▶ପୃଷ୍ଠା-୭

# ଲଦାଖରେ ପ୍ରତିଷ୍ଠା ହେବ ହାଇକୋର୍ଟ ବେଞ୍ଚ

■ ଭୁବନେଶ୍ୱର, ୨୩।୮ (ସମିସ): ଲଦାଖରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦୁଇ ଦିନ ତଳେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ କୋଲାପୁରରେ ମଧ୍ୟ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଘୋଷଣା ହୋଇଛି। ଏହି ଦୁଇଟି ସ୍ଥାନର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ସ୍ୱାଗତ କରିଥିଲେ ମଧ୍ୟ ଓଡ଼ିଶା ପ୍ରତି ଏ କ୍ଷେତ୍ରରେ କାହିଁକି ବୈମାତୃକ ମନୋଭାବ ପୋଷଣ କରାଯାଉଛି, ତାକୁ ନେଇ ପ୍ରଶ୍ନ କରିଛନ୍ତି। ରବିବାର ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ବିଜେପି ସରକାର ଗଠନକୁ ଦୁଇ ବର୍ଷ ପୂରି ସାରିଛି। ହେଲେ ଗତ ନିର୍ବାଚନ ସମୟରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ବିଜେପି ନେତାମାନେ ଯେଉଁ ପ୍ରତିଶ୍ରୁତି ▶ପୃଷ୍ଠା-୭



**ପଶ୍ଚିମ ଓଡ଼ିଶାରେ କେବେ ବୋଲି ପ୍ରଶ୍ନ କଲା ବିଜେଡି**

**ସ୍ଥାନୀୟ ବିଧାୟକ, ସାଂସଦଙ୍କୁ ଯବାବ ମାଗିଲେ ରୋହିତ**

### ବଙ୍ଗୋପସାଗରରେ ପୁଣି ଲଘୁଚାପ

# ୩ ଦିନ ପର୍ଯ୍ୟନ୍ତ ବର୍ଷା

■ ଭୁବନେଶ୍ୱର, ୨୩।୮ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ରବିବାର ସକାଳ ୫ଟା ୩୦ ସମୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଶନିବାରଠାରୁ ରାଜ୍ୟରେ ପୁଣି ଏକ ନୂତନ ପର୍ଯ୍ୟାୟ ବର୍ଷା ଆରମ୍ଭ ହୋଇଛି। ଏହି ଲଘୁଚାପର ପ୍ରଭାବ ଆହୁରି ୨-୩ ଦିନ ପର୍ଯ୍ୟନ୍ତ ରହିବାକୁ ଥିବା ବେଳେ ଏହି ସମୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଏହି କ୍ରମରେ ସୋମବାର ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ବିଶେଷ କରି ସମ୍ବଲପୁର, ସୋନପୁର, ବରଗଡ଼, ବୌଦ୍ଧ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଅନୁଗୋଳ, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ବାଲାଙ୍ଗୀର ଓ ବୌଦ୍ଧରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହି ଲଘୁଚାପ ପ୍ରଭାବରେ ୨୫ ଓ ୨୬ ତାରିଖରେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି।

**ମାସ ଶେଷକୁ ପୁଣି ଏକ ଲଘୁଚାପ**

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ଲଘୁଚାପ ଯାଉ ଯାଉ ଅଗଷ୍ଟ ଶେଷ ଆଡ଼କୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବ। ▶ପୃଷ୍ଠା-୭

# ୮ ମିନିଟରେ ବୁଡ଼ିଯାଇଥିଲା 'ଓସେନ୍ ୱିନର'

## ୨ ଉଦ୍ଧାର, ଏବେ ବି ୨୨ ନିଖୋଜ

■ ଭୁବନେଶ୍ୱର/ପାରାଦୀପ, ୨୩।୮ (ସମିସ): ପାରାଦୀପ ବନ୍ଦରଠାରୁ ପ୍ରାୟ ୪୪୫ କିଲୋମିଟର ଦୂର ବଙ୍ଗୋପସାଗରରେ ପାନାମା ପତାକାଧାରୀ ମାଲବାହୀ ଜାହାଜ 'ଏମ୍‌ଭି ଓସେନ୍ ୱିନର'ର ମାତ୍ର ୨ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି ଓ ଅବଶିଷ୍ଟ ୨୨ ନାବିକ ଓ କର୍ମଚାରୀ ଏବେ ବି ନିଖୋଜ। ସେମାନଙ୍କୁ ଉଦ୍ଧାର ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଅନମୋଲ, ବିଜୟ ଓ ବରାଡ଼ ନାମକ ତିନଟି ଜାହାଜକୁ ମୁତୟନ କରାଯାଇଥିଲେ ହେଁ ଏଯାଏ ଜାହାଜର କର୍ମଚାରୀମାନଙ୍କୁ ଠାବ କରାଯାଇନାହିଁ।

ଓସେନ ୱିନରରେ ୨୪ ଜଣ କର୍ମଚାରୀ ଥିଲେ। ଏମାନଙ୍କ ମଧ୍ୟରୁ ୨୦ ଜଣ ଚୀନ ଦେଶର, ୩ ଜଣ ମିଆଁମାର ଓ ଜଣେ ବାଂଲାଦେଶୀ ନାଗରିକ ଥିଲେ। ଜାହାଜ ବୁଡ଼ିଯିବା ସମୟରେ ସମସ୍ତେ ଲାଇଫ୍ ବୋଟ୍‌ରେ ସମୁଦ୍ରକୁ ଓହ୍ଲାଇଥିଲେ।




ନିଖୋଜ ଓସେନ୍ ୱିନର

**ଉଦ୍ଧାର କାର୍ଯ୍ୟରେ ତଟରକ୍ଷୀ ବାହିନୀର ୩ ଜାହାଜ ମୁତୟନ**

ସେମାନଙ୍କ ମଧ୍ୟରୁ ଦୁଇ ଚୀନ୍ ନାଗରିକଙ୍କୁ ନିକଟରେ ଥିବା ଅନ୍ୟ ଏକ ବାଣିଜ୍ୟିକ ଜାହାଜ ଏମ୍‌ଟି ଓସୋପସ୍ ଉଦ୍ଧାର କରିଥିଲା। ମାତ୍ର ଅନ୍ୟମାନଙ୍କର ପତ୍ତା ଏଯାଏ ମିଳିନାହିଁ। ନିଖୋଜ ଅନ୍ୟ ୨୨ ଜଣଙ୍କ ସନ୍ଧାନରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା ଓ ଅନ୍ୟ ଜାହାଜଗୁଡ଼ିକ ପକ୍ଷରୁ ବ୍ୟାପକ ଅଭିଯାନ ଜାରି ରହିଛି। ସେହିପରି ନୌସେନାର ଜାହାଜ ଓ ବିମାନ ମଧ୍ୟ ସନ୍ଧାନ ଅଭିଯାନରେ ସାମିଲ ହୋଇଛି। ସମୁଦ୍ରରେ ଥିବା ଅନ୍ୟ ଜାହାଜଗୁଡ଼ିକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ସୂଚନା ଦିଆଯାଇଛି।

ଓସେନ ୱିନର ପ୍ରାୟ ୭୨,୧୦୦ ଟନ୍ ଲୁହାପଥର ଫାଇନ୍ସ ନେଇ ଶୁକ୍ରବାର ରାତି ୧୦ଟା ୪୨ ମିନିଟରେ ପାରାଦୀପ ବନ୍ଦରରୁ ଯାତ୍ରା ଆରମ୍ଭ କରିଥିଲା। ଜାହାଜଟି ସିଙ୍ଗାପୁର ଅଭିମୁଖେ ଯାଉଥିବା ନେଇ ପ୍ରାଥମିକ ସୂଚନା ମିଳିଥିଲା। ତେବେ ପରବର୍ତ୍ତୀ ସମୟରେ ଏହାର ଗନ୍ତବ୍ୟସ୍ଥଳ ଚୀନ ଥିବା କୁହାଯାଉଛି। ତେବେ ଶନିବାର ପୂର୍ବାହ୍ନ ୧୧ଟା ୪୮ ମିନିଟ୍ ସମୟରେ ଜାହାଜ ସହ ସମ୍ପୃକ୍ତ ଏକ କମ୍ପାନୀ ପକ୍ଷରୁ ଶ୍ରୀ ବିଜୟପୁରମ୍‌ସ୍ଥିତ ଆଇସିଜିର ମାରିଟାଇମ୍ ରେସ୍କ୍ୟୁ କୋଅର୍ଡିନେସନ୍ ସେଣ୍ଟର (ଏମ୍‌ଆର୍‌ସିସି)କୁ ଏକ ଜରୁରୀ ସୂଚନା ମିଳିଥିଲା। ଏମ୍‌ଭି ▶ପୃଷ୍ଠା-୭

### ବିଶ୍ୱସ୍ତରୀୟ ଶିଶୁ ଭବନରେ ଚାଲିଛି କାମଚଳା ଚିକିତ୍ସା

# ମାତ୍ର ୩୦ ଡାକ୍ତର; ନାହାନ୍ତି ୬୦ ପ୍ରତିଶତ ସେବିକା

■ କଟକ, ୨୩।୮ (ସମିସ): ପୂର୍ବ ଭାରତର ଏକ ପ୍ରମୁଖ ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନ କଟକର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନରେ ଏକାଧିକ ସମସ୍ୟା ଲାଗି ରହିଛି। ଏଠାରେ ମାତ୍ର ୩୦ଜଣ ଡାକ୍ତରରେ କାମ ଚଳାଯାଉଥିବା ବେଳେ ୬୦ପ୍ରତିଶତ ସେବିକା ପଦ ଫାଙ୍କା ପଡ଼ି ରହିଛି। ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ଥିବା ଶିଶୁରୋଗୀମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହି ପ୍ରତିଷ୍ଠା ନିର୍ମାଣ କରାଯାଇଥିଲା। ଦିନକୁ ଦିନ ଏହି ପ୍ରତିଷ୍ଠାନର ମାନବ ସମ୍ବଳ ଭିତ୍ତିଭୂମି ଦୁର୍ବଳ ହେଉଥିବା ବେଳେ ତମାମ ରାଜ୍ୟ ଓ ପଡ଼ୋଶୀ ରାଜ୍ୟରୁ ଏଠାକୁ ପ୍ରତିଦିନ ଶହ ଶହ ଶିଶୁରୋଗୀ ଆସୁଛନ୍ତି। କିନ୍ତୁ ସେମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଯେତିକି ସଂଖ୍ୟକ ଡାକ୍ତର ଏବଂ ନର୍ସ, କର୍ମଚାରୀଙ୍କ ଆବଶ୍ୟକତା ରହିଛି, ତାର ଚାରି ଭାଗରୁ ଭାଗେ ମଧ୍ୟ ନାହାନ୍ତି।



**୮୧୭ଟି ମଞ୍ଜୁରିପ୍ରାପ୍ତ ପଦରୁ ୬୧୧ ଖାଲି ପଡ଼ିଛି**

ଶିଶୁଭବନରେ ୧୧୪ଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦ ରହିଥିବା ବେଳେ ଏବେ ୩୦ ଜଣ ଡାକ୍ତର ରହିଛନ୍ତି। ଏଭଳି ସ୍ଥିତିରେ ଏଠାରେ କିଭଳି ଉନ୍ନତମାନର ଚିକିତ୍ସା ସେବା ମିଳିବ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଶିଶୁ ଭବନରେ ଶିଶୁରୋଗ ବିଶେଷଜ୍ଞଙ୍କ ସମେତ ସର୍ଜନ, ଆନେସ୍ଥେସିଓଲୋଜି, ରେଡିଓଲୋଜି, ସାଇକିଆଟ୍ରି, ପାଥୋଲୋଜି, ମାଇକ୍ରୋବାୟୋଲୋଜି, ବାୟୋକେମିଷ୍ଟ୍ରି, ମେଡିକାଲ ଅଫିସର ଆଦି ମୋଟ ୧୧୩ଟି ଡାକ୍ତର ପଦ ରହିଛି। କିନ୍ତୁ ଏଥିରୁ ମାତ୍ର ୩୦ଟି ପଦ ପୂରଣ ହୋଇଥିବା ବେଳେ ବାକି ୮୩ଟି ପଦ ଖାଲି ପଡ଼ିଛି। ଏହି ପଦରେ ▶ପୃଷ୍ଠା-୭

### ଉଠା ଜଳସେଚନ ନିଗମରେ ଅଜବ ନୀତି

# ୧୧ ପଦରେ ୩ ଅଧିକାରୀ

■ ଭୁବନେଶ୍ୱର, ୨୩।୮ (ସମିସ): ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା ଯୋଗୁଁ ସାରା ରାଜ୍ୟରେ ଚାଷୀଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଓଡ଼ିଶା ଉଠା ଜଳସେଚନ ନିଗମର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିଲେ ହେଁ ଅଜବ ନୀତି ଓ ଅପରିପକ୍ୱ ନିଷ୍ପତ୍ତି ନିଗମର ବର୍ତ୍ତମାନକୁ ପ୍ରଶ୍ନଘେରରେ ଠିଆ କରିଛି; ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ବିଡ଼ମ୍ବନା ହେଉଛି, ବର୍ଷକୁ ପ୍ରାୟ ୮୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଉଠା ଜଳସେଚନ ନିଗମ ବର୍ଷାଧିକ କାଳ ହେଲା କାମଚଳା ପରିଚାଳନା ନିର୍ଦ୍ଦେଶକଙ୍କ ଅଧୀନରେ କାମ କରୁଛି। ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଲା ମୁଖ୍ୟାଳୟରେ ୧୧ଟି ଉଚ୍ଚ ପଦରେ ମାତ୍ର ୩ ଜଣ ଅଧିକାରୀ କାମ କରୁଛନ୍ତି।

ସାରା ରାଜ୍ୟରେ ଏମିତି କୌଣସି ଡିଭିଜନ ନାହିଁ, ଯେଉଁଠାରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଆସିନାହିଁ। ବିନିଯୋଗପତ୍ର ପ୍ରଦାନରେ ବିଭ୍ରାଟ ଓ ବିନା ଖର୍ଚ୍ଚରେ ବିନିଯୋଗପତ୍ର ପ୍ରଦାନରେ ଉଠାଜଳସେଚନ ନିଗମ ସବୁଠାରୁ ଆଗରେ ଥିବା କୁହାଯାଉଛି। ତେବେ ଏଠାରେ ବିଭ୍ରାଟ ଓ ଅନିୟମିତତାକୁ ନୀତିରେ ପରିଣତ କରିଦିଆଯାଇଥିବା ଅଭିଯୋଗ ହୋଇଛି ଏବଂ ଏହାକୁ ପ୍ରୋତ୍ସାହିତ କରିବା ନିମନ୍ତେ ନୂଆ ନିଯୁକ୍ତି ଦିଆଯାଉ ନାହିଁ ଓ ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି।

**୨ ନିର୍ବାହୀ ଯନ୍ତ୍ରୀ ଓ ୨ ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି ସହକାରୀ ଯନ୍ତ୍ରୀ**

**ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଲାଉଛନ୍ତି ନିର୍ବାହୀ ଯନ୍ତ୍ରୀ ଓ ଉପନିର୍ଦ୍ଦେଶକ ଦାୟିତ୍ୱ**

**ଏକ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ପରିଚାଳନା ନିର୍ଦ୍ଦେଶକଙ୍କ ନିଯୁକ୍ତି ହୋଇନାହିଁ**

**ଇଡି ଓ ଏମ୍‌ଡି ପଦ ସମ୍ଭାଳୁଛନ୍ତି ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ**

ମିଳିଥିବା ସୂଚନା ଅନୁସାରେ, ଜନାର୍ଦ୍ଦନ ମାଝୀ ଉଠାଜଳସେଚନ ନିଗମରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଡିଜାଇନ-୧)ରେ ଅବସ୍ଥାପିତ ହୋଇଛନ୍ତି। ମାତ୍ର କୌତୂହଳର କଥା ହେଉଛି ଅନ୍ୟ ଡିଭିଜନ (ଭୁବନେଶ୍ୱର)ରେ ସେ ନିର୍ବାହୀ ଯନ୍ତ୍ରୀ ଭାବରେ ମଧ୍ୟ ଅବସ୍ଥାପିତ ଓ ଏକ ସମୟରେ ସେ ଉଠାଜଳସେଚନ ନିଗମର ଉପନିର୍ଦ୍ଦେଶକ (ଯୋଜନା) ଭାବରେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ଜଳସମ୍ପଦ ବିଭାଗର ପ୍ରାଚୀ ଡିଭିଜନରେ ସହକାରୀ ମୁଖ୍ୟ ଯନ୍ତ୍ରୀ ବିଚିତ୍ରକୁମାର ସାମଲଙ୍କ ଉପରେ ୩ଟି ଦାୟିତ୍ୱ ଲଦା ହୋଇଛି। ସେ ଏକାଧାରରେ ସହକାରୀ ମୁଖ୍ୟଯନ୍ତ୍ରୀ ପଦ ସହ ଉଠାଜଳସେଚନ ନିଗମର ବୈଷୟିକ ନିର୍ବାହୀ ନିର୍ଦ୍ଦେଶକ ପଦ ସହ ପରିଚାଳନା ନିର୍ଦ୍ଦେଶକ ପଦରେ ମଧ୍ୟ ଅବସ୍ଥାପିତ କରାଯାଇଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି ଜଣେ ସହକାରୀ ଯନ୍ତ୍ରୀ। ଅଭିଯୋଗ ଅନୁସାରେ ସହକାରୀ ଯନ୍ତ୍ରୀ (ବୈଷୟିକ) ସୁଦର୍ଶନ ଷଡ଼ଙ୍ଗୀ ଏକାଧାରରେ ୫ଟି ଦାୟିତ୍ୱ ତୁଲାଉଛନ୍ତି। ସମ୍ପ୍ରତି ସେ ମୁଖ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ସାମଗ୍ରୀ କ୍ରୟ), ନିର୍ବାହୀ ଯନ୍ତ୍ରୀ (ଡିଜାଇନ), ଅଧୀକ୍ଷଣ ଯନ୍ତ୍ରୀ (ସାମଗ୍ରୀ କ୍ରୟ ଓ ମାନ ନିୟନ୍ତ୍ରଣ) ଓ ରାଜଧାନୀଠାରୁ ୨୦୦ କିଲୋମିଟର ଦୂର ଅନୁଗୋଳ ▶ପୃଷ୍ଠା-୭

## ଫ୍ରାନ୍ସରେ ନିର୍ମାଣ ହେଲା ପ୍ରଥମ ହିନ୍ଦୁ ମନ୍ଦିର

ପ୍ୟାରିସ୍,୨୩।୮(ଏଜେନ୍ସି): ଫ୍ରାନ୍ସରେ ହିନ୍ଦୁ ଧର୍ମ ଓ ଭାରତୀୟ ସଂସ୍କୃତି ପାଇଁ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ପ୍ୟାରିସ୍ ନିକଟସ୍ଥ ବୁସି-ସାଁ-ଜର୍ଜ ଅଞ୍ଚଳରେ ନିର୍ମିତ ବୋଚାସନବାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା (ବିଏପିଏସ୍) ସ୍ୱାମୀନାରାୟଣ ହିନ୍ଦୁ ମନ୍ଦିର ସେପ୍ଟେମ୍ବର ୨୦୨୬ରେ ଉଦ୍‌ଘାଟିତ ହେବ। ଏହାକୁ ଫ୍ରାନ୍ସର ପ୍ରଥମ ବଡ଼ ହିନ୍ଦୁ ମନ୍ଦିର ଭାବେ ବର୍ଣ୍ଣନା କରାଯାଉଛି। ମନ୍ଦିର ଉଦ୍‌ଘାଟନ ଅବସରରେ ସେପ୍ଟେମ୍ବର ୨ରୁ ୧୪ ପର୍ଯ୍ୟନ୍ତ ୧୩ ଦିନିଆ 'ସଂସ୍କୃତି ମହୋତ୍ସବ' ଆୟୋଜିତ ହେବ। ଏଥିରେ ହିନ୍ଦୁ ପରମ୍ପରା, ଭାରତୀୟ କଳା, ସଙ୍ଗୀତ ଓ ସଂସ୍କୃତିର ବିଭିନ୍ନ ଦିଗ ପ୍ରଦର୍ଶିତ ହେବ। ଏହି ମନ୍ଦିର କେବଳ ପୂଜାପାଠ ପାଇଁ ସୀମିତ ରହିବ ନାହିଁ। ଏଠାରେ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ସମୁଦାୟ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଫ୍ରାନ୍ସରେ ରହୁଥିବା ଭାରତୀୟ ବଂଶୋଦ୍ଭବ, ହିନ୍ଦୁ ସମୁଦାୟ ଏବଂ ଭାରତୀୟ ସଂସ୍କୃତି ପ୍ରତି ଆଗ୍ରହୀ ଲୋକମାନେ ଉଦ୍‌ଘାଟନ ଓ ସଂସ୍କୃତି ମହୋତ୍ସବରେ ଯୋଗଦେବେ ବୋଲି ଆଶା କରାଯାଉଛି। ମନ୍ଦିରର ସବୁଠାରୁ ବିଶେଷ ଆକର୍ଷଣ ହେଉଛି ଏହାର ସ୍ଥାପତ୍ୟ। ଭାରତରୁ ସ୍ୱତନ୍ତ୍ର ଭାବେ ଖୋଦିତ ପଥର ଫ୍ରାନ୍ସକୁ ନେଇ ମନ୍ଦିର ନିର୍ମାଣରେ ବ୍ୟବହାର କରାଯାଇଛି। ପ୍ରାୟ ୧,୦୦୦ ବର୍ଷ ପୁରୁଣା ଭାରତୀୟ ପଥର ଖୋଦେଇ ପରମ୍ପରା ଅନୁସରଣ କରି କାରିଗରମାନେ ଅନେକ ପଥରକୁ ହାତରେ ସୂକ୍ଷ୍ମ ଭାବେ ଖୋଦେଇଛନ୍ତି। ଭାରତରେ ପଥରଗୁଡ଼ିକ ପ୍ରସ୍ତୁତ ହେବା ପରେ ଫ୍ରାନ୍ସକୁ ନିଆଯାଇ ସେଠାରେ ମନ୍ଦିରରେ ସଂଯୋଜନ କରାଯାଇଛି। ଏହି ନିର୍ମାଣରେ ଭାରତୀୟ କାରିଗରଙ୍କ ସହ ଫ୍ରାନ୍ସର ବିଶେଷଜ୍ଞମାନେ ମଧ୍ୟ କାମ କରିଛନ୍ତି। ଏପରିକି ନୋତ୍ର-ଦାମ୍ କ୍ୟାଥେଡ୍ରାଲର ପୁନରୁଦ୍ଧାର କାମରେ ଜଡ଼ିତ ବିଶେଷଜ୍ଞମାନେ ମଧ୍ୟ ନିର୍ମାଣରେ ସହଯୋଗ କରିଛନ୍ତି।



● ସେପ୍ଟେମ୍ବରରେ ୧୩ ଦିନିଆ ଉଦ୍‌ଘାଟନୀ ମହୋତ୍ସବ

## ୮ ବର୍ଷ ଧରି ସ୍ୱାମୀଙ୍କଠୁ ଲୁଚାଇ ରଖିଥିଲେ ମହିଳା

## ମୂଷା କାଟିଦେଲେ ୧୨ ଲକ୍ଷ ଟଙ୍କା


ଲକ୍ଷ୍ନୌ,୨୩।୮(ଏଜେନ୍ସି): ଉତ୍ତର ପ୍ରଦେଶରୁ ଜଣେ ମହିଳାଙ୍କ ଦ୍ୱାରା ସଞ୍ଚିତ ୧୨ ଲକ୍ଷ ଟଙ୍କାର ନଗଦ ଅର୍ଥକୁ ମୂଷାମାନେ କାଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ମହିଳା ଜଣକ ନିଜ ସ୍ୱାମୀଙ୍କଠାରୁ ଏହି ଅର୍ଥକୁ ଲୁଚାଇ ରଖିଥିଲେ। ନିଜ ସ୍ୱାମୀଙ୍କ ଅଗୋଚରରେ ଦୀର୍ଘ ପ୍ରାୟ ୮ ବର୍ଷ ଧରି ଏହି ବିପୁଳ ପରିମାଣର ନଗଦ ଅର୍ଥ ସଞ୍ଚୟ କରିଆସୁଥିଲେ। ସେ ଏହି ସଞ୍ଚିତ ଟଙ୍କାକୁ ଘରେ ଥିବା ଏକ ଟ୍ରଙ୍କ ଭିତରେ ସୁରକ୍ଷିତ ଭାବେ ରଖିଥିଲେ। ସଞ୍ଚିତ ଅର୍ଥରେ ସୁନା ଗହଣା କିଣିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। କିନ୍ତୁ ଯେତେବେଳେ ମହିଳା ଜଣକ ସେହି ଟ୍ରଙ୍କଟିକୁ ଖୋଲିଥିଲେ, ସେତେବେଳେ ସେ ଦେଖିବାକୁ ପାଇଲେ ଯେ ସଞ୍ଚିତ ନୋଟ୍‌ଗୁଡ଼ିକୁ ମୂଷାମାନେ କାଟି ନଷ୍ଟ କରିଦେଇଛନ୍ତି। ଉକ୍ତ ଟ୍ରଙ୍କ ଭିତରେ ରହିଥିବା ଅନେକ ନୋଟ୍‌କୁ ମୂଷାମାନେ ସମ୍ପୂର୍ଣ୍ଣ ଭାବେ କୁଡୁରି କ୍ଷତିଗ୍ରସ୍ତ କରିଦେଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଏହି ନଷ୍ଟ ହୋଇଯାଇଥିବା ନଗଦ ଟଙ୍କାର ଏକ ଭିଡିଓ ଅନଲାଇନରେ ବହୁଳ ଭାବେ ଭାଇରାଲ୍ ହେବାରେ ଲାଗିଛି।



## ଦିଲ୍ଲୀରେ ମଧ୍ୟ ଆଇଫୋନ୍ ଇଏମ୍‌ଆଇ ଚିନ୍ତା

## ଯମୁନା ନଦୀକୁ ଡେଇଁ ନୃତ୍ୟ ଶିକ୍ଷକଙ୍କ ଆତ୍ମହତ୍ୟା ଉଦ୍ୟମ

ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ମହାରାଷ୍ଟ୍ରରେ ଫୋନ୍ ପାଇଁ ପରିବାର ନିଶ୍ଚିହ୍ନ ହେବା ଭଳି ଦୁଃଖଦ ଘଟଣା ପରେ ଦିଲ୍ଲୀରୁ ମଧ୍ୟ ସମାନ ପ୍ରକାରର ଘଟଣା ସାମ୍ନାକୁ ଆସିଛି। ଆଇଫୋନ୍ କିସ୍ତି ବା ଇଏମ୍‌ଆଇ ଟଙ୍କା ପୈଠ କରିନପାରି ଜଣେ ନୃତ୍ୟ ଶିକ୍ଷକ ଯମୁନା ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତେବେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀଙ୍କ ସତର୍କତା ଯୋଗୁଁ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଯୁବକଜଣକ ହେଲେ ଦିଲ୍ଲୀର ଓଖ୍ଲା ଅଞ୍ଚଳରେ ରହୁଥିବା ୩୦ ବର୍ଷୀୟ ନୃତ୍ୟ ଶିକ୍ଷକ ଦୀପକ କୁମାର। ସେ ପରିବାର ପ୍ରତିପୋଷଣ ପାଇଁ ନୃତ୍ୟ ଶିକ୍ଷାଦାନ ସହିତ ବଗିଚା କାମ ମଧ୍ୟ କରନ୍ତି। ଗତ କିଛି ମାସ ହେବ ତାଙ୍କର ଆୟ କମିଯାଇଥିଲା, ଯେଉଁଥିପାଇଁ ସେ କିଣିଥିବା ଆଇଫୋନର ମାସିକ କିସ୍ତି ପୈଠ କରିପାରି ନଥିଲେ। ଏହି ଆର୍ଥିକ ଚାପ ଏବଂ ମାନସିକ ଅବସାଦ କାରଣରୁ ସେ ଗତ ଶୁକ୍ରବାର କାଳୀନ୍ଦୀ କୁଞ୍ଜର ଏକ ଘାଟରୁ ଯମୁନା ନଦୀକୁ ଡେଇଁ ପଡ଼ିଥିଲେ। ସେଠାରେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀମାନେ ତାଙ୍କୁ ପାଣିରେ ବୁଡୁଥିବାର ଦେଖି ତୁରନ୍ତ ଉଦ୍ଧାରକାରୀ ବୋଟ୍ ପଠାଇ ତାଙ୍କୁ ସୁରକ୍ଷିତ ଭାବେ ବାହାର କରିଆଣିଥିଲେ। ପୁଲିସ ପକ୍ଷରୁ ତାଙ୍କୁ ଆଶ୍ୱାସନା ଏବଂ ପରାମର୍ଶ ଦିଆଯିବା ପରେ ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟଙ୍କୁ ଥାନାକୁ ଡକାଇ ସୁରକ୍ଷିତ ଭାବେ ଘରକୁ ପଠାଇ ଦିଆଯାଇଛି। ମୋବାଇଲ ଫୋନକୁ ନେଇ କେବଳ ଛୋଟ ପିଲାଙ୍କ ମଧ୍ୟରେ ନୁହେଁ, ବୟସ୍କ ଲୋକମାନେ ମଧ୍ୟ ମୋହରେ ପଡୁଛନ୍ତି ବୋଲି ଏହି ଘଟଣାରୁ ପ୍ରମାଣିତ ହେଉଛି। ମୋବାଇଲ ଫୋନକୁ ନେଇ ବୃଦ୍ଧିପାଉଥିବା ଏହି ଭାବ ପ୍ରବଣତା ଏକ ନୂଆ ସାମାଜିକ ସମସ୍ୟା ରୂପେ ଉଭା ହୋଇଛି।



## ତୁର୍କୀରୁ ପହଞ୍ଚିଲା ଡ୍ରୋନ୍ ସହ ସାମରିକ ସାମଗ୍ରୀ

# ପ୍ରତିରକ୍ଷା ଚୁକ୍ତି ଆଳରେ ପାକିସ୍ତାନର ଅସ୍ତ୍ର ସଂଗ୍ରହ

ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ସାଉଦି ଆରବ ଓ ତୁର୍କୀ ସହ ପ୍ରତିରକ୍ଷା ସହଯୋଗକୁ ଆଧାର କରି ପାକିସ୍ତାନ ନିଜର ସାମରିକ ଅସ୍ତ୍ରଭଣ୍ଡାର ବଢ଼ାଉଥିବା ଦାବି କରାଯାଇଛି। ଅଗଷ୍ଟ ୧୯ରୁ ୨୧ ମଧ୍ୟରେ ପ୍ରାୟ ୬୦ ଘଣ୍ଟା ମଧ୍ୟରେ ତୁର୍କୀର ଅନେକ ସାମରିକ ବିମାନ ପାକିସ୍ତାନର ବିଭିନ୍ନ ବାୟୁସେନା ଘାଟିରେ ଯାତାୟାତ କରିଥିବା ସୂଚନା ମିଳିଛି। ଏଥିରେ ସି-୧୩୦ ସାମରିକ ପରିବହନ ବିମାନ ଓ ଏ-୪୦୦ଏମ୍ ବିମାନ ସାମିଲ ଥିବା ଦାବି କରାଯାଇଛି। ତୁର୍କୀ ପକ୍ଷରୁ ପାକିସ୍ତାନକୁ ବିଭିନ୍ନ ପ୍ରକାରର ଡ୍ରୋନ ଓ ପ୍ରତିରକ୍ଷା ସାମଗ୍ରୀ ପଠାଯାଇଥିବା ରିପୋର୍ଟରେ କୁହାଯାଇଛି।




ରିପୋର୍ଟ ଅନୁସାରେ, ପାକିସ୍ତାନ ତୁର୍କୀଠାରୁ ବାୟରାକ୍ତାର ଟିବି-୨, ଆକିନ୍ସି ଡ୍ରୋନ୍ ଏବଂ କେମାଙ୍କଶ୍ କ୍ରୁଜ୍ କ୍ଷେପଣାସ୍ତ୍ର ଭଳି ଆଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି ପାଇଥିବା ଦାବି ହୋଇଛି। ପାକିସ୍ତାନର ଏଫ୍-୧୬ ଯୁଦ୍ଧବିମାନର ଉନ୍ନତିକରଣରେ ମଧ୍ୟ ତୁର୍କୀ ସହଯୋଗ କରିଥିବା କୁହାଯାଇଛି। ଅଗଷ୍ଟ ୭ରେ ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ମଧ୍ୟରେ ହୋଇଥିବା ମକ୍କା ଯୁକ୍ତ ପ୍ରତିରକ୍ଷା ଚୁକ୍ତିକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ଏହି ଚୁକ୍ତିର ମୁଖ୍ୟ ଧାରଣା ହେଉଛି ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ ଅନ୍ୟ ଦେଶଗୁଡ଼ିକ ସହାୟତା କରିବେ।

ଏହି କାରଣରୁ ଏହାକୁ ନାଟୋ ଭଳି ସାମରିକ ସହଯୋଗ ବ୍ୟବସ୍ଥା ସହ ତୁଳନା କରାଯାଉଛି। ଅନ୍ୟପକ୍ଷରେ, ବେଲୁଚିସ୍ତାନରେ ବଢୁଥିବା ସଶସ୍ତ୍ର ବିଦ୍ରୋହ ପାକିସ୍ତାନ ସରକାର ପାଇଁ ବଡ଼ ଚାଲେଞ୍ଜ ହୋଇଛି। ବେଲୁଚିସ୍ତାନ ଲିବରେସନ୍ ଆର୍ମି ସମେତ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀ ସକ୍ରିୟ ଥିବା ରିପୋର୍ଟରେ ଦାବି କରାଯାଇଛି। ପାକିସ୍ତାନ ସେନା ବେଲୁଚିସ୍ତାନରେ ନିଜର ନିୟନ୍ତ୍ରଣ ମଜବୁତ କରିବା ପାଇଁ ନୂଆ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତି କରୁଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ତୁର୍କୀ, ସାଉଦି ଆରବ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ପ୍ରତିରକ୍ଷା ସହଯୋଗ ଦକ୍ଷିଣ ଏସିଆ ଓ ପଶ୍ଚିମ ଏସିଆର ଭୂ-ରାଜନୈତିକ ସମୀକରଣକୁ ନୂଆ ଦିଗ ଦେଇପାରେ। ତେବେ ତୁର୍କୀରୁ ନିର୍ଦ୍ଦିଷ୍ଟ ଅସ୍ତ୍ର ଓ ଡ୍ରୋନ ଯୋଗାଣ ସମ୍ପର୍କିତ ଏହି ଦାବିଗୁଡ଼ିକୁ ସ୍ୱାଧୀନ ଭାବେ ନିଶ୍ଚିତ କରାଯାଇଛି କି ନାହିଁ, ସେଥିପାଇଁ ସତର୍କ ରହିବା ଆବଶ୍ୟକ।

## ମୁଖ୍ୟମନ୍ତ୍ରୀ ମାନ୍‌ଙ୍କ ପତ୍ନୀଙ୍କ ବିରୋଧରେ ୫ କୋଟିର ଲାଞ୍ଚ ଅଭିଯୋଗ

ଚଣ୍ଡୀଗଡ଼,୨୩।୮(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ପତ୍ନୀ ଗୁରପ୍ରୀତ କୌରଙ୍କ ବିରୋଧରେ ଏକ ଦୁଷ୍କର୍ମ ମାମଲାକୁ ଲୁଚାଇବା ପାଇଁ ୫ କୋଟି ଟଙ୍କା ମାଗିଥିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ପଞ୍ଜାବ ରାଜନୀତିରେ ତୁମ୍ବିତୋଫାନ ଦେଖାଦେଇଥିବାବେଳେ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଜାତୀୟ ମାନବାଧିକାର ଆୟୋଗ ଏହି ମାମଲାରେ ନୋଟିସ୍ ଜାରି କରିବା ପରେ ବିରୋଧୀ ଦଳଗୁଡ଼ିକ ଆକ୍ରମଣାତ୍ମକ ହୋଇଛନ୍ତି। ପଞ୍ଜାବର ଶିରୋମଣି ଅକାଳୀ ଦଳ ଏବଂ କଂଗ୍ରେସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ତାଙ୍କର ଇସ୍ତଫା ଦାବି କରିଛନ୍ତି। ଅଭିଯୋଗ ହୋଇଛି ଯେ ଜଣେ ଅବସରପ୍ରାପ୍ତ ବିଚାରପତି ସର୍ବସାଧାରଣରେ ଏହି ଟଙ୍କା ଲେଣଦେଣ କଥା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, ଆମ୍ ଆଦମୀ ପାର୍ଟି ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଏବଂ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ଦଳର ମହିଳା ମୋର୍ଚ୍ଚା ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଏହି ମାମଲାରେ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ମିଥ୍ୟା ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ପଠାଯାଇଛି। ଆଗକୁ ନିର୍ବାଚନ ଥିବାରୁ ଏହି ପ୍ରସଙ୍ଗ ପଞ୍ଜାବ ରାଜନୀତିକୁ ପୂରା ସରଗରମ କରିଛି।



## ପ୍ରତିରକ୍ଷା ମନ୍ତ୍ରଣାଳୟର ଗର୍ଭବତୀ ମହିଳା ଅଧିକାରୀ ମୃତ

ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ସହକାରୀ ସେକ୍ସନ ଅଧିକାରୀ ତଥା ୩୦ ବର୍ଷୀୟା ଗର୍ଭବତୀ ମହିଳା ନାଜିଆ ଖାନମ୍‌ଙ୍କୁ ରହସ୍ୟଜନକ ଅବସ୍ଥାରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକଙ୍କ ପରିବାର ପକ୍ଷରୁ ସ୍ୱାମୀ ଏବଂ ଶାଶୂଘର ଲୋକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଅଣାଯାଇଛି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୧ରେ ନାଜିଆଙ୍କର ଆଜମ ଅଲି ଖାନଙ୍କ ସହିତ ବିବାହ ହୋଇଥିଲା। ବିବାହର ମାତ୍ର ୪ ମାସ ପରେ ଏଭଳି ଦୁଃଖଦ ଘଟଣା ଘଟିଛି। ସେ ତିନି ମାସର ଗର୍ଭବତୀ ମଧ୍ୟ ଥିଲେ। ବିବାହ ପରଠାରୁ ସ୍ୱାମୀ, ଶାଶୂ ସମିନ ନିଶା ଏବଂ ଶ୍ୱଶୁର ବାବର ଅଲି ଖାନ ତାଙ୍କୁ କ୍ରମାଗତ ଭାବେ ଗାଳିଗୁଲଜ, ମାଡ଼ପିଟ୍ ଏବଂ ଘରୁ ବାହାର କରିଦେବାକୁ ଧମକ ଦେଉଥିବା ନେଇ ସେ ପରିବାରକୁ ଜଣାଇଥିଲେ। ଗତ ଅଗଷ୍ଟ ୨୧ ତାରିଖ ଭୋର ପ୍ରାୟ ୪ଟା ସମୟରେ ନାଜିଆ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାରକୁ ଖବର ମିଳିଥିଲା। କିନ୍ତୁ ଏହା ଏକ ଆତ୍ମହତ୍ୟା ନୁହେଁ ବରଂ ଏହା ଏକ ହତ୍ୟା ବୋଲି ପରିବାର ଲୋକେ ସନ୍ଦେହ କରିଛନ୍ତି। ନାଜିଆଙ୍କ ପିତା ତାଙ୍କ ସ୍ୱାମୀଙ୍କୁ ଏହି ମୃତ୍ୟୁ ପାଇଁ ଦାୟୀ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।



ଶାଶୂଘର ଲୋକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

## କାଶ୍ମୀରର ୧୦ଟି ସ୍ଥାନରେ ଏନ୍‌ଆଇଏ ଚଢ଼ଉ

ଶ୍ରୀନଗର, ୨୩।୮ (ଏଜେନ୍ସି): ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ଜାତୀୟ ତଦନ୍ତ ସଂସ୍ଥା ଏନ୍‌ଆଇଏ କାଶ୍ମୀରର ୧୦ଟି ସ୍ଥାନରେ ଚଢ଼ଉ କରିଛି। ଶ୍ରୀନଗର, କୁପୱାରା, ଅନନ୍ତନାଗ, ପୁଲୱାମା ଓ ବଡଗାମରେ ଏହି ତଲାସି ହୋଇଛି। ପାକିସ୍ତାନରୁ ପରିଚାଳିତ ଆତଙ୍କବାଦୀ ନେଟୱର୍କ ଓ ସ୍ଥାନୀୟ ଓଭରଗ୍ରାଉଣ୍ଡ ୱର୍କର୍ (ଓଜିଡବ୍ଲ୍ୟୁ)ଙ୍କ ଭୂମିକା ସମ୍ପର୍କରେ ତଦନ୍ତ ଚାଲିଛି। ଏହି ସ୍ଥାନୀୟ ସହଯୋଗୀମାନେ ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କୁ ଆଶ୍ରୟ, ଯାତାୟାତ, ଲୁଚାଇବା ଓ ଅନ୍ୟାନ୍ୟ ସହାୟତା ଯୋଗାଇଥିବା ଅଭିଯୋଗ ରହିଛି। ମାର୍ଚ୍ଚ ୩୧ରେ ଲସ୍କର-ଏ-ତୋଏବା ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ଓଜିଡବ୍ଲ୍ୟୁଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆଗକୁ ବଢ଼ିଥିଲା। ତାଙ୍କଠାରୁ ହ୍ୟାଣ୍ଡଗ୍ରେନେଡ୍ ଓ ଗୁଳି ଜବତ ହୋଇଥିଲା। ଏନ୍‌ଆଇଏ ଏବେ ଦଲିଲ, ଡିଜିଟାଲ ତଥ୍ୟ, ଅସ୍ତ୍ରଶସ୍ତ୍ର, ଆର୍ଥିକ କାରବାର ଓ ଯୋଗାଯୋଗ ମାଧ୍ୟମ ସମ୍ପର୍କରେ ପ୍ରମାଣ ସଂଗ୍ରହ କରୁଛି। ଏହି ନେଟୱର୍କର ସମ୍ପୂର୍ଣ୍ଣ ଗଠନ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ଚିହ୍ନଟ କରିବା ତଦନ୍ତର ମୁଖ୍ୟ ଉଦ୍ଦେଶ୍ୟ।

■ ଅପରେସନ୍ ସିନ୍ଦୂର ୧୫ ମାସ ପରେ

## ପୁଣି ନିର୍ମାଣ ହେଲା ଜୈଶ୍‌ର ବାହାବଲପୁର ଘାଟି

ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର' ଆକ୍ରମଣରେ ପାକିସ୍ତାନର ବାହାବଲପୁରସ୍ଥିତ ଜୈଶ-ଏ-ମହମ୍ମଦର ପ୍ରମୁଖ ଘାଟି 'ମର୍କଜ ସୁଭାନ ଆଲ୍ଲାହ' ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୧୫ ମାସ ପରେ ଏହି ପରିସରର ପୁନଃନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଦାବି କରାଯାଇଛି। ଏହାର ପୁନଃନିର୍ମାଣର ଭିଡିଓ ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ପଞ୍ଜାବ ପ୍ରଦେଶରେ ଥିବା ଏହି ବିଶାଳ ପରିସରରେ ନୂଆ ମାର୍ବଲ ଲଗାଯାଇଛି, ନୂଆ ରଙ୍ଗ ଓ ପ୍ଲାଷ୍ଟର କରାଯାଇଛି। ଆକ୍ରମଣରେ କ୍ଷତିଗ୍ରସ୍ତ ଗୁମ୍ବଜଗୁଡ଼ିକୁ ମଧ୍ୟ ପୁଣି ନିର୍ମାଣ କରାଯାଇଛି। ମୁଖ୍ୟ ହଲ୍‌ରେ ହୋଇଥିବା କ୍ଷତିର ଚିହ୍ନ ଓ ଗର୍ତ୍ତଗୁଡ଼ିକୁ ପୂରଣ କରି ଭବନକୁ ପୁଣି ସଜାଯାଇଛି। ଇଣ୍ଡିଆ ଟୁଡେର ଗୁପ୍ତଚର ସୂଚନା ଅନୁସାରେ, ଜୈଶ-ଏ-ମହମ୍ମଦର ଏହି ଘାଟିର ପୁନଃନିର୍ମାଣ ପାଇଁ ପ୍ରାୟ ୨୫ କୋଟି ପାକିସ୍ତାନୀ ଟଙ୍କା କିସ୍ତିରେ ଦିଆଯାଇଥିବା ଦାବି ହୋଇଛି। ଏଥିରୁ ପ୍ରାୟ ୧୧ କୋଟି ପାକିସ୍ତାନୀ ଟଙ୍କା କେବଳ ମୁଖ୍ୟ ହଲ୍‌ର ପୁନଃନିର୍ମାଣରେ ଖର୍ଚ୍ଚ ହୋଇଥିବା କୁହାଯାଇଛି। ମୁଖ୍ୟ ପରିସର ନିକଟରେ ଥିବା ମଦ୍ରାସା ଅଲ୍-ସାବିର ଓ ଜୈଶ ନେତାଙ୍କ ଆବାସିକ ଅଞ୍ଚଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଅଞ୍ଚଳରେ ମଧ୍ୟ ପୁଣି ନିର୍ମାଣ କାମ ଆରମ୍ଭ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୫ ମେ ୭ରେ ଭାରତ 'ଅପରେସନ ସିନ୍ଦୂର' ଅଧୀନରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା। ଏହାର ପୃଷ୍ଠଭୂମିରେ ଥିଲା ୨୦୨୫ ଏପ୍ରିଲ ୨୨ର ପହଲଗାମ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଅଭିଯାନରେ ବାହାବଲପୁରର 'ମର୍କଜ ସୁଭାନ ଆଲ୍ଲାହ' ମଧ୍ୟ ଭାରତୀୟ ଆକ୍ରମଣର ଲକ୍ଷ୍ୟ ହୋଇଥିଲା। ଆକ୍ରମଣ ପରେ ଏହି ପରିସରର ଅନେକ ଅଂଶ ବହୁ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଥିଲା। 'ମର୍କଜ ସୁଭାନ ଆଲ୍ଲାହ' ପ୍ରାୟ ୧୮ ଏକର ଅଞ୍ଚଳରେ ଅବସ୍ଥିତ। ଏହାକୁ 'ଉସମାନ-ଓ-ଅଲି କ୍ୟାମ୍ପସ' ନାମରେ ମଧ୍ୟ ଜଣାଯାଏ। ଏଠାରେ ମସଜିଦ ସହିତ ଅନ୍ୟାନ୍ୟ ଭବନ ଓ ସୁବିଧା ଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ଏହି କେନ୍ଦ୍ର ଜୈଶ-ଏ-ମହମ୍ମଦର କ୍ୟାଡର ନିଯୁକ୍ତି, ପ୍ରଶିକ୍ଷଣ ଓ ଚିନ୍ତାଧାରାଗତ ପ୍ରସ୍ତୁତି ସହ ଜଡ଼ିତ ଥିଲା। ଏହି ସଂଗଠନକୁ ପାକିସ୍ତାନ ୨୦୦୨ରେ ନିଷିଦ୍ଧ କରିଥିଲେ ମଧ୍ୟ, ଏହାର ନେତାମାନେ ପାକିସ୍ତାନରେ ରହି କାର୍ଯ୍ୟକଳାପ ଜାରି ରଖିଥିବା ଭାରତୀୟ ରିପୋର୍ଟରେ ଦାବି କରାଯାଇଛି। ଜୈଶ-ଏ-ମହମ୍ମଦ ସହ ୨୦୦୧ର ସଂସଦ ଆକ୍ରମଣ, ୨୦୧୬ର ପଠାନକୋଟ ବାୟୁସେନା ଘାଟି ଆକ୍ରମଣ ଏବଂ ୨୦୧୯ର ପୁଲୱାମା ଆତ୍ମଘାତୀ ଆକ୍ରମଣ ଭଳି ଅନେକ ବଡ଼ ଆତଙ୍କବାଦୀ ଘଟଣାର ସମ୍ପର୍କ ଥିବା ଅଭିଯୋଗ ରହିଛି। ୨୦୨୫ ମେ ୭ର ଭାରତୀୟ ଆକ୍ରମଣରେ ଜୈଶ ମୁଖ୍ୟ ମସୁଦ ଅଜହରଙ୍କ କିଛି ସମ୍ପର୍କୀୟ ମଧ୍ୟ ନିହତ ହୋଇଥିବା ଜୈଶ ପକ୍ଷରୁ ଦାବି କରାଯାଇଥିଲା।



## ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ନାଗେଶ୍ୱର ରାଓଙ୍କୁ ଗିରଫ କଲା ଇଡି

ଅମରାବତୀ,୨୩।୮(ଏଜେନ୍ସି): ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ୱାଇଏସଆରସିପି ନେତା କାରୁମୁରୀ ନାଗେଶ୍ୱର ରାଓଙ୍କୁ ରବିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ପୂର୍ବତନ ସରକାରଙ୍କ ଶାସନ କାଳରେ ରାଜ୍ୟରେ ମଦ ପରିବହନରେ ହୋଇଥିବା ଅନିୟମିତତା ଏବଂ ଅର୍ଥ ହେରଫେର ମାମଲାରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତାଙ୍କୁ ଅର୍ଥ ହେରଫେର ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଗିରଫ କରାଯାଇଛି। ପୂର୍ବରୁ ଜୁନ୍‌ରେ ଏହି ମାମଲାରେ ଇଡି ନାଗେଶ୍ୱର ରାଓଙ୍କ ପୁଅ କାରୁମୁରୀ ସୁନୀଲ କୁମାରଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ନାଗେଶ୍ୱର ରାଓ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ. ଜଗନ ମୋହନ ରେଡ୍ଡୀଙ୍କ ସରକାରରେ ନାଗରିକ ଯୋଗାଣ ମନ୍ତ୍ରୀ ରହିଥିଲେ। ସେତେବେଳେ ରାଜ୍ୟରେ ମଦ ପରିବହନ କ୍ଷେତ୍ରରେ ବ୍ୟାପକ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା ଏବଂ ସରକାରୀ କୋଷାଗାରରୁ ପ୍ରାୟ ୧୯୫.୩୩ କୋଟି ଟଙ୍କାର ହେରଫେର ହୋଇଥିବା ଇଡିର ତଦନ୍ତରୁ ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତି କରି ଚଳିତ ବର୍ଷ ମେ ମାସରେ ଇଡି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ସଂପୃକ୍ତ ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ପୂର୍ବରୁ ଗିରଫ ହୋଇଛନ୍ତି। ଏହାସହ ଇଡି ରାଜ୍ୟ ପାନୀୟ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଦୋନ୍ତିରେଡ୍ଡୀ ବାସୁଦେବ ରେଡ୍ଡୀ ଏବଂ ମୁଖ୍ୟ ଅଭିଯୁକ୍ତ କାଶୀରେଡ୍ଡୀ ରାଜା ଶେଖର ରେଡ୍ଡୀଙ୍କୁ ମଧ୍ୟ ଗିରଫ କରିଛି।



## ଜାପାନ୍‌ରେ ୫.୯ ତୀବ୍ରତାର ଭୂମିକମ୍ପ

ଟୋକିଓ,୨୩।୮(ଏଜେନ୍ସି): ଜାପାନର ରାଜଧାନୀ ଟୋକିଓ ସମେତ କାଣ୍ଟୋ ଅଞ୍ଚଳରେ ରବିବାର ୫.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପରେ ୩୭ ଜଣ ଆହତ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣ ଇବାରାକି ପ୍ରିଫେକ୍ଚରରେ ଭୂପୃଷ୍ଠଠାରୁ ପ୍ରାୟ ୬୮ କିଲୋମିଟର ଗଭୀରରେ ଥିଲା। ପ୍ରାୟ ଏକ ମିନିଟ୍ ଧରି ଏହାର କମ୍ପନ ଅନୁଭୂତ ହୋଇଥିଲା। ଭୂମିକମ୍ପ ପରେ ଜାପାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୁନାମି ସତର୍କତା ଜାରି କରାଯାଇନାହିଁ। ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ ସମାନ ତୀବ୍ରତାର ଆଫ୍ଟରଶକ୍ ହୋଇପାରେ ବୋଲି ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଭୂମିକମ୍ପ ଯୋଗୁଁ କାଣ୍ଟୋ ଅଞ୍ଚଳରେ ରେଳ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ଅନେକ ଟ୍ରେନ୍ ଲାଇନ୍‌ରେ ବିଳମ୍ବ ଦେଖାଦେଇଥିଲା।

## ୧୧ ବର୍ଷରେ ରେକର୍ଡ ଖର୍ଚ୍ଚ

# କେନ୍ଦ୍ର ମନ୍ତ୍ରୀମାନଙ୍କ ବାସଭବନ ମରାମତିରେ ୫୭୪ କୋଟି ବ୍ୟୟ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଦିଲ୍ଲୀର ପ୍ରତିଷ୍ଠିତ ଲୁଟିୟନ୍ସ ବଙ୍ଗଳା ଜୋନରେ କେନ୍ଦ୍ର ମନ୍ତ୍ରୀମାନଙ୍କ ସରକାରୀ ବାସଭବନ ଗୁଡ଼ିକ ରହିଛି। ତେବେ ସେଗୁଡ଼ିକର ନବୀକରଣ, ସାଜସଜ୍ଜା ଏବଂ ମରାମତି ବାବଦରେ ବିଗତ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ୯୨.୩୫ କୋଟି ଟଙ୍କା ବ୍ୟୟ କରାଯାଇଛି। ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅଧୀନରେ ଦାଖଲ କରାଯାଇଥିବା ଏକ ପ୍ରଶ୍ନର ଉତ୍ତରରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ୨୦୧୪-୧୫ ବର୍ଷରେ ଏହି ଖର୍ଚ୍ଚ ୨୭.୪୭ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ପ୍ରାୟ ତିନି ଗୁଣରୁ ଅଧିକ ବୃଦ୍ଧି ପାଇଛି। ୧୧ ବର୍ଷରେ ୫୪୭ କୋଟିରୁ ଅଧିକ ବ୍ୟୟ ହୋଇଥିବା ଜଣାପଡ଼ିଛି। ସରକାରୀ ସୂଚନା ଅନୁଯାୟୀ, ୨୦୧୪-୧୫ ରୁ ୨୦୨୫-୨୬ ମଧ୍ୟରେ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଓ ନିର୍ମାଣ ବିଭାଗ (ସିପିଡବ୍ଲ୍ୟୁଡି) ମାଧ୍ୟମରେ ଏହି ସରକାରୀ ବାସଭବନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସମୁଦାୟ ୫୪୭.୬୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସିପିଡବ୍ଲ୍ୟୁଡି ଅନୁସାରେ, ମୁଦ୍ରାସ୍ଫୀତି ଏବଂ ପ୍ରାୟ ଶତାବ୍ଦୀ ପୁରୁଣା ଏହି ଔପନିବେଶିକ ଅଟ୍ଟାଳିକାଗୁଡ଼ିକର ରକ୍ଷଣାବେକ୍ଷଣ ବ୍ୟୟ ବଢିବା ଯୋଗୁଁ ୨୦୨୫-୨୬ର ଆର୍ଥିକ ବ୍ୟୟ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଏହି ବଙ୍ଗଳାଗୁଡ଼ିକ ପ୍ରାୟ ୮୦, ୯୦ କିମ୍ବା ୧୦୦ ବର୍ଷର ପୁରୁଣା। ଏଠାରେ ଥିବା ବାସଭବନଗୁଡ଼ିକର କାନ୍ଥ ଓ ଛାତରୁ ପାଣି ଗଳିବା, ଉଇ ଲାଗିବା, ପୁରୁଣା ବୈଦ୍ୟୁତିକ ବ୍ୟବସ୍ଥା ଏବଂ ପ୍ଲମ୍ବିଂ ତ୍ରୁଟି ଭଳି ସମସ୍ୟା କ୍ରମାଗତ ଭାବେ ଦେଖାଦେଉଛି। କେତେକ ବଙ୍ଗଳା ଅସୁରକ୍ଷିତ ହୋଇପଡ଼ିଥିବାରୁ ସେଗୁଡ଼ିକର ଜରୁରୀ ମରାମତି ଆବଶ୍ୟକ ହେଉଛି। ଦିଲ୍ଲୀର ଏହି ପ୍ରସିଦ୍ଧ ବଙ୍ଗଳା ଜୋନ୍ ୧୯୧୨ ରୁ ୧୯୩୦ ମଧ୍ୟରେ ବ୍ରିଟିଶ ଶାସନ କାଳରେ ଭାରତରେ ସାମ୍ରାଜ୍ୟବାଦୀ ଶାସନର ରାଜଧାନୀ ଭାବେ ନିର୍ମିତ ହୋଇଥିଲା। ତାହାକୁ ସ୍ୱାଧୀନତା ପରେ ସରକାରୀ ପଦାଧିକାରୀଙ୍କ ବାସଭବନରେ ରୂପାନ୍ତରିତ କରାହୋଇଥିଲା।

୨୦୨୫-୨୬ରେ ଖର୍ଚ୍ଚ ହୋଇଛି ୯୨ କୋଟି

## ପ୍ରଥମ ମହିଳା ମିମିକ୍ରି କଳାକାର ଆଶା ସିଂହଙ୍କ ପରଲୋକ

ମୁମ୍ବଇ,୨୩।୮(ଏଜେନ୍ସି): ବିଶିଷ୍ଟ ଅଭିନେତ୍ରୀ, ସମାଜସେବୀ ଏବଂ ପ୍ରସିଦ୍ଧ ମିମିକ୍ରି କଳାକାର ଆଶା ସିଂହ ଜୈସୱାଲଙ୍କର ପରଲୋକ ଘଟିଛି। ଗତକାଲି ସନ୍ଧ୍ୟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପୁତ୍ର ଆକାଶ ଭରଦ୍ୱାଜ ସୋସିଆଲ ମିଡିଆ ମାଧ୍ୟମରେ ଏହି ଦୁଃଖଦ ଖବର ଜଣାଇଛନ୍ତି। ଭାରତର ପ୍ରଥମ ମହିଳା ମିମିକ୍ରି କଳାକାର ଭାବେ ଅଭିନେତ୍ରୀ ମୀନା କୁମାରୀଙ୍କ ସ୍ୱରର ନକଲ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଅଭିନୟ ଏବଂ ମିମିକ୍ରି ବ୍ୟତୀତ ସେ ସମାଜସେବା କ୍ଷେତ୍ରରେ ମଧ୍ୟ ସକ୍ରିୟ ଥିଲେ।



**ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା**

# ଘରୋଇ କଲେଜ ଅଧ୍ୟାପକ, ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୨୩।୮ (ସମିସ): ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବା ବିଇଡି କଲେଜରେ ନିଯୁକ୍ତ ଅଯୋଗ୍ୟ କୁହାଯାଉଥିବା ୧୨୦ ଜଣ ଅଧ୍ୟାପକଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ପରେ ବିଇଡ଼ି କଲେଜ ଖାଲି। ପୂର୍ବରୁ ଏନ୍‌ସିଟିଇ ମାର୍ଗଦର୍ଶିକା ଅନୁସାରେ ଅଯୋଗ୍ୟ କୁହାଯାଉଥିବା ବ୍ୟକ୍ତିମାନଙ୍କୁ ଅଧ୍ୟାପକ ନିଯୁକ୍ତିକୁ ନେଇ ଅକଳରେ ପଡ଼ିବା ପରେ ଏବେ ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ବୃଦ୍ଧି ପାଇଛି। ଅଧ୍ୟାପକଙ୍କ ଅଭାବ ଥିବାଯୋଗୁଁ ବିଇଡ଼ି କଲେଜରେ ଶିକ୍ଷାଦାନ ବ୍ୟାହତ ହେବା ଆଶଙ୍କା ଥିବାରୁ ଏହାର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ଯେନତେଣ ପ୍ରକାରେ

■ ଉଚ୍ଚଶିକ୍ଷା ବିଭାଗର ଅଯୋଗ୍ୟ ବଞ୍ଚାଅ ନୀତି
■ ୭୫ ବର୍ଷିଆଙ୍କୁ ବି ସୁଯୋଗ

ଏମ୍‌ଇଡି କରିଥିବା ପ୍ରାର୍ଥୀଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେଇ ଏନ୍‌ସିଟିଇ ମାନଦଣ୍ଡ ପୂରଣ କରିବାକୁ ଗଳାବାଟ ଖୋଜା ଚାଲିଛି। ଅନ୍ୟପକ୍ଷରେ ସ୍ୱୀକୃତି ବଞ୍ଚାଇବାକୁ ଘରୋଇ କଲେଜରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ବିଇଡି କଲେଜରେ ସାମୟିକ ଭାବେ ନିୟୋଜିତ କରାଯାଉଥିବା ସୂଚନା ମିଳିଛି।

ଉଚ୍ଚଶିକ୍ଷା ପକ୍ଷରୁ ଗତ ୨୧ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ବେସରକାରୀ କଲେଜରେ ଶିକ୍ଷାଦାନ କରୁଥିବା ୫ ଜଣ ଅଧ୍ୟାପକଙ୍କୁ ବିଇଡି କଲେଜରେ ଅସ୍ଥାୟୀ ଭାବେ ନିୟୋଜିତ କରାଯାଇଛି। ଡେରାବିଶ ଡିଗ୍ରୀ କଲେଜର ଅଧ୍ୟାପିକା ସୁଭାଶ୍ରୀ ପଣ୍ଡାଙ୍କୁ ଫୁଲବାଣୀ ବିଇଡି କଲେଜରେ ନିୟୋଜିତ କରାଯାଇଛି। ସେହିପରି ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଶାଶ୍ୱତୀ ସୌମ୍ୟା ଲେଙ୍କା, ଚନ୍ଦ୍ରଶେଖର ଡିଗ୍ରୀ କଲେଜର ହରିଚନ୍ଦନ କର, ନୟାଗଡ଼ ଅଟୋନମସ୍ କଲେଜର ପୂଜାର୍ଚ୍ଚନା ମୁଣ୍ଡ ଏବଂ ପୁରୁଷୋତ୍ତମପୁର ତାରାତାରିଣୀ ଡିଗ୍ରୀ କଲେଜର ମିନକେତନ ନାହାକଙ୍କୁ କନ୍ଧମାଳ କଳିଙ୍ଗା ବିଇଡି କଲେଜରେ ନିୟୋଜିତ କରାଯାଇଛି। ମାତ୍ର ସେମାନେ ପରବର୍ତ୍ତୀ ସମୟରେ ସମୟରେ ଯେମିତି ନିୟମିତ ହେବାକୁ ଦାବି କରିପାରିବେ ନାହିଁ, ସେଥିପାଇଁ ମଧ୍ୟ ବାଟ ରଖାଯାଇଛି। ସମ୍ପୃକ୍ତ ଅଧ୍ୟାପକମାନେ ସ୍ଥାୟୀ ନିଯୁକ୍ତି, ନିୟମିତ କିମ୍ବା ସରକାରୀ ପ୍ରତିଷ୍ଠାନରେ ଚାକିରି ଜାରି ରଖିବାକୁ ଦାବି କରିପାରିବେ ନାହିଁ। ମୂଳ ଅନୁଷ୍ଠାନର ଚାକିରି ସମ୍ବନ୍ଧୀୟ ଦରମା, ପଦୋନ୍ନତି, ଛୁଟି ଓ ଅନ୍ୟାନ୍ୟ ସୁବିଧା ପୂର୍ବ ନିୟମ ଅନୁଯାୟୀ ରହିବ ବୋଲି କୁହାଯାଇଛି।

ଅଯୋଗ୍ୟ ଅଧ୍ୟାପକଙ୍କୁ ସୁରକ୍ଷା ଦେବାକୁ ଯାଇ ଉଚ୍ଚଶିକ୍ଷା ବିଭାଗ ଗୋଟିଏ ପରେ ଗୋଟିଏ ଅଯୌକ୍ତିକ ନିଷ୍ପତ୍ତି ନେଉଥିବା ଶିକ୍ଷାବିତମାନେ ଅଭିଯୋଗ କରିଛନ୍ତି। ଏମ୍‌ଇଡି ଯୋଗ୍ୟତା ନ ଥାଇ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କୁ ରଖିଲେ ସ୍ୱୀକୃତି ପ୍ରତ୍ୟାହାର ହେବା ଏକପ୍ରକାର ନିଶ୍ଚିତ ହେବାରୁ ପ୍ରଥମେ ସେମାନଙ୍କୁ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅତିଥି ଅଧ୍ୟାପକ ନିଯୁକ୍ତ କରି ସ୍ୱୀକୃତି ବଜାୟ ରଖିବାକୁ ପ୍ରୟାସ କରାଯାଉଛି। ମାତ୍ର ଯୋଗ୍ୟ ଅଧ୍ୟାପକ ନ ମିଳିବା ବିଭାଗର ମୁଣ୍ଡବ୍ୟଥା ବଢ଼ାଉଛି। ଏଣୁ ଅବସର ନେଇଥିବା ଅଧ୍ୟାପକଙ୍କୁ ୭୫ ବର୍ଷରେ ମଧ୍ୟ ନିଯୁକ୍ତି ଦିଆଯାଉଛି। ଶିକ୍ଷକ ଶିକ୍ଷା ସହ ଆଦୌ ଜଡ଼ିତ ନ ଥାଇ ସିଟି କଲେଜରୁ ଅବସର ନେଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଛି। ସ୍ଥାୟୀ ସମାଧାନ ପାଇଁ ନୂତନ ନିଯୁକ୍ତି ଦେବା ପରିବର୍ତ୍ତେ ସରକାରଙ୍କ ଏହି ଅଯୋଗ୍ୟ ବଞ୍ଚାଅ ନୀତି ଶିକ୍ଷକ ଶିକ୍ଷାର ମାନକୁ ରସାତଳଗାମୀ କରୁଥିବା ଅଭିଯୋଗ ହୋଇଛି।

# ଶବ ସତ୍କାର କରିବାକୁ ଯାଇ ନିଜେ ଶବ ହୋଇଗଲେ



ବେଗୁନିଆପଡ଼ା, ୨୩।୮ (ସମିସ): ଜଣଙ୍କ ଶବ ଦାହ କରିବାକୁ ଯାଇ ଶ୍ମଶାନରେ ହୃଦ୍‌ଘାତରେ ଟଳି ପଡ଼ିଲେ ସମ୍ପର୍କୀୟ। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗ୍ରାମରେ। ଭାଲିଆଝର ଗ୍ରାମର ବଳିଆ ପାଣ୍ଡିଙ୍କ ପୁଅ ମନାସ ପାଣ୍ଡି (୪୫) ଙ୍କର ଆଜି ସକାଳୁ ମୃତ୍ୟୁ ହେବା ପରେ ତାଙ୍କୁ ପରିବାର, ବନ୍ଧୁବାନ୍ଧବ ଏବଂ ସାଙ୍ଗ ସମ୍ପର୍କୀୟ ଦ୍ୱାରା ଗ୍ରାମ ଶ୍ମଶାନକୁ ସଂସ୍କାର କରିବାକୁ ନିଆଯାଇଥିଲା। ଶବ ସତ୍କାର କରିବା ଲାଗି ଏହି ବ୍ଲକ ଅନ୍ତର୍ଗତ ବୁରୁଝରୀ ପଞ୍ଚାୟତ କନିଆରୀ ବାଡ଼ି ଗ୍ରାମର ମନାସଙ୍କ ସମ୍ପର୍କୀୟ ସଙ୍ଗାତ ଭବାନୀ ସାହୁଙ୍କ ପୁଅ କରୁଣାକର ସାହୁ ଯାଇଥିଲେ। ମନାସଙ୍କ ଶବ ଦାହ ସମୟରେ ହଠାତ କରୁଣାକରଙ୍କ(୪୨) ହୃଦ୍‌ଘାତ ହେବା ଯୋଗୁଁ ସେ ସେଠାରେ ଟଳି ପଡ଼ିଲେ। ତାଙ୍କୁ ତୁରନ୍ତ ସୁମଣ୍ଡଳ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

**ଖଣି ଆଇନ ଡର**

# ସ୍ୱତନ୍ତ୍ର ଅଧିବେଶନକୁ ସରକାରଙ୍କ ନା

ଭୁବନେଶ୍ୱର, ୨୩।୮ (ସମିସ): ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଏମଏମଡିଆର ବିଲ ପାଇଁ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଦାବିରେ ରାଜ୍ୟପାଳ ଏବଂ ବାଚସ୍ପତିଙ୍କୁ ଭେଟି ଦାବି ଜଣାଇଛି କଂଗ୍ରେସ। ଏହା ପୂର୍ବରୁ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକି ରାଜ୍ୟ ବିରୋଧୀ ଆଇନକୁ ବିରୋଧ କରିବାକୁ ଦାବି କରିଛନ୍ତି। ମାତ୍ର ରବିବାର ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ ସଂକ୍ରାନ୍ତ ବିରୋଧୀଙ୍କ ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ବିଧାନସଭା ଆରମ୍ଭ ହେବା ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇବ। ସରକାର ସବୁ ବିଷୟରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ମାତ୍ର ସ୍ୱତନ୍ତ୍ର ଅଧିବେଶନକୁ ମନ୍ତ୍ରୀ ପରୋକ୍ଷରେ ଅଗ୍ରାହ୍ୟ କରିଛନ୍ତି। ତେଣୁ ରାଜ୍ୟ ସ୍ୱାର୍ଥ ହାନି ସଂକ୍ରାନ୍ତ ପ୍ରସଙ୍ଗରେ ସରକାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ଅରାଜି ଥିବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ମଧ୍ୟ ବିଳମ୍ବିତ ହୋଇପାରେ ବୋଲି ସୂଚନା ମିଳିଛି। ଚାଷ, ଚାଷୀ, ସାର, ପଞ୍ଜିକରଣ ପ୍ରସଙ୍ଗ ସାଙ୍ଗକୁ ବନ୍ୟା

■ ବିଳମ୍ବିତ ହୋଇପାରେ ବିଧାନସଭାର ମୌସୁମୀ ଅଧିବେଶନ
■ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବର୍ଷିଲା କଂଗ୍ରେସ

ପରିଚାଳନା ଓ ଏବେ ଖଣି ଆଇନ ସଂଶୋଧନ ସଂକ୍ରାନ୍ତ ପ୍ରସଙ୍ଗରେ ସାରା ରାଜ୍ୟରେ ସରକାରଙ୍କ ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ମୌସୁମୀ ଅଧିବେଶନରେ ପ୍ରତିଫଳିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହି ଅଧିବେଶନ ବିଳମ୍ବିତ ହୋଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ ପ୍ରସଙ୍ଗରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଉତ୍ତରରେ କ୍ଷୁବ୍ଧ ହୋଇଛି କଂଗ୍ରେସ। ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ



ନେତା ସନ୍ତୋଷ ସିଂ ସାଲୁଜା ଓ କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ରାଜେନ ଏକ୍କା ପ୍ରବଳ ବର୍ଷିଛନ୍ତି। ଶ୍ରୀ ସାଲୁଜା କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ପରିପନ୍ଥୀ ଏମଏମଡିଆର ଆଇନ ଉପରେ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ଦାବିକୁ ମନ୍ତ୍ରୀ ଉପ ମହାଲିଙ୍ଗ ଆଗ୍ରହ୍ୟ କରିବା ଅତି ଦୁର୍ଭାଗ୍ୟପୂର୍ଣ୍ଣ। ଏହି ବିଲ ପାରିତ ହୋଇଯିବା ଫଳରେ ରାଜ୍ୟ ପାଖାପାଖି ବାର୍ଷିକ ପ୍ରାୟ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ହରାଇବା ସହିତ ବକେୟା ରାଜସ୍ୱ ଲକ୍ଷାଧିକ କୋଟି ଟଙ୍କାର କ୍ଷତି ମଧ୍ୟ ସହିବ। ଓଡ଼ିଆ ଅସ୍ମିତା ନାମରେ ଶାସନକୁ ଆସି ଓଡ଼ିଶାର ସମସ୍ତ ଧନ ସମ୍ପତ୍ତି, ଜଳ, ଜଙ୍ଗଲ, ଜମି, ଖଣି ଖାଦାନ ଇତ୍ୟାଦି କେନ୍ଦ୍ର ସରକାର ହାତରେ ଟେକି ଦେଉଛନ୍ତି। ତେବେ ଏମଏମଡିଆର ବିଲକୁ ପ୍ରତିରୋଧ କରିବା ନେଇ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତାର ରଣନୀତି ପ୍ରସ୍ତୁତ କରି ସାରିଛି। ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ଧାରଣା, ପ୍ରଦର୍ଶନ କାର୍ଯ୍ୟକ୍ରମ ହେବ ଓ ଆଗାମୀ ଦିନରେ ସମସ୍ତ ବିଜେପି ସାଂସଦଙ୍କ ଘର ମଧ୍ୟ ଘେରାଉ କରାଯିବ ବୋଲି ଦଳ ପ୍ରକାଶ କରିଛି।

■ ଖୁଦୁରୁକୁଣୀ ପ୍ରଥମ ପାଳିରେ ଅଘଟଣ


# ନଦୀରେ ବୁଡ଼ିଗଲେ ୪ ଯୁବତୀ; ଜଣେ ମୃତ

ଭଦ୍ରକ, ୨୩।୮ (ସମିସ): ଖୁଦୁରୁକୁଣୀ ପୂଜା ପାଇଁ ନିକଟସ୍ଥ ନଦୀକୁ ଯୁବତୀମାନେ ଗାଧୋଇବାକୁ ଯାଇଥିବାବେଳେ ଏକ ଦୁଃଖଦ ଘଟଣା ଘଟିଯାଇଛି। ରବିବାର ସକାଳେ ୪ ଜଣ ଝିଅ ନଦୀକୁ ଯାଇଥିବାବେଳେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଉ ୩ ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ନାଥସାହି ଗାଁର ୪ ଜଣ ଯୁବତୀ ରବିବାର ସକାଳେ ଖୁଦୁରୁକୁଣୀ ପୂଜା ପାଇଁ ନିକଟସ୍ଥ ରେବ ନଦୀଘାଟକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଶୌଚ ହେବା ସମୟରେ ଉକ୍ତ ୪ ଜଣଙ୍କର ପାଣିରେ ଗୋଡ଼ ଖସି ଯାଇଥିଲା। ସେମାନଙ୍କ ମଧ୍ୟରୁ ନାଥସାହିର ଅଙ୍କିତା ନାଥ (୧୪), ରାଧାରାଣୀ ନାଥ (୧୪), ଶୁଭଶ୍ରୀ ନାଥ (୧୫) ନିଜ ନିଜ ମଧ୍ୟରେ ହାତ ଓ ଲୁଗାପଟା ଧରାଧରି ହୋଇ ଅଳ୍ପକେ ରକ୍ଷା ପାଇଥିବାବେଳେ ଚକ୍ରଧର ନାଥଙ୍କ ଝିଅ ଇପ୍ସିତା ନାଥ (୧୮) ନଦୀରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଶତାଧିକ ଗ୍ରାମବାସୀ ରୁଣ୍ଡ ହେବା ସହ ଇପ୍ସିତାଙ୍କୁ ଦୀର୍ଘ ସମୟ ନଦୀରେ ଖୋଜାଖୋଜି କରିଥିଲେ। ପରେ ସ୍ଥାନୀୟ ଲୋକ ନଦୀରେ କିଛି ଦୂରରେ ଇପ୍ସିତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଇପ୍ସିତାଙ୍କୁ ମୃତ ଘୋଷଣା କରିଥିଲେ।

# ରାତିଅଧିଆ ରିଲିଫ୍ ଲୁଟ୍ ଉଦ୍ୟମ

**ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କୁ ଆକ୍ରମଣ**

ଯାଜପୁର, ୨୩।୮ (ସମିସ): ବନ୍ୟା ରିଲିଫ୍ ଲୁଟ୍ ସମ୍ପର୍କିତ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାମ୍ବାଦିକଙ୍କୁ ୨ଜଣ ଯୁବକ ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ 'ସକାଳ' ପ୍ରତିନିଧି କୌଶିକ ଦାସ ଗତକାଲି ରାତି ପ୍ରାୟ ସାଢ଼େ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଦଶରଥପୁର ଅଞ୍ଚଳର ବନ୍ୟା ବିପନ୍ନଙ୍କ ପାଇଁ ଟ୍ରକ୍ ଯୋଗେ ଆସିଥିବା ରିଲିଫ ସାମଗ୍ରୀକୁ କିଛି ଦୁର୍ବୃତ୍ତ କୁଆଖିଆ-କୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଝୁମ୍ପୁରୀ ବଜାର ରାସ୍ତା ପାଶ୍ୱର୍ ଥିବା ଏକ ଫଳ ଗୋଦାମ ନିକଟରେ ଅଟକାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ସେ ବାଇକ୍‌ରେ ଘଟଣାସ୍ଥଳରେ ପହଞ୍ଚି ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ଓରଫ ବିନ ଏବଂ ତାଙ୍କର ଆଉ ଜଣେ ସହଯୋଗୀ ବିରଜା ପ୍ରସାଦ ଦାସ ସାମ୍ବାଦିକ କୌଶିକ ଦାସଙ୍କ ଠାରୁ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିରୋଧ କରିବାରୁ ଉଭୟ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରି ତଳେ ପକାଇଦେବା ସହିତ ତାଙ୍କ ପକେଟରୁ ଟଙ୍କା ଛଡ଼ାଇ ନେଇଥିଲେ। ଆକ୍ରମଣରେ ଶ୍ରୀ ଦାସଙ୍କ ହାତ, ବେକ, ଛାତି ଓ ମୁଣ୍ଡରେ ଆଘାତ ଲାଗିଥିଲା। 'ଏଠାରୁ ଚୁପଚାପ ପଳା, ନଗଲେ ଜୀବନରୁ ମାରିଦେବା ସହିତ ଘରେ



■ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ଗିରଫ ଦାବି କଲା ସାମ୍ବାଦିକ ସଙ୍ଘ
■ ଥାନା ସମ୍ମୁଖରେ ଧାରଣା ଚେତାବନୀ

ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା'କୁ ଦୁଇ ଦୁର୍ବୃତ୍ତ ତାଙ୍କୁ ଧମକ ଦେଇଥିଲେ। ଭୟରେ ସାମ୍ବାଦିକ ଶ୍ରୀ ଦାସ କିଛି ସହଯୋଗୀ ସାମ୍ବାଦିକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ସହଯୋଗୀ ସାମ୍ବାଦିକମାନେ ତାଙ୍କୁ ଉଦ୍ଧାର କରି ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶ୍ରୀ ଦାସ ଦଶରଥପୁର ଥାନାରେ ପହଞ୍ଚି ଥାନାଧିକାରୀଙ୍କୁ ଘଟଣା ବିଷୟରେ ଜଣାଇବା ସହ ଆକ୍ରମଣରେ ସମ୍ପୃକ୍ତ ପୂର୍ବତନ ଦଶରଥପୁର ପଞ୍ଚାୟତର ସରପଞ୍ଚ ଇନ୍ଦ୍ରଜିତ ଦାସ ଓ ବିରଜା ପ୍ରସାଦ ଦାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦଶରଥପୁର ପୁଲିସ କେଶ ନଂ ୧୮୮/୨୬ ଓ ଭାରତୀୟ ନ୍ୟାୟ ସଂହିତା ୨୯୬, ୧୧୫(୨), ୩୦୩(୨), ୩୫୧(୨),୩(୫) ଧାରାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଆଜି ପୂର୍ବାହ୍ନରେ ଆକ୍ରମଣରେ ସମ୍ପୃକ୍ତ ଇନ୍ଦ୍ରଜିତ ଦାସ ସାମ୍ବାଦିକ କୌଶିକ ଦାସଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅପରପକ୍ଷେ ସାମ୍ବାଦିକ ଶ୍ରୀ ଦାସଙ୍କ ଉପରେ ଆକ୍ରମଣ ହୋଇଥିବା ଖବର ଜଣାପଡିବା ପରେ ଦଶରଥପୁର ବ୍ଲକ ସାମ୍ବାଦିକଙ୍କ ମଧ୍ୟରେ ଘୋର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଦଶରଥପୁର ପ୍ରେସ୍ କ୍ଲବର ସଦସ୍ୟମାନେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଥାନାର ୨ଜଣ ଅଧିକାରୀ ଅଭିଯୋଗର ତଦନ୍ତ ଜାରି ରଖିଛନ୍ତି। ଆବଶ୍ୟକ ହେଲେ ସେ ନିଜେ ମଧ୍ୟ ତଦନ୍ତ କରିବେ ଏବଂ ଦୋଷୀ ଉପରେ ନିଶ୍ଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାନଗଲେ ଦଶରଥପୁର ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

**ଆଇଟିଆଇ ଯୋଗ୍ୟତାଧାରୀଙ୍କୁ 'ହେଲ୍‌ପର' ନିଯୁକ୍ତି ମାମଲା**

# ୩ ମାସରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

କଟକ, ୨୩।୮ (ସମିସ): ଓପିଟିସିଏଲରେ ଆଇଟିଆଇ ଯୋଗ୍ୟତାଧାରୀ ଯୁବକମାନଙ୍କୁ 'ହେଲପର' ପଦରେ ନିଯୁକ୍ତି ଦିଆଯାଉଥିବା ପ୍ରସଙ୍ଗକୁ ନେଇ ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘ ପକ୍ଷରୁ ଆଗତ ମାମଲାରେ ଆସନ୍ତା ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ଓଡ଼ିଶା ହାଇକୋର୍ଟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ପିଟିସନ ପ୍ରତ୍ୟାହାର କରି ସମ୍ପୃକ୍ତ କର୍ମଚାରୀମାନେ ନିଜ ନିଜର ଅଭିଯୋଗ ତଥା ଦାବି ନେଇ ସମ୍ପୃକ୍ତ ପ୍ରତିପକ୍ଷଙ୍କ ନିକଟରେ ଆବେଦନ କରିବା ଲାଗି ନିବେଦନ କରାଯାଇଥିଲା। ମାମଲାର ବିଚାର କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସମ୍ପୃକ୍ତ କର୍ମଚାରୀମାନେ ତିନି ସପ୍ତାହ ମଧ୍ୟରେ ବ୍ୟକ୍ତିଗତ ଭାବେ ଉଚିତ ଆବେଦନ କଲେ, ପ୍ରତିପକ୍ଷ ଆଇନସମ୍ମତ ଭାବେ ସେହି ଆବେଦନର ବିଚାର କରି ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବେ ଏବଂ ସମ୍ପୃକ୍ତ କର୍ମଚାରୀଙ୍କୁ ତାହାର ଯଥାବିଧି ସୂଚନା ଦେବେ। ଏହି ଆଦେଶ ପରେ ବିଦ୍ୟୁତ କ୍ଷେତ୍ରରେ ଆଇଟିଆଇ ଯୋଗ୍ୟତାଧାରୀ କର୍ମଚାରୀଙ୍କ ପଦବୀ, ନିଯୁକ୍ତି ଓ ଦାୟିତ୍ୱ ସମ୍ପର୍କିତ ଦାବିକୁ ଆଇନଗତ ଭାବେ ଉପସ୍ଥାପନ କରିବାର ଏକ ସୁଯୋଗ ସୃଷ୍ଟି ହୋଇଛି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# ବଗି ଛାଡ଼ି ପଳେଇଲା ଇଞ୍ଜିନ

ବଲାଙ୍ଗିର, ୨୩।୮ (ସମିସ): ବଲାଙ୍ଗିର ସୁଦପଡ଼ା-କଦମପଡା ମଝିରେ ରବିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଭୁବନେଶ୍ୱର-ପୁରୁଣାକଟକ ଇଣ୍ଟରସିଟି ଟ୍ରେନ୍‌ଟି ଯାତ୍ରୀଙ୍କୁ ନେଇ ଯାଉଥିଲା; ହେଲେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡ଼ି ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏକ ସମ୍ଭାବ୍ୟ ବଡ ଧରଣର ଦୁର୍ଘଟଣାରୁ ଲୋକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହି ଘଟଣା କିପରି ଘଟିଲା ଏବଂ କାହାର ଅବହେଳା ରହିଛି ସେ ନେଇ ରେଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।



ବଲାଙ୍ଗିର-ପୁରୁଣାକଟକ ଟ୍ରେନ୍ ସବୁଦିନ ଭଳି ପ୍ରାୟ ଅପରାହ୍ନ ୩ଟା ପରେ ବଲାଙ୍ଗିର ଷ୍ଟେସନ ଛାଡିଥିଲା। ଷ୍ଟେସନରୁ କିଛି ଦୂର ଯିବା ପରେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡି ଆଗକୁ ପଳାଇଥିଲା। ଏହା ଦେଖି ଲୋକେ ଭୟଭୀତ ହୋଇପଡିଥିଲେ। ଅଧ କିଲୋମିଟର ଯିବା ପରେ ଚାଳକ ଜାଣିବା ପରେ ଇଞ୍ଜିନ ଅଟକାଇଥିଲେ। ଖବର ପାଇ ରେଳ କର୍ମଚାରୀ ପହଞ୍ଚି ଇଞ୍ଜିନ ଓ ବଗିକୁ ଲଗାଇଥିଲେ। ଏହାପରେ ଟ୍ରେନ୍ ଗନ୍ତବ୍ୟ ପଥରେ ଆଗେଇ ଥିଲା। ତେବେ କେମିତି ଏତେ ବଡ ଅଘଟଣ ଘଟିଲା, ଇଞ୍ଜିନ ଓ ବଗି ବିଛିନ୍ନ ହେବାର କାରଣ କ'ଣ ସେନେଇ ରେଳ ଭିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାର ପ୍ରକୃତ କାରଣ ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ତଦନ୍ତ ପରେ ସ୍ପଷ୍ଟ ହେବ।

# ପ୍ରଫୁଲ୍ଲ ସାମଲ ବିଜୁ ଶ୍ରମିକ ସାମୁଖ୍ୟର ଉପଦେଷ୍ଟା, ସୁବାସ ସିଂହ ସଭାପତି

ଭୁବନେଶ୍ୱର, ୨୩।୮ (ସମିସ): ବିଜୁ ଜନତା ଦଳର ବିଜୁ ଶ୍ରମିକ ସାମୁଖ୍ୟକୁ ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଏହି ଛାମୁଆଁ ସଂଗଠନକୁ ପୁନର୍ଗଠନ କରିବା ସହ ପୂର୍ବରୁ ଜାରି ସମସ୍ତ ନିର୍ଦ୍ଦେଶନାମାକୁ ବାତିଲ କରିଛନ୍ତି। ନୂତନ କମିଟିରେ ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କୁ ଉପଦେଷ୍ଟା ଏବଂ ମେୟର ସୁବାସ ଚନ୍ଦ୍ର ସିଂହଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ନବ କିଶୋର ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି (ମୁଖ୍ୟାଳୟ) ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରୀତିରଞ୍ଜନ ଘଡ଼ାଇ, ବ୍ରଜକିଶୋର ପ୍ରଧାନ, ଯୋଗେଶ ସିଂହ, ଅନନ୍ତ ନାରାୟଣ ଜେନା, ସ୍ୱରୂପ ଦାସ, ରଞ୍ଜିତା ସାହୁ ଓ ଯୋଗେନ୍ଦ୍ର ସ୍ୱାଇଁଙ୍କୁ ଉପସଭାପତି ଦାୟିତ୍ୱ ମିଳିଛି। ଅରିନ୍ଦମ ସର୍ଖେଲଙ୍କୁ ମହାସଚିବ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଜାରି ଏହି ନିର୍ଦ୍ଦେଶନାମା ତୁରନ୍ତ ଲାଗୁ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

**ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ**

# ମହେଶ ସାହୁ ସଭାପତି ନିଯୁକ୍ତ

ଭୁବନେଶ୍ୱର, ୨୩।୮ (ସମିସ): ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନୂତନ ଭାବେ ଏହି କମିଟି ଗଠନ ହୋଇଛି। ନୂଆ କମିଟିରେ ବିଭିନ୍ନ ପଦବୀରେ ଦଳୀୟ ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମହେଶ ସାହୁଙ୍କୁ ଏସ୍‌ସି ସେଲ୍‌ର ସଭାପତି ନିଯୁକ୍ତ କରାଯାଇଥିବା ବେଳେ ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ଗଣେଶ୍ୱର ବେହେରା, ସ୍ନେହାଙ୍ଗିନୀ ଛୁରିଆଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି।

ଏହାସହିତ ଚନ୍ଦ୍ର ସାରଥୀ ବେହେରା, ରାଜେନ୍ଦ୍ର କୁମାର ଦାସ ଓ ତୁଷାରକାନ୍ତି ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି। ସେହିପରି ଡା. ରାଜଶ୍ରୀ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ଡା. ପ୍ରମୋଦ କୁମାର ମଲ୍ଲିକ, ସର୍ମିଷ୍ଠା ସେଠୀ ଓ ରଘୁରାମ ପାଡଲଙ୍କୁ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ସେଠୀ, ମାଧବ ଧଡ଼ା, ସୁଦର୍ଶନ ହରିପାଲ, ନିହାର ରଞ୍ଜନ ବେହେରା, ଡା. ସଞ୍ଜୟ ଦାସ, ଅନୁସୂୟା ପାତ୍ର ଓ ଲଳିତା ନାୟକଙ୍କୁ ଦାୟିତ୍ୱ ମିଳିଛି। ଏହି ପୁନର୍ଗଠିତ କମିଟି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

**ଏମ୍‌ଏମ୍‌ଡିଆର୍ ଆଇନ ଦ୍ୱାରା ବ୍ୟାପକ କ୍ଷତି ସହିବ ଓଡ଼ିଶା**

# ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଲେ ବିଜେପି ସାଂସଦ

ଭୁବନେଶ୍ୱର, ୨୩।୮ (ସମିସ): ସଂଶୋଧିତ ଏମଏମଡିଆର ଆଇନ୍ ସଂସଦରେ ପାରିତ ହେବା ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହି ବିଲ୍‌କୁ ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ପାରିତ କରିଲା। ଏହି ଆଇନ୍ ଲାଗି ହେବା ଫଳରେ ରାଜ୍ୟର ସମସ୍ତ ଖଣି ଗୁଡିକର ରାଜସ୍ୱ କେନ୍ଦ୍ର ସରକାରଙ୍କ ଅଧିନକୁ ଚାଲିଯିବ। ଖଣିଜ ସମ୍ପଦରେ ଭରା ଓଡ଼ଶାର ଖଣି ରାଜସ୍ୱ କେନ୍ଦ୍ର ସରକାରଙ୍କୁ ଟେକି ଦିଆଯାଇଛି। କିନ୍ତୁ ଏହି ବିଲ୍ ପାରିତ ହେବା ବେଳେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବିଜେପି ସାଂସଦ ମାନେ ସଂସଦରେ ମୁହଁ ନ ଖୋଲିବାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏହି ପ୍ରସଙ୍ଗରେ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଘଡ଼େଇ କହିଛନ୍ତି ଯେ ଏହି ଓଡ଼ିଶା ବିରୋଧୀ ବିଲ୍ ପାସ ହେବା ସମୟରେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ବିଜେପି ସାଂସଦମାନେ ସଂସଦରେ ଚୁପ ରହିଲେ। ରାଜ୍ୟ ସ୍ୱାର୍ଥ ବିରୋଧରେ ଭୋଟ ଦେଇ ବିଜେପି ସାଂସଦମାନେ ରାଜ୍ୟର ବ୍ୟାପକ କ୍ଷତି ହେବାକୁ ସମର୍ଥନ କଲେ। ଏହାକୁ ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ। ବିଜେପି ହେଉଛି ବ୍ୟବସାୟୀ ମାନଙ୍କ ପାର୍ଟି। ବ୍ୟବସାୟୀ ମାନଙ୍କ ହିତକୁ ପ୍ରାଧାନ୍ୟ ଦେବାକୁ ବିଜେପି



ଦଳ ଓଡ଼ିଶାକୁ ଲୁଣ୍ଠନ କରିବା ଯୋଜନା କରିଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବାଦ୍ ଦେଇ ଖଣି ମାଲିକଙ୍କ ସୁବିଧା ପାଇଁ ଏମଏମଡିଆର ଆଇନକୁ ସଂଶୋଧନ କରାଯାଇଛି। ଖଣି ଖାଦାନ ଉପରେ ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି। ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟ ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ। ଏହି ବିଚାରରେ, ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକ ମାନଙ୍କ

**ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସଂସଦରେ ଚୁପ୍ ରହିଲେ**

**ବିଜେପି ବ୍ୟବସାୟୀମାନଙ୍କ ପାର୍ଟି: ବିଜେଡି**

ଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ କହିଥିଲେ। ସେହି ଅନୁସାରେ, ଓଡିଶା କେବଳ ବକେୟା ଆକାରରେ ଦେଢ଼ ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବ ବୋଲି ଆକଳନ ହୋଇଥିଲା। ଏହାଛଡା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ ହୋଇଥିଲା। କିନ୍ତୁ ଏମଏମଡିଆର ଆଇନ୍‌କୁ ବଦଳାଇ କେନ୍ଦ୍ର ସରକାର ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ ହଡ଼ପ କରିଦେଲେ। ଦୁଃଖ ଓ ପରିତାପର ବିଷୟ ଯେ, ଓଡ଼ଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ, ଓଡିଶା ବିରୋଧୀ ଆଇନକୁ ହାତ ଟେକି ସମର୍ଥନ କରିଥିଲେ। ବିଜେପି ଦଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଭଳି କଥା ନକହି ଯଦି ସତ୍ସାହସ ଅଛି ତେବେ ଖୋଲା ମଞ୍ଚରେ ବିତର୍କ କରିବା ପାଇଁ ଶ୍ରୀ ଘଡ଼େଇ ବିଜେଡି ପକ୍ଷରୁ ଆହ୍ୱାନ କରିଛନ୍ତି।

ସେହିପରି ଶ୍ରୀ ରାୟ କହିଛନ୍ତି ଯେ, ଏହି ବିଲ୍ ପାରିତ ହେବା ପରେ ରାଜ୍ୟସାରା ସମସ୍ତ ବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରତ୍ନଗର୍ଭା ଓଡ଼ିଶା ଖଣିଜ ସମ୍ପଦର ଲୁଟିବା ପାଇଁ ବିଜେପି ପକ୍ଷରୁ ଏକ ଷଡ଼ଯନ୍ତ୍ର କରାଯାଇଛି। ଏଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, ସମସ୍ତ ବିଜେପି ସାଂସଦ ଓ ନେତୃତ୍ୱଗଣ ଦାୟୀ। କେନ୍ଦୁଝର ଭଳି ଖଣିଜ ସମ୍ପଦ ଭରା ଜିଲ୍ଲାରୁ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। କେବଳ ଓଡ଼ିଶାର ଖଣିଜ ସମ୍ପଦ ଲୁଟିବା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା ବୋଲି ବର୍ତ୍ତମାନ ଜଣାପଡୁଛି। ଝାଡଖଣ୍ଡ ରାଜ୍ୟ ତାହାର ବକେୟା ରାଜସ୍ୱ ଆଦାୟ କରିପାରିଥିବା ବେଳେ ଓଡ଼ିଶା ୧ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାହିଁକି ଆଦାୟ କରି ପାରୁନାହିଁ ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ଉକ୍ତ ଅର୍ଥ ରାଜ୍ୟର ଉନ୍ନତି ପାଇଁ ବିନିଯୋଗ ହୋଇପାରିଥାନ୍ତା କିନ୍ତୁ ତାହା ନହୋଇ ରାଜ୍ୟବାସୀଙ୍କ କ୍ଷତି ହୋଇଛି। ଖଣିରୁ ସେସ୍ ଓ ଟିକସ ଆଦାୟ ଓଡିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏଥିପାଇଁ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକି ଏ ସମ୍ପର୍କରେ ଆଲୋଚନା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। କିନ୍ତୁ ବିଜେପି ନିଜର ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ତାହା କରୁନାହିଁ। ଓଡିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କରିଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ସେମାନେ ଭୁଲି ଯାଇଛନ୍ତି। ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ଆଗାମୀ ଦିନରେ ବିଜେଡି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ରାୟ କହିଛନ୍ତି।

# ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର

ନୀଳଗିରି, ୨୩।୮ (ସମିସ): ଦୀର୍ଘ ୨୪ ଘଣ୍ଟା ପରେ ମିତ୍ରପୁର ବ୍ଲୁ-ଲେକ୍‌ରୁ ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବ୍ଲୁ ଲେକ୍‌କୁ ରେମୁଣା କଲେଜ ଛାତ୍ର ତଥା କେନ୍ଦୁଝର ଜିଲ୍ଲା ଅଧୀନ ଆର୍ତ୍ତୁକଣା ଅଞ୍ଚଳର ରୋଶନ ନାୟକ(୧୮) ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ ଛାତ୍ର ତଥା ବାରିପଦାର ଭବିଷ୍ୟ ପାତ୍ର(୧୭) ଏବଂ ଉକ୍ତ କଲେଜର ତାଙ୍କ ସହପାଠୀ ତଥା ଭଦ୍ରକ ଜିଲା ଅପର୍ତ୍ତିବିନ୍ଧା ଅଞ୍ଚଳର ଅଂଶୁମାନ ପାତ୍ର(୧୮) ବୁଲିବାକୁ ଆସିଥିଲେ। ଏହି ୩ ସାଙ୍ଗ ରିଲ୍ସ ଭିଡ଼ିଓ ସୁଟ୍ କରିବା ପରେ ଭବିଷ୍ୟ ଓ ଅଂଶୁମାନ ଗାଧୋଇବା ପାଇଁ ପାଣିକୁ ପଶି ଯାଇ ଗୋଡ଼ ଖସି ଯିବାରୁ ସେମାନେ ଜଳରାଶି ଭିତରକୁ ପଶି ଯାଇଥିଲେ।

# ନକଲି ପନିର ବ୍ୟବସାୟର ହବ୍ ପାଲଟିଛି ଅନୁଗୋଳ

**ଅନୁଗୋଳ,୨୩।୮ (ସମିସ):**

ଅନୁଗୋଳ ଜିଲ୍ଲାରେ ପାଣିଠାରୁ ପବନ ସବୁଠି ପ୍ରଦୂଷଣ ରୂପକ ବିଷ ଜିଲ୍ଲାବାସୀଙ୍କ ଜୀବନକୁ ଯନ୍ତ୍ରଣାରେ ଭରି ଦେଇଛି। ଏବେ ସେହି ଯନ୍ତ୍ରଣାକୁ ଦ୍ୱିଗୁଣିତ କରିବାକୁ କିଛି ଅସାଧୁ ବ୍ୟବସାୟୀ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଖାଦ୍ୟପଦାର୍ଥରେ ମଧ ଲୋକଙ୍କୁ ମିଳୁଛି ବିଷ। ସବୁ ଭିତରୁ ମୁଖ୍ୟତଃ ପନିର ପାଲଟିଛି ଅଧିକ ବିଷାକ୍ତ। ବଜାରରେ ଅଧିକାଂଶ ଦୋକାନରେ ମିଳୁଥିବା ପନିର ଏବେ ନକଲି। ଅଧିକ ଲାଭ ଉଦ୍ଦେଶ୍ୟରେ କିଛି ଅସାଧୁ ବ୍ୟବସାୟୀ ଖାଉଟିଙ୍କୁ ବିକ୍ରି କରୁଛନ୍ତି ନକଲି ପନିର। ଆଉ ଏହି ନକଲି ପନିର ଶସ୍ତାରେ ମିଳୁଥିବାରୁ ଏହାକୁ ଆପଣେଇ ନେଉଛନ୍ତି ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ଦୋକାନୀମାନେ। ବଡ଼ ଭୋଜିରେ ମଧ ଏହି ପନିରର ବ୍ୟବହାର ହେଉଛି।

ଅନୁଗୋଳ ଜିଲ୍ଲାରେ ଖାଉଟିଙ୍କ ସଂଖ୍ୟା ଅଧିକ।



ତେଣୁ ବ୍ୟବସାୟୀ ଏହାକୁ ନଜରରେ ରଖି ଜିଲ୍ଲାକୁ ନକଲି ପନିରର ହବ୍ ବନେଇ ଦେଲେଣି। କେବଳ ଯେ ଅନୁଗୋଳ ସହରରେ ଏହାର ବିକ୍ରି ହେଉଛି ତାହା ନୁହେଁ ଜିଲ୍ଲାର କୋଣ ଅନୁକୋଣକୁ ଏହି ପନିରର ଯୋଗାଣ ହେଉଛି। କିଛି ବ୍ୟବସାୟୀ ତ ଏହି ପନିରକୁ ଦେଶୀ ପନିର କହି ଖାଉଟିଙ୍କ ପାଖରୁ ଅଧିକ ଟଙ୍କା ଲୁଟି ନେଉଛନ୍ତି। ଏହି ପନିର

- **ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍ ଦୋକାନ ଏବଂ ବଡ଼ ଭୋଜିରେ ହେଉଛି ବ୍ୟବହାର**
- **ଖାଦ୍ୟ ନିରାପତ୍ତା ବିଭାଗ ଦେଉଛି ପ୍ରଶ୍ରୟ**

ବ୍ୟବସାୟରେ ରାଜ୍ୟ ବାହାରର କିଛି ବ୍ୟବସାୟୀ ସମ୍ପୃକ୍ତ ଅଛନ୍ତି। ରାତି ପାହିଲେ ଗାଡ଼ି ଗାଡ଼ି ପନିର ଆସି ବଡ଼ ବ୍ୟବସାୟୀଙ୍କ ପାଖରେ ପହଞ୍ଚୁଛି। ଆଉ ତା' ପରେ ଚାଲୁଛି ଛୋଟ ଦୋକାନଗୁଡ଼ିକୁ ଯୋଗାଣ। କିଛି ଅସାଧୁ ବ୍ୟବସାୟୀଙ୍କ ପାଇଁ ଏହା ସବୁଠାରୁ ଲାଭଦାୟକ ବ୍ୟବସାୟରେ ପରିଣତ ହେଇଗଲାଣି। ନକଲି ପନିରରେ ବିଭିନ୍ନ କ୍ଷତିକାରକ କେମିକାଲ ଏବଂ ପାଉଡର ମିଶୁଥିବାରୁ ଏହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସବୁଠାରୁ ଭୟଙ୍କର କଥା ହେଉଛି ଅନୁଗୋଳ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରାଙ୍କ ନାକ ତଳେ ଏସବୁ ବେଆଇନ କାରବାର ଚାଲିଥିବା ବେଳେ ସେ କିଭଳି ଏହାର ସୁରାକ ପାଉନାହାନ୍ତି କିମ୍ବା ଜାଣି ମଧ ଅଜଣା ହେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଖବର ପ୍ରସାରଣ ପରେ ତତ୍ପରତା ଦେଖାଇ କିଛି ଛୋଟ ଦୋକାନରେ ଚଢ଼ଉ କରି ଜରିମାନା କରିଦେଇ ଦାୟିତ୍ୱ ସାରି ଦେଉଉଛନ୍ତି। ବଡ଼ ବ୍ୟବସାୟୀ, ହୋଟେଲ, ରେଷ୍ଟୁରାଣ୍ଟ, ବଡ଼ ଭୋଜିରେ ଏ ସବୁର ବ୍ୟବହାର କିପରି ବନ୍ଦ ହେବ ସେଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି।

## ଜନତା ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର




**ବଇଣ୍ଡା,୨୩।୮ (ସମିସ):** ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର "ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ' ଆନୁକୂଲ୍ୟରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ଖମାରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସେମିନାରରେ ହଣ୍ଡପା ଥାନା ଆଇଆଇସି ରାଜେଶ କୁମାର ଶତପଥୀ ମୁଖ୍ୟଅତିଥି, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାୟ ଏବଂ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅସିତ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଚେତନତା ଶିବିରରେ ମୁଖ୍ୟତଃ ଭାରତୀୟ ନ୍ୟାୟ ସଂହିତା, କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଶିଶୁ ସୁରକ୍ଷା ଆଇନ, ଏବଂ ର୍ଯାଗିଂ ନିରୋଧୀ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ସାମ୍ପ୍ରତିକ ସମାଜରେ ଆଇନର ଗୁରୁତ୍ ଏବଂ ନିଜର ସୁରକ୍ଷା ଅଧିକାର ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ସାମାଜିକ ସ୍ତରରେ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ। ସେମିନାରରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭାବେ ଭାଗ ନେଇଥିଲେ। ଇତିହାସ ବିଭାଗ ମୁଖ୍ୟ ତଥା ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ କୋଅର୍ଡିନେଟର ସୁମିତ୍ରା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁଲିସକୁ ଚକ୍‌ମା ଦେଇ ଅଭିଯୁକ୍ତ ଫେରାର

**ପାଇକସାହି,୨୩।୮ (ସମିସ):** ପୁରୁଣାକୋଟ ଥାନା ଅନ୍ତୁଳିଆ ଗ୍ରାମରେ କୁମୁରି ଗ୍ରାମର ସଞ୍ଜୟ କୁମାର ବିଶ୍ୱାଳଙ୍କ ମୋବାଇଲ ଦୋକାନର ତାଲାଭାଙ୍ଗି ଶୁକ୍ରବାର ରାତିରେ ଦୁର୍ବୃତ୍ତ ମୋବାଇଲ, ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ଶନିବାର ସକାଳେ ସଞ୍ଜୟ ଦୋକାନ ଖୋଲିବାକୁ ଆସିଥିବା ବେଳେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସଞ୍ଜୟଙ୍କ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ପରେ ପୁଲିସ ମୋବାଇଲ ଚୋରି କରିଥିବା ଜଣେ ଯୁବକଙ୍କୁ ଚିହ୍ନ କରିଛି। ଯୁବକ ଜଣକ ବଡ଼କେରା ଅଞ୍ଚଳରେ ମୋବାଇଲ ବିକ୍ରି କରୁଥିବା ବେଳେ ସେଠାକାର କିଛି ବ୍ୟକ୍ତି ଓ ସଞ୍ଜୟଙ୍କ ସମ୍ପର୍କୀୟ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ଥାନାକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣି ତଦନ୍ତ କରିଥିଲା। ଶନିବାର ଅପରାହ୍ନରେ ଉକ୍ତ ଯୁବକଙ୍କୁ ସଞ୍ଜୟଙ୍କ ଦୋକାନକୁ ତଦନ୍ତ କରିବା ପାଇଁ ପୁଲିସ ଆଣୁଥିବା ବେଳେ ଅନ୍ତୁଳିଆ ପୋଖରୀ ନିକଟରେ ଅଭିଯୁକ୍ତ ପରିସ୍ରା କରିବା ବାହାନାରେ ଗାଡ଼ିରୁ ଓହ୍ଲାଇ ପୁଲିସକୁ ଚକାମା ଦେଇ ଫେରାର ହୋଇଯାଇଛନ୍ତି। ପୁଲିସର ଏପରି ଅବହେଳା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅଭିଯୁକ୍ତଙ୍କୁ ପୁଲିସ ଜାଣିଶୁଣି ଛାଡ଼ି ଦେଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଅନୁଗୋଳ ଏସପି ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ପୁରୁଣାକୋଟ ଥାନା ଆଇଆଇସି ପ୍ରକାଶ ପାତ୍ର କୁହନ୍ତି ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି। ମାମଲା ରୁଜୁ କରାଯାଇଥିବା ସେ କହିଛନ୍ତି।

## ଆଜି କିଶୋରନଗରରେ ଜନଶୁଣାଣି

**କିଶୋରନଗର,୨୩।୮ (ସମିସ):** କିଶୋରନଗର ବ୍ଲକ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲା ଓ ଉପଖଣ୍ଡର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗର ସମାଧାନ କରିବେ। ଶିବିରରେ ଜନସାଧାରଣ ଯୋଗଦେଇ ସଫଳ କରିବାକୁ ବିଡିଓ ସୂଚନା ଦେଇଛନ୍ତି।

## ରାସ୍ତା ଅବସ୍ଥା ଶୋଚନୀୟ, ମରାମତି ହେଉନି

- **ସାଧାରଣରେ ଅସନ୍ତୋଷ**



**ଅନୁଗୋଳ,୨୩।୮ (ସମିସ):** କିଶୋରନଗର ବ୍ଲକ ଠେଲକନାଳି ପଞ୍ଚାୟତର ସରିଗୀପାଲି ରେଳ ଫାଟକଠାରୁ ବର୍ଦ୍ଧିପାଲି ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଥିବା ୧ କିମି ପିଚୁ ରାସ୍ତା ମରାମତି ହେଉ ନାହି। ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ବାରମ୍ବାର ଜିଲ୍ଲା ପ୍ରଶାସନ ଠାରେ ଅଭିଯୋଗ କାଲେ ମଧ ସୁଫଳ ମିଳୁନଥିବା ଯୋଗୁଁ ସରିଗୀପାଲି ଅଞ୍ଚଳ ବାସୀ ଶନିବାର ଦିନ ରେଳ ବିଭାଗର ସମ୍ବଲପୁର ଡିଭିଜନର ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ମଧମରେ ଅବଗତ କରାଇଛନ୍ତି। ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ସରିଗୀପାଲି ରେଳ ଫାଟକ ନିକଟରୁ ଯାଇଥିବା ୧ କିମି ରାସ୍ତା ଶୋଚନୀୟ ହୋଇ ପଡିଛି। ଉକ୍ତ ରାସ୍ତା ରେଳ ବିଭାଗ ଅଧୀନରେ ଥିବାରୁ ଉନ୍ନତୀକରଣ କରାଯାଉନାହିଁ। ବିଶେଷ କରି ଏହି ରାସ୍ତାରେ କିଶୋରନଗର ବ୍ଲକର ୮ ପଞ୍ଚାଯତର ଲୋକେ ନିର୍ଭର କରୁଛନ୍ତି। ରେଳ ଷ୍ଟେସନ ନିର୍ମାଣ ସମୟରେ ଉକ୍ତ ରାସ୍ତା ରେଳ ବିଭାଗ ନିର୍ମାଣ କରିଥିବା ବେଳେ ଆଉ ମରାମତି କରାଯାଉ ନାହିଁ। ବିଶେଷ କରି ରାସ୍ତାର ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହେବା ସହ ଖାଲଖମାରେ ଭରିଛି। ଯାହାକି ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ବହୁବାର ସ୍ଥାନୀୟ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କାଲେ ମଧ କୌଣସି ସୁଫଳ ମିଳୁନାହି। ଉକ୍ତ ରାସ୍ତାଟି ରେଳ ବିଭାଗ ଅଧୀନରେ ଥିବା ଯୋଗୁଁ ରାସ୍ତାର ବିକାଶ ହୋଇ ପାରୁ ନଥିବା ଅଭିଯୋଗ ହୋଇଛି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଗ୍ରାମର ବଳରାମ ପ୍ରଧାନ, ସତ୍ୟବ୍ରତ ବାଘ, ଦିଲ୍ଲୀପ ବାଘ, ଅଶୋକ ପ୍ରଧାନ, ସୁଧୀର ସାହୁ, ଅକ୍ଷୟ କୁମାର ସାହୁ ଦାବି କରିଛନ୍ତି।

## ଶରଧାମୁଣ୍ଡା ଗ୍ରାମରେ ହାତୀ ଉପଦ୍ରବ


- **ବ୍ୟାପକ ଫସଲ ନଷ୍ଟ**



**ବଇଣ୍ଡା,୨୩।୮ (ସମିସ):** ହଣ୍ଡପା ରେଞ୍ଜର ଶରଧାମୁଣ୍ଡା ଗ୍ରାମରେ ଶନିବାର ରାତିରେ ଦନ୍ତା ହାତୀ ଉପଦ୍ରବ୍ ହୋଇଛି। ଫଳରେ ବ୍ୟାପକ ଫସଲ ସହ ଧାନ ଗଛ ମାଡି ନଷ୍ଟ କରିଦେଇଛି। ଯାହାକି ନେଇ ଗ୍ରାମବାସୀ ମାନେ ଭୟ ଭୀତ ହୋଇ ପଡିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ ଏକ ବଣୁଆ ଦନ୍ତା ହାତୀ ନିକଟସ୍ଥ ଜଙ୍ଗଲରୁ ଗ୍ରାମକୁ ପଶି ଆସିଥିଲା। ଗ୍ରାମର ସଦାନନ୍ଦ ପ୍ରଧାନ, ହଡା ନାୟକ ଙ୍କର ବିଲରେ ଲାଗିଥିବା ଧାନ ଗଛକୁ ମାଡି ନଷ୍ଟ କରିଦେବା ସହ ପନିପରିବା ନଷ୍ଟ କରିଦେଇଛି। ଉକ୍ତ ହାତୀଟି ନିକଟରେ ବିଭିନ୍ନ ଗ୍ରାମରେ ବୁଲୁଥିବା ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସାହାଜ୍ୟ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ପୂର୍ବତନ ଶିକ୍ଷକଙ୍କ ପରଲୋକ

**କଣିହାଁ,୨୩।୮ (ସମିସ):** କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ କାଳିଆଦମା ଗ୍ରାମର ବର୍ଷୀୟାନ ଅବସରପ୍ରାପ୍ତ ଶିକ୍ଷକ ଗୋପାଳ କୃଷ୍ଣ ସାହୁ (୯୦)ଙ୍କର ଶନିବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କ ଦେହାନ୍ତ ହୋଇଛି। ସେ ଜଣେ ଛାତ୍ରବତ୍ସଳ, ସ୍ନେହୀ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।



**■ ସାଥୀ ପରିବାରର ୧୦ ଲକ୍ଷ ତାଳ ମଞ୍ଜି ରୋପଣ ଅଭିଯାନ**

## ଦୂର ହେବ ହାତୀଙ୍କ ଖାଦ୍ୟ ଅଭାବ

**ଅନୁଗୋଳ,୨୩।୮ (ସମିସ):** ଖାଦ୍ୟ ଅଭାବ ଏବଂ ସଙ୍କୁଚିତ ପ୍ରାକୃତିକ ବାସସ୍ଥାନ ଯୋଗୁଁ ହାତୀବଂଶ ଏବେ ଜନବସତି ମୁହାଁ। ଫଳରେ ଗତ କିଛିବର୍ଷ ହେବ ହାତୀ-ମଣିଷ ବିବାଦ ଚରମସୀମାରେ ପହଞ୍ଚିଛି। ଅନୁଗୋଳ ତିଆରି ପ୍ରଚେଷ୍ଟା କରାଯାଉଛି। ଅନୁଷ୍ଠାନର ୧୦ ଲକ୍ଷ ତାଳମଞ୍ଜି ରୋପଣ ଅଭିଯାନରେ ଚଳିତ ବର୍ଷ ୩୫ ହଜାର ତାଳମଞ୍ଜି ରୋପଣ କରିବାକୁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ରବିବାର ଅନୁଗୋଳ ବନଖଣ୍ଡ ପୋକୁଣ୍ଡା




ଜିଲ୍ଲା ଏହି ବଡ଼ ସମସ୍ୟାକୁ ହୃଦୟଙ୍ଗମ କରି ପରିବେଶଧର୍ମୀ ଅନୁଷ୍ଠାନ 'ସାଥୀ ପରିବାର' ପକ୍ଷରୁ ୨୦୨୦ରୁ ପ୍ରତିବର୍ଷ ଅଗଷ୍ଟ ମାସରେ ହଜାର ହଜାର ସଂଖ୍ୟାରେ ତାଳମଞ୍ଜି ରୋପଣ କରାଯାଇ ହାତୀଙ୍କ ପାଇଁ ଜଙ୍ଗଲ ମଧ୍ୟବର୍ତ୍ତୀ ଅଞ୍ଚଳରେ ସ୍ଥାୟୀ ଖ୍ୟାଦ୍ୟ ଉତ୍ସ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ତଥା ହାତୀପ୍ରବଣ ଅଞ୍ଚଳରେ ୬ ହଜାର ତାଳମଞ୍ଜି ରୋପଣ କରାଯାଇଛି। ହାତୀଙ୍କ ସ୍ୱତନ୍ତ୍ର ଋତୁକାଳୀନ ଖାଦ୍ୟ ମଧ୍ୟରେ ତାଳ ଥିବାରୁ, ଦୁଇ ତିନି ମାସ ପର୍ଯ୍ୟନ୍ତ ହାତୀମାନେ ପାଚିଲା ତାଳ ଖାଇ ଖାଦ୍ୟାଭାବ ଦୂର କରିପାରିବେ ବୋଲି କୁହାଯାଉଛି। ଏହି ଉଦ୍ଦେଶ୍ୟ ନେଇ ଏହି ଅଭିଯାନ କାର୍ଯ୍ୟକାରୀ କରାଯାଉଥିବା ଅନୁଷ୍ଠାନର ସଦସ୍ୟ ଗୁରୁଦେବ ସାହୁ ପ୍ରକାଶ କରିଛନ୍ତି।

ଗତ ୫ ବର୍ଷ ମଧ୍ୟରେ ଅନୁଗୋଳ ବନଖଣ୍ଡର ହାତୀପ୍ରବଣ ଅଞ୍ଚଳ ହିଂସାଲୋଇ, କୁରୁଡୁ, କୁଲସର, ବେତର, ମାଣିକଯୋଡ଼ି ଏବଂ ରାଉତାଳ ଜଙ୍ଗଲରେ ଅନୁଷ୍ଠାନ ଦ୍ୱାରା ରୋପଣ ହୋଇଥିବା ୧୨ ହଜାର ତାଳମଞ୍ଜି ଗଜା ହୋଇ ଗଛ ଉଠିଲାଣି। ଏଣୁ ଏହି ଅଭିଯାନକୁ ଆସନ୍ତା ବର୍ଷଗୁଡ଼ିକରେ ବ୍ୟାପକ କରାଯିବାକୁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ତାଳଗଛ ଏକ ଗୁରୁତ୍ୱପୂର୍ଣ୍ଣ ଜୈବ ସମ୍ପଦ ଏବଂ ଗରିବ ଲୋକଙ୍କ ଜୀବିକାର ପ୍ରମୁଖ ଅଙ୍ଗ ହୋଇଥିବାରୁ ଏହାର ସୁରକ୍ଷା ପାଇଁ ମଧ୍ୟ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଷ୍ଠାନର ସୁଦର୍ଶନ ପ୍ରଧାନ କହିଛନ୍ତି। ପୋକୁଣ୍ଡା ଫରେଷ୍ଟ ସେକ୍ସନ ସହଯୋଗରେ ଅନୁଷ୍ଠାନର ସଦସ୍ୟ ସ୍ୱରୂପଦୀପ୍ ସିହ୍ନା, ସୌମ୍ୟରଞ୍ଜନ ଥମ୍ବ, ଗୁରୁଦେବ ସାହୁ, ସୁଦର୍ଶନ ପ୍ରଧାନ, ସୁବ୍ରତ କୁମାର ପ୍ରଧାନଙ୍କ ସମେତ ଅଞ୍ଚଳର ଗୋପ୍ରେମୀ ସିଦ୍ଧାନ୍ତ ସାହୁ, ଜଗତ ସାହୁ ଏବଂ ପବନା ସାହୁ ପ୍ରମୁଖ ଏହି ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମରେ ସାମିଲ ଥିଲେ।


## ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



**ତାଳଚେର,୨୩।୮ (ସମିସ):** ବିଶିଷ୍ଟ ଓଡ଼ିଆ ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକ (୮୮)ଙ୍କ ପରଲୋକ ହୋଇଛି। ଏହି ମହାନ ସଙ୍ଗୀତଜ୍ଞଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନିର୍ଦ୍ଦେଶରେ ରବିବାର ତାଙ୍କ ଦେଉଳବେଡ଼ାସ୍ଥିତ ଆମ ପ୍ରତିଭା ଆମ ପରିଚୟ ଓ ଆଗେଇବା ଖବରକାଗଜ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପ୍ରଣବଙ୍କ ସଙ୍ଗୀତ ଜୀବନର ସ୍ମୃତିଚାରଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆମ ପ୍ରତିଭା ଆମ ପରିଚୟର ସଭାପତି ଉପେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ ଇଞ୍ଜିନିୟର ରମେଶ ଚନ୍ଦ୍ର ବେହେରା, ବରିଷ୍ଠ ନେତା ସମାଜସେବୀ ଜ୍ୟୋତିରଞ୍ଜନ ଦାସ, ଖମାର କଲେଜର ପୂର୍ବତନ ପ୍ରିନ୍ସିପାଲ ସରୋଜ ପ୍ରଧାନ, ତାଳଚେର କଲେଜର ପୂର୍ବତନ ପ୍ରିନ୍ସିପାଲ ଡ. ବିନୟ ଖିଲାର, କଳିଙ୍ଗ ଫୋକସର ସମ୍ପାଦକ ପ୍ରବୀଣ ଦାସ, ରାଷ୍ଟ୍ରତନ୍ତ୍ର ସମ୍ପାଦକ ଦେବାଶିଷ ପରିଡ଼ା, ସମାଜସେବୀ ତପନ କୁମାର ମହାପାତ୍ର, ଯୁବନେତା ବେଣୁଧର ଦାସ, ନାରୀନେତ୍ରୀ ସୌଭାଗିନୀ ଦାସ, ସଙ୍ଗୀତକାର ଅଜୟ ପ୍ରତାପ ଦାସ ଉପସ୍ଥିତ ଥିଲେ। ଯୁବ ସମାଜସେବୀ ଜିତେନ୍ଦ୍ର ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ତଥା 'ଖୋକାଭାଇ' ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସମ୍ପାଦକ ଭାଗ୍ୟରଥି ମହାପାତ୍ର ପ୍ରଣବଙ୍କ ସ୍ମୃତିକୁ ମନେପକାଇ ତାଙ୍କ ଅଭୁଲା ହୃଦୟସ୍ପର୍ଶୀ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ କୁଶବିହାରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ଜମି ବିକ୍ରି ଅଭିଯୋଗ

**ଅନୁଗୋଳ,୨୩।୮ (ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ବରପାଲି ଗ୍ରାମ ନିକଟରେ ଥିବା ଜଙ୍ଗଲ ଜମିକୁ ଚକ୍ରାନ୍ତ କରି ବିକ୍ରି କରିଦିଆଯାଉଥିବା ଶନିବାର ବରପାଲି ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ଆଠମଲ୍ଲିକ ଉପଜିଲ୍ଲାପାଳ, ଆଠମଲ୍ଲିକ ତହସିଲଦାର, ଜଙ୍ଗଲ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଗ୍ରାମ ନିକଟରେ ଏକ ଜଙ୍ଗଲ ରହିଛି। ହେଲେ ଉକ୍ତ ଜଙ୍ଗଲରୁ ୨୦ ଏକର ଜମିକୁ କିଛିବର୍ଷ ପୂର୍ବେ ଜଣେ ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ଲିଜ ଜରିଆରେ ପ୍ରଦାନ କରାଯାଇଥିଲା। ଉକ୍ତ ଜମିକୁ ବ୍ୟକ୍ତି ଜଣକ ଛେଣ୍ଡିପଦା ବ୍ଲକ ଅଞ୍ଚଳର ୪ ଜଣଙ୍କୁ ବିକ୍ରି କରିଛନ୍ତି। ଅଞ୍ଚଳବାସୀ ଏହାକୁ ବିରୋଧ



କରିଛନ୍ତି। ଉକ୍ତ ଜଙ୍ଗଲ ଜମିକୁ ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଗ୍ରାମବାସୀ ସୁରକ୍ଷା ପ୍ରଦାନ କରିଆସୁଛନ୍ତି। ଏପରିକି ଉକ୍ତ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ୧୯୯୫ରେ ଗ୍ରାମବାସୀ ଉକ୍ତ ଜଙ୍ଗଲରେ ୨୫୯୫ଟି ଶାଳ ଗଛ ଲଗାଇଥିଲେ। ଏଥିସହ ବହୁ ଶାଗୁଆନ ଓ ଅନ୍ୟାନ୍ୟ ମୂଲ୍ୟବାନ ଗଛ ରହିଛି। ଗଛଗୁଡ଼ିକ ବଡ଼ ହୋଇଯାଇଥିବା ବେଳେ ସେଗୁଡ଼ିକୁ କାଟି ରାଜ୍ୟ ବାହାରକୁ ଚାଲାଣ କରିବା ପାଇଁ ଏହି ଯୋଜନା କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ତହସିଲଦାର ପ୍ରଶ୍ନ ଟେଟେ କୁହନ୍ତି, ଉକ୍ତ ଜଙ୍ଗଲ ଜମିକୁ ୧୯୮୧ରେ ଲିଜ ଦିଆଯାଇଛି। ୧୦ ବର୍ଷ ଉକ୍ତ ଜମିକୁ ବିକ୍ରି କରିପାରିବେ ନାହିଁ ବୋଲି ନିୟମ ରହିଛି। ପରେ ଉକ୍ତ ଜମିକୁ ବିକ୍ରି କରାଯାଇଛି। ବିକ୍ରି ପରେ କବଲା ହୋଇଥିବା ବେଳେ ପଟ୍ଟା ହୋଇନାହିଁ। ଜମି ଯାହାର ସେ ବିକ୍ରି କରିପାରିବ। ଏହାକୁ ରୋକିବା କ୍ଷମତା ଆମର ନାହିଁ ବୋଲି ସେ କହିଛନ୍ତି।

## ଘରେ ପଶି ଲକ୍ଷାଧିକ ଟଙ୍କା ଚୋରି

**■ ସ୍କୁଟି ଛାଡ଼ି ଦୁର୍ବୃତ୍ତ ଫେରାର**

**ଛେଣ୍ଡିପଦା,୨୩।୮ (ସମିସ):** ଛେଣ୍ଡିପଦା ବ୍ଲକ ତଥା ବାଗଡ଼ିଆ ଥାନା ବାଗଡ଼ିଆ ବଡ଼ଯୋରା ସାହି ଗ୍ରାମରେ ଦିନ ଦ୍ୱିପ୍ରହରରେ ବ୍ୟବସାୟୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ତେବେ ଦୁର୍ବୃତ୍ତ ନିଜ ସ୍କୁଟି ଛାଡ଼ିଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ଚନ୍ଦନ ସେଠୀଙ୍କ ସମେତ ୪ ବ୍ୟବସାୟୀ ଦୀର୍ଘ ୨୦ ବର୍ଷ ହେବ ଏଠାରେ ଏକ ଭଡ଼ା ଘରେ ରହି ଅଞ୍ଚଳରେ ଗାଁ ଗାଁ ବୁଲି ଚୁଟି (ବାଳ) ବେପାର କରିଆସୁଛନ୍ତି। ଘର ତାଲା ପକାଇ ଚନ୍ଦନ ବେପାର କରିବାକୁ ଯାଇଥିବା ବେଳେ ଜଣେ ଦୁର୍ବୃତ୍ତ ସ୍କୁଟି ଯୋଗେ ଆସି ଘର ସାମନାରେ ସ୍କୁଟି ରଖିଥିଲେ। ପରେ ଘର ତାଲା ଭାଙ୍ଗି ପ୍ରାୟ ୧ ଲକ୍ଷ ୧୧ ହଜାର ଟଙ୍କା ଲୁଟିନେବା ଏକ ବସ୍ତାରେ ଭର୍ତ୍ତି ଥିବା ଲକ୍ଷାଧିକ ଟଙ୍କାର ଚୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ତେବେ ଏହି ସମୟରେ ଚନ୍ଦନ ଭଡ଼ା ଘରକୁ ଫେରି ଆସିବାରୁ ଦୁର୍ବୃତ୍ତ ଜଣକ ସ୍କୁଟି ଛାଡ଼ି ଘର ପଛ ପଟ ଦେଇ ଫେରାର ହୋଇଯାଇଥିଲା। ଏ ନେଇ ଚନ୍ଦନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଛାନ୍‌ଭିନ ଜାରି ରଖିଛି। ଏଥିସହ ଘର ସାମନାରେ ଥିବା ସ୍କୁଟି ଜବତ କରାଯାଇଛି। ଏହି ଘଟଣାରେ ଦୁର୍ବୃତ୍ତ ଖୁବଶୀଘ୍ର ଧରାପଡ଼ିବ ବୋଲି ପୁଲିସ କହିଛି।

# ପ୍ରଜାମଣ୍ଡଳ ଆନ୍ଦୋଳନର ତ୍ୟାଗ ଓ ଆଦର୍ଶ ଯୁବପିଢ଼ି ପାଇଁ ପ୍ରେରଣାଦାୟୀ

**କଣିହାଁ,୨୩।୮ (ସମିସ):**

ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପାଳିତ ହେବାକୁ ଥିବା ୮୯ତମ ତାଳଚେର ପ୍ରଜାମଣ୍ଡଳ ଦିବସ ପୂର୍ବରୁ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, କଣିହାଁ ଆନୁକୂଲ୍ୟରେ "ତାଳଚେର ପ୍ରଜାମଣ୍ଡଳ ସ୍ମାରକୀ ବକ୍ତୃତା, ପ୍ରବନ୍ଧ ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା' ଅନୁଷ୍ଠିତ ହୋଇଯାଇଛି। କଣିହାଁସ୍ଥିତ ପିଏମ୍ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାର ବିଷୟ "ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ତ୍ୟାଗ ଓ ଆଦର୍ଶ ଆଜିର ଯୁବପିଢ଼ି ପାଇଁ କେତେ ପ୍ରାସଙ୍ଗିକ?' ଏବଂ ପ୍ରବନ୍ଧ ପ୍ରତିଯୋଗିତାର ବିଷୟ "ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ଅମର ଶହୀଦ ବିକା ନାଏକ' ରହିଥିଲା।

ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାରେ କଣିହାଁ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ କନିଷ୍ଠ ଓ ବରିଷ୍ଠ ବିଭାଗରେ ମୋଟ ୮୪ ଜଣ ଛାତ୍ରଛାତ୍ରୀ ଉତ୍ସାହର



ସହ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ମନୋନୀତ ୧୮ ଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ପ୍ରଜାମଣ୍ଡଳ ଦିବସ ଅବସରରେ ପୁରସ୍କୃତ କରାଯିବ। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା "ପବିତ୍ର ପଥ'ର ସମ୍ପାଦକ ସଦାନନ୍ଦ ପ୍ରଧାନ, ତାଳଚେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନାୟକ ଖିଲାର, ବରିଷ୍ଠ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣି, ଅବସରପ୍ରାପ୍ତ ଶିକ୍ଷକ କୁଳମଣି ସାମଲ ଓ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ, କଣିହାଁଙ୍କ ନିର୍ଦ୍ଦେଶକ୍ରମେ ପିଏମ୍ ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଅମିତ ଦେହୁରୀ ଓ ବିଦ୍ୟାଳୟର ସହକର୍ମୀମାନେ ଆବଶ୍ୟକ ସହଯୋଗ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ ମଧ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଟ୍ରଷ୍ଟର ସାଧାରଣ ସମ୍ପାଦକ କ୍ଷୀରସିନ୍ଧୁ ସେଠୀ ଓ କୋଷାଧକ୍ଷ କର୍ଣ୍ଣ କୁମାର ଭୂତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଲେଖ ଭୂତିଆ, ମହେଶ୍ୱର ନାଏକ, ରମେଶ ସାମଲ ଓ କୁମୁଦବାନ୍ଧବ ନାଏକ ସଂଯୋଜନା ଦାୟିତ୍ ତୁଲାଇଥିଲେ। ଟ୍ରଷ୍ଟର ଉପସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଆଇନ ପରାମର୍ଶଦାତା ତ୍ରିପୁରାରୀ ପ୍ରଧାନ, ଅନିଲ ପ୍ରଧାନ, ଉକାଳୁ ସାହୁ, ଦୟାନିଧି ନାଏକ, କଷ୍ଣୁ ଚରଣ ସାମଲ, ଜ୍ୟୋତିରଞ୍ଜନ ଧର, ଗୋବିନ୍ଦ ସାହୁ, ଚନ୍ଦନ ସ୍ୱରାଜ, ସୁଶାନ୍ତ ସାମଲ, ଦେବେନ୍ଦ୍ର ବାରିକ, ଲୋକନାଥ ସାହୁ, ସି.ଏନ୍.ଜେ. ରଥ, ସୁନୀଲ କୁମାର ପ୍ରଧାନଙ୍କ ସମେତ ଟ୍ରଷ୍ଟର ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ତ୍ୟାଗ, ସଂଗ୍ରାମ ଓ ଦେଶପ୍ରେମର ଆଦର୍ଶକୁ ନୂତନ ପିଢ଼ି ମଧ୍ୟରେ ପହଞ୍ଚାଇବା ସହ ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସ ପ୍ରତି ଛାତ୍ରଛାତ୍ରୀଙ୍କ ମନରେ ସଚେତନତା ଓ ଦେଶପ୍ରେମ ଜାଗ୍ରତ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

## ବନ୍ୟାଞ୍ଚଳ ବୁଲିଲେ କଂଗ୍ରେସ ନେତା



**ରାଜନଗର,୨୩।୮ (ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ପରାମର୍ଶକ୍ରମେ ବରିଷ୍ଠ କଂଗ୍ରେସ ନେତା ଚିନ୍ମୟ ସୁନ୍ଦର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜନଗର ବନ୍ୟା ବିପନ୍ନ ଅଞ୍ଚଳ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ପଚାରିଛନ୍ତି। ବନ୍ୟାଜଳ ଘେରରେ ଥିବା ବନ୍ଧପଡ଼ା, ଓସ୍ତିଆ, ବେଲପାଳ ଓ ରାଜପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ସେମାନଙ୍କ ଅଭାବ ଓ ଅସୁବିଧା ବୁଝିଥିଲେ। ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଦୁର୍ଦ୍ଦଶାରେ ଥିବା ଲୋକଙ୍କୁ ରିଲିଫ ଓ ଗୋଖାଦ୍ୟ ଯୋଗାଇବା, କୃଷି ଋଣ ଛାଡ କରିବା, ଘରଭଙ୍ଗା ସାହାଯ୍ୟ ଦେବା ସହ ସମସ୍ତ ବନ୍ୟା ବିପନ୍ନ ପରିବାରଙ୍କୁ ପଲିଥିନ୍ ପାଲ ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଶ୍ରୀ ଦାସ ଦାବି କରିଛନ୍ତି। ତାଙ୍କ ସହିତ କଂଗ୍ରେସ ନେତା ଓ ବରିଷ୍ଠ କର୍ମୀ ଭାସ୍କର ମିଶ୍ର, ପ୍ରମୋଦ ସ୍ୱାଇଁ, ଚିତ୍ତରଞ୍ଜନ ନାୟକ, ଗୌରାଙ୍ଗ ମହାରଣା, ଲକ୍ଷଣ ସାହୁ, ହେମନ୍ତ ମିଶ୍ର, ରଞ୍ଜନ ପାଳ, ଦେବପ୍ରସାଦ ପାଣି, ବିବେକାନନ୍ଦ ସାମନ୍ତରାୟ, କ୍ଷୀରୋଦ ସ୍ୱାଇଁ, ଉମେଶ ଦାସ ଓ ନିମାଇଁ ଚରଣ ନାଥ ପ୍ରମୁଖ ବନ୍ୟାଞ୍ଚଳ ବୁଲିଥିଲେ।

### ବନ୍ୟା ଛାଡ଼ିନି, ଘାଇ ମରାମତି କରିବାକୁ ପ୍ରଶାସନ ତତ୍ପର

## କାମ ବନ୍ଦ କଲେ ଗ୍ରାମବାସୀ



**ରାଜକନିକା,୨୩।୮ (ସମିସ):** ବନ୍ୟା ଛାଡ଼ିନି। ଘର ଆଗରେ ପାଣି ଲହଡ଼ି ଭାଙ୍ଗୁଛି। ଗାଁ ଦାଣ୍ଡରେ ବନ୍ୟା ପାଣି ସୁଅ। ତେବେ କନପୁର-ଗୁଣ୍ଡଳ ବନ୍ୟା ଘେରି ବନ୍ଧରେ ହୋଇଥିବା ଘାଇ ମରାମତି କରିବାକୁ ବିଭାଗୀୟ ତତ୍ପରତା ପ୍ରକାଶ ପାଉଛି। ଘାଇ ସ୍ଥାନରେ ବାଲିବସ୍ତା, ବଲ୍ହା, ପାଲିଥିନ୍ ଲଗାଇ ଘାଇ ମରାମତି ଆରମ୍ଭ ହେବା ଦେଖି ବନ୍ୟା ଘେରରେ ଥିବା ଗାଁ ଲୋକେ ଆସି କାମ ବନ୍ଦ କରିଛନ୍ତି। ଆମେ ବନ୍ୟାରେ ବୁଡୁଛୁ, ତମେ କା'ର ପାଇଁ ଘାଇ ବନ୍ଧାଉଛ। ଆମ ଘରେ ପାଣି ପଶୁଛି, ଏହି ବନ୍ଧ ଯୋଗୁ ଆମେ ପ୍ରତିଥର ବନ୍ୟାରେ ହଇରାଣ ହେଉଛୁ ବୋଲି କହି କନପୁର ଗାଁ ସେଠିସାରିକି ୩୦ରୁ ଊର୍ଦ୍ଧ୍ୱ ମହିଳା, ବୃଦ୍ଧା ଆସି ଘାଇ ମରାମତି ନିକଟରେ ପହଞ୍ଚି ପ୍ରତିବାଦ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଆମେ କେବଳ ବାଲି ବସ୍ତା ଦେଇ ରାସ୍ତାକୁ ଯୋଡୁଛୁ, ସ୍ଥାୟୀ ରାସ୍ତା ତିଆରି ହେବା ବେଳେ ଆପଣଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯିବ। ରାଜକନିକା ବ୍ଲକ ଗୁଣ୍ଡଳରେ ହୋଇଥିବା ୮୦ ଫୁଟର ଘାଇ ଚଳିତ ବନ୍ୟାରେ ତଟବନ୍ଧ ଓ ଜଳସମ୍ପଦ ବିଭାଗ ପାଇଁ ଚ୍ୟାଲେଞ୍ଜ ଆଣିଥିବାବେଳେ ଆଜି ତଟବନ୍ଧ ବିଭାଗର ଏସଇ ଓଡ଼ିଶାର ସର୍ବୋଚ୍ଚ ଯନ୍ତ୍ରୀ ଏହି ଘାଇ ସ୍ଥଳକୁ ଆସି ଗମ୍ଭୀରତା ପରଖିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି ପାଇଁ ପଦକ୍ଷେପ ନେଇଛନ୍ତି। ଫଳରେ ପାଣି କମିବା ମାତ୍ରେ ଆଜି ଘାଇରେ ପାଣି ଶୁଖାଇ ବଲ୍ହା ମରାଯାଇ ରାସ୍ତାକୁ ଯୋଡିବାର ପ୍ରୟାସ ହୋଇଥିଲା। ବନ୍ୟା ପୀଡ଼ିତ ଗାଁ ଲୋକେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଅଡି ବସିଲେ। ଯେହେତୁ ଓଡିଶା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କନପୁର ଆସି ନଦୀ କୂଳ ଗାଁକୁ ବଞ୍ଚାଇବାକୁ ଘେରି ବନ୍ଧ କରିବାର ଦାବିକୁ ଦେଖି ଯାଇଛନ୍ତି। ତେଣୁ ଗାଁର ଜନଜୀବନକୁ ବଞ୍ଚାଇବା ପାଇଁ ଜଳସମ୍ପଦ ବିଭାଗର କନିକା ଉପଖଣ୍ଡର ସହକାରୀ ଯନ୍ତ୍ରୀଙ୍କୁ ଏହି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ସମସ୍ୟାର ସୁଧାର ପାଇଁ ବିଭାଗ ଯତ୍ନବାନ ଅଛି ବୋଲି ସହକାରୀ ଯନ୍ତ୍ରୀ ଦିଲ୍ଲୀପ ବେହେରା କହିଛନ୍ତି।

## ଏବେ ବି ଧୋୟାଞ୍ଚଳ ଲୋକେ ଜଳବନ୍ଦୀ



**ଗୋବିନ୍ଦପୁର,୨୩।୮ (ସମିସ):** ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ଆଳି ଧୋୟାଞ୍ଚଳର ଏରଡଙ୍ଗ, ପାଳିମି, ପେତପଡ଼ା, ଡିମିରିପାଳ, ଅର୍ଗଳ, ଗୋବିନ୍ଦପୁର, ଜୁଆଣିଆ, କେତୁଆପାଳ, ଦେଶାହି ସମେତ ୧୧ଟି ପଞ୍ଚାୟତ ଲୋକେ ୯ ଦିନ ହେଲା ଜଳବନ୍ଦୀ ହୋଇ ରହିଛନ୍ତି। ଘରୁ ବାହାରି ପାରୁନାହାନ୍ତି। ବନ୍ୟା ପାଣି ଧୀରେ ଧୀରେ କମୁଛି। ତେବେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କମୁନି। ବନ୍ୟାଞ୍ଚଳରେ ଏବେ ଥଣ୍ଡା, ଜ୍ୱର, ଝାଡ଼ାବାନ୍ତି ଆରମ୍ଭ ହୋଇଗଲାଣି। ତୁରନ୍ତ ଡାକ୍ତରୀ ଟିମ୍ ଅଞ୍ଚଳକୁ ଯିବାକୁ ଲୋକେ ଦାବି କରିଛନ୍ତି। ୯ ଦିନ ହେଲା ପାଣି ଘେରରେ ଥିବାରୁ ଗରିବ ଓ ଶ୍ରମିକ ଶ୍ରେଣୀ ପରିବାରରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ଜିନିଷ ସରିଗଲାଣି। ଗୋଖାଦ୍ୟ ସମସ୍ୟା ଦେଖାଦେଲାଣି। ଆଳି ଧୋୟାଞ୍ଚଳକୁ ବନ୍ୟାଞ୍ଚଳ ଘୋଷଣା, ତୁରନ୍ତ ଡାକ୍ତରୀ ଦଳ ପଠାଇବା, ପର୍ଯ୍ୟାପ୍ତ ପରିମାଣରେ ଗୋଖାଦ୍ୟ, ପାନୀୟ ଜଳ ପଠାଇବାକୁ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଧନଞ୍ଜୟ ବୋଷ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ସର୍ବେଶ୍ୱର ସାମଲ, ଦେସାହି ସରପଞ୍ଚ ମୋନାଲିସା ଦାସ ପ୍ରମୁଖ ଦାବି କରିଛନ୍ତି।

### ଡକାୟତି ଯୋଜନା ପଣ୍ଡ କଲା ଆଦର୍ଶ ଥାନା ପୁଲିସ

## ୪ ଡକାୟତ ଗିରଫ ଓ ମାରଣାସ୍ତ୍ର ଜବତ



**ପଟ୍ଟାମୁଣ୍ଡାଇ,୨୩।୮ (ସମିସ):** ପଟ୍ଟାମୁଣ୍ଡାଇ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ ପରେ ତାଙ୍କ ନିର୍ଦ୍ଦେଶରେ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗତକାଲି ରାତିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଟିମ୍ ଥାନାଞ୍ଚଳରେ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ପ୍ରାୟ ୨ଟା ସମୟରେ ତାତନା ପାର୍କ ସମ୍ମୁଖ ଏକ ନିର୍ଜନ ସ୍ଥାନରେ ୫ ଜଣ ଅଜଣା ବ୍ୟକ୍ତି ଏକାଠି ହୋଇ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଚ୍ଛିନ୍ନ ସ୍ଥାନରେ ଡକାୟତି କରିବାକୁ ଯୋଜନା କରୁଥିବା ଦେଖିବାକୁ ପାଇଥିଲେ। ପୁଲିସ ଟିମ ଗୁପ୍ତଭାବେ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ଘେରି ଯାଇଥିଲେ। ପୁଲିସ ଦଳକୁ ଦେଖି ସେମାନେ ଘଟଣାସ୍ଥଳରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ପୁଲିସ ଟିମ ନିଜର ସମସ୍ତ ଶକ୍ତି ଖଟାଇ ବହୁ କଷ୍ଟରେ ଡକାୟତି ପାଇଁ ଯୋଜନା କରୁଥିବା ଅଜଣା ବ୍ୟକ୍ତିଙ୍କ ମଧ୍ୟରୁ ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା ଓ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ ହୋଇଛି। ସେମାନଙ୍କୁ ଥାନାକୁ ଆଣି ଜେରା କରାଯିବା ପରେ ସେମାନେ ଚାଲି ଚାଲି ତାତନା ପାର୍କ ନିକଟକୁ ଆସିଥିଲେ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଥିବା ବିଚ୍ଛିନ୍ନ ସପିଂ ମଲ୍, ମାର୍କେଟ୍ କମ୍ପ୍ଲେକ୍ସ, ଘର, ସରକାରୀ କ୍ୱାର୍ଟର୍ସରୁ ଖଣ୍ଡା ଓ ଛୁରୀ ଦେଖାଇ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ତେବେ ରାତିର ସୁଯୋଗ ନେଇ ଜଣେ ସହଯୋଗୀ ଫେରାର୍ ହୋଇଯାଇଛି। ଗିରଫ ଡକାୟତ ପ୍ରଦୀପ ମଲିକ ଓରଫ ଗୁଣ୍ଡୁଲି, ପଙ୍କଜ ମଲିକ, ସନ୍ତୋଷ କୁମାର ମଲିକ ଓ ଅବିନାଶ ରାଉତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମାନସ ମଲ୍ଲିକ ଆଦର୍ଶ ଥାନା ନୂତନ ଆଇଆଇସି



**ପଟ୍ଟାମୁଣ୍ଡାଇ,୨୩।୮ (ସମିସ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ନୂତନ ଆଇଆଇସି ଭାବେ ଯୁବ ଇନ୍ସପେକ୍ଟର ମାନସ ରଞ୍ଜନ ମଲ୍ଲିକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହାପୂର୍ବରୁ ଶ୍ରୀ ମଲ୍ଲିକ ମହାକାଳପଡ଼ା ଥାନା ଆଇଆଇସି ଭାବେ କାର୍ଯ୍ୟ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଥାନା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ କଡ଼ାକଡ଼ି ଆଇନଶୃଙ୍ଖଳା ବଜାୟ ରଖିବା ସହିତ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ଦେବା କ୍ଷେତ୍ରରେ ନୂତନ ଆଇଆଇସି ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

## ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ



**କେନ୍ଦ୍ରାପଡ଼ା,୨୩।୮ (ସମିସ):** ବେଦ, ବେଦାନ୍ତ ଓ ସମାଜସେବା କ୍ଷେତ୍ରରେ ନିଜର ଅବଦାନ ପାଇଁ ସ୍ମରଣୀୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ କେନ୍ଦ୍ରାପଡ଼ା ସହରସ୍ଥ ଗୋପ ରାମମନ୍ଦିର ପରିସରରେ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ରାଷ୍ଟ୍ରବାଦୀ ସାମାଜିକ ସଂଗଠନ "ଜୟ ରାଷ୍ଟ୍ର' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀଜୀଙ୍କ ଜୀବନ, ତ୍ୟାଗ ଓ ସେବାକୁ ସ୍ମରଣ କରାଯାଇଥିଲା। ପ୍ରାରମ୍ଭରେ ଉପସ୍ଥିତ ସଦସ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବାବା ଗୁରୁକୃଷ୍ଣ ଦାସ ଅତିଥି ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ତ୍ୟାଗ ଓ ବଳିଦାନ ସମାଜ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ରବିନାରାୟଣ ପତି ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ବେଦ ଓ ବେଦାନ୍ତର ଜଣେ ବିଦ୍ୱାନ ଭାବେ ସ୍ମରଣ କରିଥିଲେ। ତାଙ୍କ ସ୍ମୃତିକୁ ଅକ୍ଷୁଣ୍ଣ ରଖିବା ସହ ତାଙ୍କ ଆଦର୍ଶ ଓ ସେବାଭାବକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଜ୍ୟୋତି ରଞ୍ଜନ ନାୟକ, ଅଞ୍ଜନ ଶତପଥୀ, ସୁଶାନ୍ତ ନାୟକ, ବଳରାମ ବେହେରା, ପଙ୍କଜ ସିହ୍ନା, ଜ୍ଞାନରଞ୍ଜନ ଦାସ, ରଶ୍ମିରଞ୍ଜନ ସ୍ୱାଇଁ, ନିରଞ୍ଜନ ମହାରଣା, ଲକ୍ଷ୍ମୀକାନ୍ତ ନାୟକ, ରିନାରାଣୀ ଦାସ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଏ ଅବସରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅବଦାନ ଓ ସେବାକୁ ସ୍ୱୀକୃତି ଦେବା ପାଇଁ ତାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ "ଭାରତ ରତ୍ନ' ପ୍ରଦାନ କରାଯିବା ନେଇ ସଂଗଠନ ପକ୍ଷରୁ ଦାବି ହୋଇଛି।

## ସମାଜସେବୀ ମହେଶ୍ୱର ଜେନାଙ୍କ ସ୍ମୃତିଚାରଣ

**ଗୋବିନ୍ଦପୁର,୨୩।୮ (ସମିସ):** ଆଳି ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମର ମହେଶ୍ୱର ଜେନାଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷାବିତ ବିଜୟ ସୂତାର, ସମାଜସେବୀ ଦେବେନ୍ଦ୍ର ବେହେରା, ଶ୍ରୀଚରଣ ଜେନା, ଅକ୍ଷୟ ବିଶ୍ୱାଳ, ଗଦାଧର ମଲ୍ଲିକ, କିଶୋର ମଲ୍ଲିକ, ଶଙ୍କର୍ଷଣ ଜେନା, ସନ୍ତୋଷ ଜେନା, ମନୋଜ ଜେନା, ଧରଣୀଧର ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବଡ଼ପୁଅ ସନ୍ତୋଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଡେରାବିଶ ସାଂସ୍କୃତିକ ସଂଗଠନର ବୈଠକ



**ଡେରାବିଶ, ୨୩।୮ (ସମିସ):** ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଲପୁରସ୍ଥ ଡେରାବିଶ ସାଂସ୍କୃତିକ ସଂଗଠନର ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଂଗଠନର କାର୍ଯ୍ୟାଳୟ ପରିସରରେ ସଭାପତି ଡ. ଭକ୍ତକବି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସଂଗଠନର ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଆଗାମୀ ଡେରାବିଶ ମହୋତ୍ସବକୁ ସଫଳତାର ସହ କରିବାକୁ ଆଲୋଚନା କରାଯାଇଥିଲା। ଏ ଅବସରରେ ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଂଗଠନର ସମ୍ପାଦକ ଭାବେ ସରୋଜ ଦାସ, କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ରାଉତ ଓ ସହସମ୍ପାଦକ ଭାବେ ଆଇନଜୀବୀ ଶାନ୍ତିସ୍ୱରୁପ ଭୂୟାଁ, ଉପସଭାପତି ଭାବେ ନିରଞ୍ଜନ କର, ଉମେଶ ତ୍ରିପାଠୀ, ଆଇନଜୀବୀ ଦୀପକ ସାହୁ, ଭବାନୀପ୍ରସାଦ ଓଝା ଓ ବିପିନ ବିହାରୀ ସାହୁଙ୍କୁ ଚୟନ କରାଯାଇଥିବାବେଳେ ସଂଗଠନ ଯୁଗ୍ମସମ୍ପାଦକ ଭାବେ ପୂର୍ଣ୍ଣାନନ୍ଦ ବେହେରା ଓ ସୁଦୀପ୍ତ କେଶରୀ ସାମଲଙ୍କୁ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ସଦସ୍ୟ ହଳଧର ଦାଶ, ପଣ୍ଡିତ ଶରତ ମିଶ୍ର, ସରୋଜକାନ୍ତ ସାହୁ, ସଚ୍ଚିଦାନନ୍ଦ ରଥ, ଡ. ଭକ୍ତକବି ଦାସ, ମହେନ୍ଦ୍ର ସିଂହ, ଶିକ୍ଷାବିତ ପ୍ରମୋଦ ବେହେରା, ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖଚନ୍ଦ୍ର ମହାଭେଇ, ଗୌରାଙ୍ଗ ସାହୁ, କୃତ୍ତିବାସ ଦାସ, ସରୋଜ ପରିଡା, ସାହାଜାନ ଖାନ୍, ନୀଳମଣି ବେହେରା ଓ ରତ୍ନମଞ୍ଜରୀ ଦାସଙ୍କୁ ଚୟନ କରାଯାଇଛି। ଆଗାମୀ ଡେରାବିଶ ମହୋତ୍ସବ ଆୟୋଜନ ନିମନ୍ତେ ସଂଗଠନ ଉପଦେଷ୍ଟା ମହେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଅତିଥି ଚୟନ କମିଟି, ଉପଦେଷ୍ଟା ପଣ୍ଡିତ ଶରତ ମିଶ୍ରଙ୍କ ନେତୃତ୍ୱରେ ମହୋତ୍ସବ ପତ୍ରିକା ପ୍ରକାଶନ କମିଟି ଓ ସଂଗଠନ ସଦସ୍ୟ ବେବର୍ତ୍ତା ଅଜୟ ଦାସଙ୍କ ନେତୃତ୍ୱରେ ବିଜ୍ଞାପନ ସଂଗ୍ରହ କମିଟି ଗଠନ କରାଯାଇଛି। ସଂଗଠନର ସଭାପତି ଚୟନ ଆଗାମୀ ଦିନରେ କରାଯିବା ନେଇ ଉପସ୍ଥିତ ସଦସ୍ୟ ସଦସ୍ୟା ସର୍ବସମ୍ମତି ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରେ ସଂଗଠନ ସଦସ୍ୟ ଅତୁଲ୍ୟ ରଥ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ସାହାଜାନ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟା ସଂଯୁକ୍ତା ମଲିକ, ପ୍ରମିଳା ମହାନ୍ତି, ବିମଳା ଘଡେଇ, ଧରଣୀଧର ପ୍ରଧାନ, ମରୁତ ସ୍ୱାଇଁ, ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନୂତନ ଥାନା ଆଇଆଇସିଙ୍କୁ ଶୁଭେଚ୍ଛା



**ରାଜନଗର,୨୩।୮ (ସମିସ):** ରାଜନଗର ବ୍ଲକ୍ ଅନ୍ତର୍ଗତ ତାଲଚୁଆ ସାମୁଦ୍ରିକ ଥାନାରେ ଭାରପ୍ରାପ୍ତ ଅଧିକାରୀ ଭାବେ ବିଶ୍ୱଭୂଷଣ ସାହାଣୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଥାନା ଅଧିକାରୀଙ୍କୁ ଡାଙ୍ଗମାଳ, ଖମାରସାହି ପଞ୍ଚାୟତ ବିଜୁ ଜନତା ଦଳର କର୍ମୀ ସୁଦର୍ଶନ ଦାଶ, ଜୟରାମ ସେଠୀ, ଲକ୍ଷ୍ମୀଧର ବାରିକ, ପ୍ରଭାତ ବେହେରା, ତପନ ଗନ୍ତାୟତ, ସତ୍ୟବ୍ରତ ସାହୁ, ରବିନ୍ଦ୍ର ସିଂ, ସୁଶାନ୍ତ ବେହେରା, ବିଶ୍ୱମ୍ବର ବେହେରା, ପବିତ୍ର କରଣ ପ୍ରମୁଖ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

### ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସ ପାଇଁ ପ୍ରସ୍ତୁତି

## ସାଂସ୍କୃତିକ ପରିଷଦ ପକ୍ଷରୁ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୨୩।୮ (ସମିସ):** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସକୁ ଆକର୍ଷଣୀୟ ଢଙ୍ଗରେ ପାଳନ ପାଇଁ ବଳଦେବଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରତିଯୋଗିତା ଆୟୋଜିତ ହୋଇଛି। ବଳଦେବ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ନିମ୍ନମାଧ୍ୟମିକ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ବହୁ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଓ ବକ୍ତୃତା ଭଳି ବିଭିନ୍ନ ବିଭାଗରେ ପ୍ରତିଯୋଗୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପରିଷଦ ପକ୍ଷରୁ କୁହାଯାଇଛି, ଏଭଳି ପ୍ରତିଯୋଗିତା କେବଳ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ କରିବାରେ ସହାୟକ ହେବ ନାହିଁ, ବରଂ କେନ୍ଦ୍ରାପଡ଼ାର ସମୃଦ୍ଧ ଧାର୍ମିକ, ସାଂସ୍କୃତିକ ଓ ପରମ୍ପରାକୁ ନୂତନ ପିଢ଼ି ସହିତ ଯୋଡ଼ିବାରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୭ ତାରିଖରେ ଇଚ୍ଛାପୁରସ୍ଥ ଯାତ୍ରୀ ନିବାସରେ ଆୟୋଜିତ ଶ୍ରୀବଳଦେବଜୀଉଙ୍କ ଜନ୍ମଦିବସ ଓ ରସାବଳୀ ଦିବସ ଉତ୍ସବରେ ପୁରସ୍କୃତ କରାଯିବ। ଏହି ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର. ଆୟର, ପ୍ରାକ୍ତନ ପାଣିପାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଆଇଏଏସ୍ ଅଲେଖ ପଢ଼ିଆରୀ, ଡ. ହରିହର କାନୁନଗୋ ଓ ପ୍ରାକ୍ତନ ଅଧ୍ୟକ୍ଷ ଡ. ବଳରାମ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରିଷଦର ସଭାପତି ରାଜେଶ ମହାନ୍ତି, ଉପସଭାପତି ଆଶିଷ ମେକାପ ଓ ଜାନକୀବଲ୍ଲଭ ସାମନ୍ତରାୟ, ସମ୍ପାଦକ ଉମାଶଙ୍କର ଜେନା, କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, କୋଷାଧ୍ୟକ୍ଷ ଗୋଲଖ ପଢ଼ିଆରୀଙ୍କ ସମେତ ପରିଷଦର ସଭ୍ୟସଭ୍ୟା ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

### ନିୟମ ଉଲ୍ଲଂଘନ କରି ସ୍କୁଲ ସମୟରେ ଛୁଟି

## ୬ ପ୍ରାଥମିକ ସ୍କୁଲକୁ କାରଣ ଦର୍ଶାଅ ନୋଟିସ

**ରାଜକନିକା,୨୩।୮ (ସମିସ):** ରାଜକନିକା ବ୍ଲକର ୬ଟି ପ୍ରାଥମିକ ବିଦ୍ୟାଳୟରେ ଶନିବାର ସକାଳୁଆ କ୍ଲାସ ହେଉଥିବାବେଳେ ୬. ୩୦ରୁ ୧୨. ୩୦ ମଧ୍ୟରେ ବିଦ୍ୟାଳୟ ବନ୍ଦ କରିବା ସହ ଅନ୍ୟ ଅନିୟମିତତାକୁ ତଦନ୍ତରେ ଯାଇ ନିରୀକ୍ଷଣ କରିଥିବା ରାଜକନିକା ବିଇଓ ୬ଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହ ଜଣେ ସିଆରସିସିଙ୍କ ଦରମା ବନ୍ଦ ପାଇଁ ନୋଟିସ୍ ହୋଇଛି। ରାଜକନିକା ବିଇଓ ଅଫିସର ଚିଠି ନମ୍ବର ୧୫୪୪/ ୨୨/୮/୨୦୨୬ରେ ଚାଲୁଣିଆ, ନହୁଲିଆ, ପୋରଳ ପ୍ରାଥମିକ, ବଜ୍ର ମହାକାଳୀ ନୋଡାଲ ଉପ୍ରା, କୋଠସାହି ପ୍ରୋଜେକ୍ଟ ୟୁଜିୟୁପି ଓ ଗିରିୟାର ସତେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟକୁ ନୋଟିସ ହୋଇଛି। ଏ ସମସ୍ତ ସ୍କୁଲକୁ ଅଚାନକ ପରିଦର୍ଶନ ବେଳେ ସମସ୍ତ ସ୍କୁଲ ନିର୍ଦ୍ଧାରିତ ସମୟ ପୂର୍ବରୁ ଛୁଟି ହୋଇଯିବା, କେତେକ ଶିକ୍ଷକ ଶିକ୍ଷାଦାନ ସମୟରେ ମୋବାଇଲ ଫୋନ ଓ ବ୍ଲୁଟୁଥର ଇଅର କର୍ଡରେ କଥା ହେଉଥିବା ଜଣାପଡିଥିଲା। ନୋଟିସ ପାଇବାର ୩ ଦିନ ମଧ୍ୟରେ ଜବାବ ନ ରଖିଲେ ଏକପାଖିଆ ଭାବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି।

**କର୍ତ୍ତବ୍ୟରେ ଅବହେଳା ପାଇଁ ଜଣେ ସିଆରସିସିଙ୍କ ଦରମା ବନ୍ଦ**

### ସରକାରଙ୍କ ଦ୍ୱାରା ଉପେକ୍ଷିତ ବରିଷ୍ଠ ନାଗରିକ

## ଆନ୍ଦୋଳନକୁ ଓହ୍ଲାଇବ ପାଟକୁରା ବରିଷ୍ଠ ନାଗରିକ ମଞ୍ଚ

**ଗରଦପୁର, ୨୩।୮ (ସମିସ)**



ବୟସର ସାୟାହ୍ନରେ ନିଃସଙ୍ଗ ହୋଇପଡୁଛନ୍ତି ବରିଷ୍ଠ ନାଗରିକ। ସରକାରୀ ଚାକିରିରୁ ଅବସର ହେଉ ଅବା ଘରେ ଥିବା ବୟୋବୃଦ୍ଧ ପୁରୁଷ ଅବା ମହିଳା, ସମସ୍ତେ ଯେମିତି ଦିଶାହୀନ। ଯୌଥ ପରିବାର ଭାଙ୍ଗିଗଲା ପରେ ଏକାନ୍ନବର୍ତ୍ତୀ ପରିବାର ଏବେ ବି ଦେଉଛି ଆହୁରି ଅନେକ ଯନ୍ତ୍ରଣା। ଏହାରି ଭିତରେ ସରକାରଙ୍କ ପ୍ରତିଶ୍ରୁତି ପାଣିରେ ଗାର ପାଲଟିଛି। ସରକାର କହିଥିଲେ ଯେଉଁମାନେ ବରିଷ୍ଠ ନାଗରିକ, ସେମାନେ ଅନଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିବା ପରେ ପରିଚୟପତ୍ର ପ୍ରଦାନ କରାଯିବ। ଏହି ପରିଚୟପତ୍ରକୁ ଦେଖାଇ ବସ କି ଟ୍ରେନ ଯାତ୍ରା ସମୟରେ ସରକାରଙ୍କ ସାହାଯ୍ୟ ଓ ସହଯୋଗ ପାଇବା ପାଇଁ ହକଦାର ହେବେ। ଏହାଛଡା ପ୍ରଦାନ କରାଯାଉଥିବା ବୟୋବନ୍ଦନ ସ୍ୱାସ୍ଥ୍ୟ କାର୍ଡ ପାଇବା ପାଇଁ ବି ସହଜ ହେବ। ଏପରିକି ଥାନା ହେଉ ତହସିଲ କି ବ୍ଲକ କାର୍ଯ୍ୟାଳୟ ସବୁଠି ଅଧିକାରୀ ସମ୍ମାନ ଦେବା ସହ ସହଯୋଗ ମିଳିବ। ଆଜି ପର୍ଯ୍ୟନ୍ତ ପରିଚୟପତ୍ର ପ୍ରଦାନ ନ କରି ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପାଟକୁରା ଅଞ୍ଚଳର ବରିଷ୍ଠ ନାଗରିକ ରାଜକିଶୋର ବାରିକ କହିଛନ୍ତି, ପରିଚୟପତ୍ର ପାଇଁ ଦୀର୍ଘ ୬ ମାସ ହେବ ଅନଲାଇନରେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ମିଳିପାରିନାହିଁ। ଏହାର ଅନୁଧ୍ୟାନ ପାଇଁ କୁଦାନଗରୀ ଓ ପାଟକୁରା ଥାନାକୁ ଦାୟିତ୍ୱ ଥିଲେ ମଧ୍ୟ ଥାନା ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ବରଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଯିବାକୁ କହି ଅପମାନିତ କରୁଛନ୍ତି ବୋଲି କହି ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ସେବା ନିବୃତ୍ତ ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା କହିଛନ୍ତି, ଆମେ ସରକାରୀ ଚାକିରି କରି ପେନସନ ପାଉଥିଲେ ମଧ୍ୟ ପରିବାର ଚଳାଇ ଅପରାହ୍ନ ବୟସରେ ଔଷଧ ଟିକେ ଖାଇବା ବି କଷ୍ଟକର ହୋଇପଡୁଛି ଅବା ତୀର୍ଥ ଯାତ୍ରା ପାଇଁ ସମ୍ଭବ ହେଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ କେତେକ ବରିଷ୍ଠ ନାଗରିକଙ୍କ ସନ୍ତାନ ନ ଥିବାରୁ ସେମାନେ ଡାକ୍ତରଙ୍କ ପାଖକୁ ଯିବା ବି ସମ୍ଭବପର ନୁହେଁ। ସେମାନଙ୍କ ପାଇଁ ସରକାର ଆଖି ବୁଜି ଦେଇଛନ୍ତି। ଏହାବ୍ୟତୀତ ସରକାର ଯେଉଁ ବୟୋବନ୍ଦନା କାର୍ଡରେ ସକକାରୀ ଚାକିରିରୁ ଅବସର ଗ୍ରହଣ ପରେ ୭୦ ବର୍ଷ ହେଲେ ସମସ୍ତେ ଏହି କାର୍ଡ ମାଧ୍ୟମରେ ଅନୁବନ୍ଧିତ ହୋଇପାରିବେ, ତାହା ଅଦ୍ୟାବଧି ଅନେକାଂଶରେ ସହଜରେ ହୋଇପାରୁନାହିଁ। ସରକାର ଯେଉଁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଛନ୍ତି, ଏତେ କଟକଣା ଓ ନିୟମ ଭିତରେ ବରିଷ୍ଠ ନାଗରିକ ଅବଗତ ହୋଇପାରୁନାହାଁନ୍ତି। ଫଳରେ ମେଡିକାଲ ଯାଇ ନାନାଦି ହଇରାଣ ହେଉଛନ୍ତି। ଅନଲାଇନ ମାଧ୍ୟମରେ ଯେଉଁ ବରିଷ୍ଠ ନାଗରିକଙ୍କୁ ମାସିକ ୧ ହଜାର ଟଙ୍କା ଦେଉଥିଲେ ବି ତାହା ମଧ୍ୟ ୩ ମାସରେ ଥରେ ମିଳୁଛି। ସରକାର ବରିଷ୍ଠ ନାଗରିକଙ୍କୁ ମାସିକ ୩ ହଜାର ୫ ଶହ ଟଙ୍କା ଭତ୍ତା ଦେବା ପାଇଁ ପ୍ରତିଶ୍ରୁତି ଦେଇ ଭୋଟ ନେଇଥିଲେ ମଧ୍ୟ ତାହା ପୂରଣ କଲେ ନାହିଁ । ଫଳରେ ସେହି ୧ ହଜାର ଟଙ୍କା ପାଇ କେତେକ ବରିଷ୍ଠ ନାଗରିକଙ୍କ ମଧ୍ୟ ପରଲୋକ ହୋଇଗଲାଣି ବୋଲି କାନୁନଗୋ ଶଶୀଭୂଷଣ ମହାନ୍ତି ଓ ରଞ୍ଜନ ଦାସ ଅଭିଯୋଗ କରିଛନ୍ତି। ଏବେ ଏତିକି ଯନ୍ତ୍ରଣାରେ ସରିନି ବରିଷ୍ଠ ନାଗରିକ ଦୁଃଖ। କେତେକଙ୍କ ରୋଜଗାର ନ ଥିବା ପୁଅଝିଅ ନିଜ ବାପାମାଆଙ୍କୁ ନେଇ ଜରାଶ୍ରମରେ ଛାଡି ଦେଇଆସୁଛନ୍ତି ବୋଲି ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ମନ୍ମଥ ନାଥ ସାମନ୍ତରାୟ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟାକୁ ନେଇ ସରକାର ଯଦି ଦୃଷ୍ଟି ନ ଦିଅନ୍ତି, ତେବେ ପାଟକୁରା ବରିଷ୍ଠ ନାଗରିକ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆବାହକ ତଥା ବରିଷ୍ଠ ନାଗରିକ ଡଃ ବୈଲୋଚନ ଛାଟୋଇଙ୍କ ସମେତ ସଭ୍ୟ ଗତିକୃଷ୍ଣ ଦାସ, ନବଘନ ମହରଣା, ମାଧବାନନ୍ଦ ନାୟକ, ଅକ୍ଷୟ ନାୟକ, ଗୋଲକ ବିହାରୀ ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

ସକାଳ
THE SAKALA

## ଗୋପନୀୟତା ଉଲ୍ଲଙ୍ଘନ

ଗତ ମାସରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସିଜେପି ଆୟୋଜିତ ଜେନ୍ ଜେଡ୍ ଆନ୍ଦୋଳନରେ ଭାଗ ନେଇଥିବା ଛାତ୍ରୀ ଓ ଯୁବତୀମାନଙ୍କ ଫଟୋ, ଭିଡିଓ ସମେତ ସେମାନଙ୍କ ପରିଚୟ ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ପ୍ରଘଟ ହେବା ପରେ ଗୋପନୀୟତା ଉଲ୍ଲଙ୍ଘନ ଭଳି ବିବାଦ ଉଠିଛି। ଏପରିକି ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସାଇବର ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ଅସ୍ୱୀକାର କରିବାର ନାହିଁ ଯେ ଏହି ଆନ୍ଦୋଳନକୁ ଅବଶିଷ୍ଟ ଭାରତବାସୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସାମାଜିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ଏବେ ସେହି ମଞ୍ଚ ହିଁ କିଛି ଆନ୍ଦୋଳନକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମରେ ବିନାନୁମତିରେ ଫଟୋ ସହିତ ପରିଚୟ ଓ ଠିକଣା ପ୍ରଘଟ କରିବା ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ପୀଡ଼ିତମାନେ ଚାହିଁଲେ ସମ୍ପୃକ୍ତ ପ୍ରଘଟକାରୀ ଏପରିକି ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। 'ଡକ୍ସିଂ' ଭାବରେ ନାମିତ ଏହିଭଳି ସାଇବର ଅପରାଧ ମହିଳା ଗୋପନୀୟତା ଉପରେ ଆକ୍ରମଣ ଭାବେ ଅଭିହିତ କରାଯାଉଥିବାରୁ ଏଥିପାଇଁ 'ଭାରତୀୟ ନ୍ୟାୟ ସଂହିତା'ରେ ଏକାଧିକ ଧାରା ଯଥା ୭୮, ୭୯, ୩୫୧ରହିଛି। ସେହିଭଳି ଏ କ୍ଷେତ୍ରରେ 'ପୋକ୍ସୋ' ଆଇନର ଧାରା ୧୨ ମଧ୍ୟ ପ୍ରଯୁଜ୍ୟ। ଏହାଛଡ଼ା 'ସୂଚନା ଓ ପ୍ରଯୁକ୍ତି ବିଦ୍ୟା' ଆଇନ ଧାରା ୬୬ଇ, ୭୨ଏ ଏଭଳି ଆଚରଣକୁ ଆପରାଧିକ ସଞ୍ଜ୍ଞା ଦେଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ପ୍ରାବଧାନ କରିଛି। କିନ୍ତୁ ଅଡୁଆ ହେଉଛି ଆନ୍ଦୋଳନ ବେଳେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ଅନେକ ଛାତ୍ରୀ ଓ ଯୁବତୀଙ୍କ ନାମରେ ପୁଲିସ୍ ମାମଲା ରୁଜୁ ପ୍ରକ୍ରିୟା ଆରମ୍ଭ କରିସାରିଥିବାରୁ ଡକ୍ସିଂ ପୀଡ଼ିତମାନେ ପୁଲିସ୍ ସହାୟତା ମାଗିବା ଆଶା କ୍ଷୀଣ।

ଏଆଇର ଉପଯୋଗ ଡକ୍ସିଂ ପୀଡ଼ାକୁ ଆହୁରି ଯନ୍ତ୍ରଣାଦାୟକ କରିଛି। କେତେବେଳେ କାହାର ଫଟୋ ବିକୃତ କିମ୍ବା କଦର୍ଯ୍ୟ ହୋଇ କେଉଁଠି ପ୍ରଘଟ ହେବ ତାହା କେହି ନିଶ୍ଚିତ କରିପାରିବେ ନାହିଁ। ଏଥିଯୋଗୁଁ ସାମାଜିକ ମାନମର୍ଯ୍ୟାଦା କ୍ଷୁଣ୍ଣ ହେବା ସହିତ ପାରିବାରିକ ସମ୍ପର୍କରେ ମଧ୍ୟ ଫାଟ ସୃଷ୍ଟି ହେଉଛି। ଏହି ପୃଷ୍ଠଭୂମିରେ ପୀଡ଼ିତମାନେ ସାମାଜିକ ଗଣମାଧ୍ୟମ ମଞ୍ଚ ବିରୋଧରେ ଅଭିଯୋଗ କରିପାରିବେ ଏବଂ ପୋଷ୍ଟଗୁଡ଼ିକୁ ହଟାଇବା ପାଇଁ ଦାବି କରିପାରିବେ। ସୂଚନା ପ୍ରଯୁକ୍ତି(ଅନ୍ତରୀଣ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ଗଣମାଧ୍ୟମ ନୈତିକ ସଂହିତା) ଅଧିନିୟମ ୨୦୨୧ ଅନୁଯାୟୀ ସମ୍ପୃକ୍ତ ମଞ୍ଚମାନେ 'ଡକ୍ସିଂ' ପାଇଁ ଉତ୍ତରଦାୟୀ ଏବଂ ଆଇନତଃ ଅଭିଯୁକ୍ତ ହୋଇପାରିବେ। ଉକ୍ତ ଅଧିନିୟମ ଅନୁଯାୟୀ ପୀଡ଼ିତମାନେ ଫଟୋ/ଭିଡିଓ ପୋଷ୍ଟ ହେବାର ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ମଞ୍ଚ ନିକଟରେ ଅଭିଯୋଗ ଦାଖଲ କରିପାରିବେ ଏବଂ ଅଭିଯୋଗ ଦାଖଲର ୭ଦିନ ମଧ୍ୟରେ, କେତେକ ସମ୍ବେଦନଶୀଳ ଘଟଣାରେ ୩ଦିନ ମଧ୍ୟରେ, ଉକ୍ତ ସଂସ୍ଥା ଆପତ୍ତିଜନକ ପୋଷ୍ଟଗୁଡ଼ିକୁ ହଟାଇବାକୁ ବାଧ୍ୟ। କିନ୍ତୁ ସମ୍ପୃକ୍ତ ସଂସ୍ଥାମାନଙ୍କର ବେଖାତିର ଆଚରଣ ଯୋଗୁଁ ଆଇନ ଦନ୍ତହୀନ ବାଘରେ ରୂପାନ୍ତରିତ ହେଉଛି। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟ ଏତେ ପ୍ରଭାବଶାଳୀ ଯେ କୌଣସି ଦେଶର ଆଇନକାନୁନ୍‌କୁ ସମ୍ମାନ ଦେଉନାହାନ୍ତି କି ସେମାନଙ୍କ ବାସନ୍ଦ କରାଯାଇପାରୁନାହିଁ। ତେଣୁ ଗଣମାଧ୍ୟମ ସଂସ୍ଥାଙ୍କୁ ସମ୍ପୂର୍ଣ୍ଣ ବାସନ୍ଦ ବ୍ୟତୀତ 'ଡକ୍ସିଂ'ରୁ ମୁକୁଳିବାର ରାସ୍ତା ଖୁବ୍ ସଂକୁଚିତ।

## କୋଟିଆ କାହାର?

ଗୁଗୁଲ୍ ମ୍ୟାପ୍‌ରେ କୋଟିଆ ଗ୍ରାମପୁଞ୍ଜିକୁ ଆନ୍ଧ୍ରପ୍ରଦେଶର ବୋଲି ଦର୍ଶାଯିବା ପରେ ପୁଣି ବିବାଦ ଉଠିଛି। ଗୁଗୁଲ୍ ଏଥିପାଇଁ କ୍ଷମା ମାଗୁ ବୋଲି ଦାବି ହୋଇଛି। କିନ୍ତୁ ଏଥିରେ ଗୁଗୁଲ୍‌ର ତ୍ରୁଟି ତୁଳନାରେ ଆନ୍ଧ୍ରପ୍ରଦେଶର ଭୂମିକା ଅଧିକ ଥିବା ମନେ ହେଉଛି। ନ୍ୟାୟିକ ଦୃଷ୍ଟିରୁ ଯାହା ଠିକ୍ ନୁହେଁ, ତାହାକୁ ରାଜନୈତିକ ପ୍ରଭାବ ଓ ଶକ୍ତି ପ୍ରୟୋଗ କରି ଠିକ୍ କରିହେବ ନାହିଁ। କୋଟିଆ ଗ୍ରାମପୁଞ୍ଜି ବିବାଦରେ ଆନ୍ଧ୍ରପ୍ରଦେଶ ସରକାର ବୋଧହୁଏ ଏହି ମୌଳିକ ବିଷୟଟିକୁ ପାସୋରି ଯାଉଛନ୍ତି। ଦୀର୍ଘ ୫୦ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ହେବ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତର ୨୮ କୋଟିଆ ଗ୍ରାମ ମଧ୍ୟରୁ ୨୧ଟିକୁ ନେଇ ବିବାଦ ରହିଛି। ଆନ୍ଧ୍ରପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ଭାବେ ଜନ୍ମନେବା (୧୯୫୬ ନଭେମ୍ବର ୧)ର ବହୁପୂର୍ବରୁ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ବ୍ରିଟିଶ ଇଣ୍ଡିଆର ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ହେବା କାଳରୁ ତତ୍କାଳୀନ ମାଡ୍ରାସ୍ ପ୍ରେସିଡେନ୍ସି ସହିତ ଯେଉଁ ଦକ୍ଷିଣ ସୀମାନ୍ତ ସୀମା ଧାର୍ଯ୍ୟ ହୋଇଥିଲା ସେଥିରେ ଏହି ଗ୍ରାମପୁଞ୍ଜି ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲା। ତେବେ ପରବର୍ତ୍ତୀ କାଳରେ ନୂତନ ଆନ୍ଧ୍ର ଜନ୍ମ ନେବା ପରେ ପ୍ରାୟ ୨୦ ବର୍ଷର ଓଡ଼ିଶାର ଦାବିକୁ ବଦଳାଇ ଏସବୁ ଗ୍ରାମପୁଞ୍ଜି ଉପରେ ନିଜର ଅଧିକାର ଜାହିର କରିଆସୁଛି। ମାମଲାଟି ଏବେ ସୁପ୍ରିମକୋର୍ଟର ବିଚାରଧୀନ ଅଛି ଏବଂ ଓଡ଼ିଶା ସପକ୍ଷରେ ସ୍ଥିତାବସ୍ଥା ରହିଛି।

ନିଜ ସୀମାର ସୁରକ୍ଷା ପାଇଁ ପରିସ୍ଥିତି ଓ ସମୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲୋଡୁଛି। ଦୁର୍ଭାଗ୍ୟଜନକ ହେଲା, ଆମ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଦା ବିଷ୍ଣୁ ସାଜିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବହୁଦିନର ଜଟିଳ ସୀମା ବିବାଦ ସବୁକୁ ସମାଧାନ କରିବାରେ କେନ୍ଦ୍ର ସରକାର ଯେଉଁ ତତ୍ପରତା ପ୍ରକାଶ କରୁଛନ୍ତି, କୋଟିଆରେ ତାହା ଦେଖିବାକୁ ମିଳୁନାହିଁ। ଏହି ପ୍ରସଙ୍ଗରେ ରାଜନୈତିକ ସମାଧାନ ନ୍ୟାୟିକ ନିଷ୍ପତ୍ତିଠାରୁ ଅଧିକ ଗୁରୁତ୍ୱ ବହନ କରେ। ଓଡ଼ିଶା ବାରମ୍ବାର ଏ କଥା କେନ୍ଦ୍ରର ନଜରକୁ ଆଣୁଛି, ସଂଘୀୟ ମଞ୍ଚରେ ଉପସ୍ଥାପନ କରୁଛି; କିନ୍ତୁ କିଛି ଫଳ ହେଉ ନାହିଁ। ଏହା ସୂଚାଉଛି ଯେ କେନ୍ଦ୍ର ସରକାର ସୀମା ପ୍ରସଙ୍ଗରେ ଓଡ଼ିଶା ପାଇଁ ଦୋହରା ମାନଦଣ୍ଡ ପ୍ରୟୋଗ କରୁଛନ୍ତି। ତେଣୁ ଏବେ ସମୟ ଆସିଛି ଗୁଗୁଲ୍‌କୁ ଦୋଷାରୋପ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସମ୍ପୃକ୍ତ ବିଭାଗକୁ ଉତ୍ତରଦାୟୀ କରିବାକୁ ପଡ଼ିବ।

# ନବପିଢ଼ିର ଶାଶ୍ୱତ ଅଗ୍ନିଶିଖା

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଆଜି ଜେନ୍-ଜେଡ୍ ଏବଂ ଜେନ୍-ଆଲ୍‌ଫାଙ୍କ ଜାଗରଣ ଅନେକଙ୍କୁ ଯେତିକି ବିସ୍ମିତ କରିଛି, ତା'ଠାରୁ ବହୁଗୁଣ ଉଲ୍ଲସିତ ବି କରିଛି। ବିସ୍ମିତ କରିଛି, କାରଣ ଅନେକେ ବେଶ୍ କିଛି ବର୍ଷ ହେଲାଣି ଭାବିବାରେ ଅଭ୍ୟସ୍ତ ହୋଇଯାଇଥିଲେ ଯେ ନୀତି, ନୈତିକତା, ଶୃଙ୍ଖଳା ଏବଂ ପ୍ରଶ୍ନହୀନ ଆନୁଗତ୍ୟ ବା ବଶମ୍ବଦତା ପରି ମୂଲ୍ୟବୋଧ ଓ ସଂସ୍କାର ସବୁରୁ ଆଜିର ପିଲାମାନେ କେବେ ବିଚ୍ୟୁତ ହେବେ ନାହିଁ କିମ୍ବା ଯଦି ବା କେବେ କୈଶୋର ବା ତାରୁଣ୍ୟର ଆଦ୍ୟ ଉଦ୍ଦୀପନା ଯୋଗୁଁ ସେଥିରୁ ବିଚ୍ୟୁତ ହେବେ, ଖୁବ୍ ଶୀଘ୍ର ପୁଣି ଠିକଣା ମାର୍ଗକୁ ଫେରିଆସିବେ। ଉଲ୍ଲସିତ ହୋଇଛନ୍ତି, କାରଣ ସେମାନେ ଯେଉଁ କଥା କହିବାକୁ ଚାହୁଁଥିଲେ ବି କହି ପାରୁନଥିଲେ, ଯେଉଁ ସାମାଜିକ ବା ଶାସନଗତ ପରିବର୍ତ୍ତନ ନିହାତି ଜରୁରୀ ବୋଲି ଜଣାଇବାକୁ ଚାହୁଁଥିଲେ ବି ଜଣାଇ ପାରୁନଥିଲେ, ସେଇ ଦାୟିତ୍ୱଟି ଏବେ ପିଲାଏ ତାଙ୍କ କାନ୍ଧକୁ ନେଇ ଯାଇଛନ୍ତି। ତେବେ ଏକଥା ସତ୍ୟ ଯେ ଆଜିର ବୟସ୍କ ସମାଜ ପ୍ରାୟତଃ ଏଇ ନବପିଢ଼ିକୁ ଉଦ୍ଦେଶ୍ୟହୀନ, ମୋବାଇଲ୍ ସ୍କ୍ରିନ୍ ଓ ଡିଜିଟାଲ ଜଗତର ମନୋରଞ୍ଜକ ଆବହାୱାରେ ଉଡ଼ିବୁଲୁଥିବା ହାଲ୍‌କା ଫୁଲ୍‌କା ଏବଂ ତେଣୁ ଦିଗଭ୍ରଷ୍ଟ, ବିପଥଗାମୀ ପିଢ଼ି ବୋଲି ଆକ୍ଷେପ କରିଥାଏ। ଅତି ସହଜରେ ଭୁଲିଯାଇଥାଏ ଯେ ଯେବେ ଯେବେ ସାମାଜିକ ଅନ୍ୟାୟ, ଶାସକୀୟ ସ୍ୱୈରତନ୍ତ୍ର, ଜଳବାୟୁ ପରିବର୍ତ୍ତନ ଓ ମାନବାଧିକାର ପ୍ରସଙ୍ଗକୁ ନେଇ କେଉଁଠି ସ୍ୱର ଉତ୍ତୋଳିତ ହୋଇଥାଏ, ସେଥିରେ ସବୁଠାରୁ ତୀବ୍ରତର ଥାଏ ଏଇ ନବପିଢ଼ିର ସ୍ୱର।

ଏବେ ଏଇ ନବପିଢ଼ିର ଆନ୍ଦୋଳନ ଓ ପ୍ରତିବାଦକୁ ଅନେକ ବୁଦ୍ଧିଜୀବୀ, ସ୍ତମ୍ଭକାର ଓ ଲୋକମତ-ନିର୍ମାତାମାନେ ଅଲଗା ଅଲଗା ବିଚାର ଓ ମତାଦର୍ଶର ତରାଜୁରେ ତଉଲି ଚାଲିଥିବା ଏବଂ ଏ ଅଭୁତପୂର୍ବ ତଥା ଅଭିନବ ଆନ୍ଦୋଳନର ଔଚିତ୍ୟ ଯଥା ଗୁଣଗ୍ରାମ ବର୍ଣ୍ଣନା କରିଚାଲୁଥିବା ଆମେ ଦେଖିଚାଲିଛେ, ବିଶେଷକରି ଆମ ଛାପା ଗଣମାଧ୍ୟମମାନଙ୍କରେ। ଅନେକ ଅବଶ୍ୟ ପିଲାମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା, ସହାନୁଭୂତି ଓ ପୃଷ୍ଠପୋଷକତା-ଭାବରଞ୍ଜିତ ମନୋଭାବ ପ୍ରକାଶ କରିଥିବା କଥା ଆମେ ଜାଣିଛେ। କିନ୍ତୁ ଏମାନଙ୍କ ମଧ୍ୟରେ ଏମିତି କେତେଜଣ ମଧ୍ୟ ଅଛନ୍ତି, ଯେଉଁମାନେ ପିଲାମାନଙ୍କ ବ୍ୟଙ୍ଗ ଓ ବ୍ୟଙ୍ଗାତ୍ମକ ଅଭିନୟ ମାଧ୍ୟମରେ ପ୍ରତିବାଦ ଓ ଚାତୁର୍ଯ୍ୟପୂର୍ଣ୍ଣ ସ୍ଲୋଗାନଗୁଡ଼ିକରେ ଅପସଂସ୍କୃତିର ଆବାସ ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ଏସବୁ ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ହେବ ଯେ ଆଜିର ନବପିଢ଼ିର ଚେତନାରେ ସ୍ପଷ୍ଟ ପରିସ୍ଫୁଟିତ ହୋଇଛି ଅନେକ ସଚେତନ ଜନସାଧାରଣଙ୍କ ଅବଦମିତ ଇଚ୍ଛା ଓ ଭାବନା।

ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆମେ ନବପିଢ଼ିର ଯେଉଁ ସ୍ୱର ଶୁଣୁଛେ ସେଥିରେ ପ୍ରତିଧ୍ୱନିତ ହୋଇଥାଏ ଭାରତୀୟ ମୁକ୍ତି ସଂଗ୍ରାମର ଦୀର୍ଘ ଅବଧି ମଧ୍ୟରେ କୁହାଯାଇଥିବା ସେତେବେଳର ନବପିଢ଼ିର ସ୍ୱର। ତେଣୁ କୁହାଯାଇପାରେ ଯେ ବର୍ତ୍ତମାନର ଜେନ୍-ଜେଡ୍ ଓ ଜେନ୍-ଆଲ୍‌ଫା ହେଉଛନ୍ତି ଭାରତୀୟ ମୁକ୍ତିସଂଗ୍ରାମ କାଳର ସେହି ନିର୍ଭୀକ, ଦୁଃସାହସୀ, ଦେଶାତ୍ମବୋଧରେ ସ୍ପନ୍ଦିତ ହୋଇଥିବା ପିଢ଼ିର ସାର୍ଥକ ଦାୟାଦ। ଆମେ ଜାଣିଛେ ଆମ ଦେଶର ଯୁବସମାଜର ଏହି ଗୌରବମୟ ଐତିହ୍ୟର ଗାଥା ଓ ବିଶେଷକରି ଆମେ ବି ଜାଣିଛେ ଆମ ରାଜ୍ୟ ଓଡ଼ିଶାରେ ସେଦିନ ଗାନ୍ଧୀଙ୍କ ବାନରସେନାଙ୍କ ଭାବମନ୍ଦ୍ରିତ କଣ୍ଠ ନିଃସୃତ 'ମାର କେତେ ବେତ ମାରିବ / ଜୀବନକୁ ଆମେ ପାଣି ଛଡ଼ାଇଛୁ ତୁମେ କି ଆମକୁ ପାରିବ' ର ସେ ରୋମାଞ୍ଚକର ଗାଥା। ସେଇ ରୋମାଞ୍ଚର ଝଲକ ବି ଆମେ ଏବେ ଦେଖିଚାଲିଛେ ଜେନ-ଜେଡ୍ ଓ ଜେନ୍-ଆଲ୍‌ଫାଙ୍କ ବିଦ୍ରୋହୀ ସ୍ୱରରେ ଏବଂ ସେମାନଙ୍କ ଅହିଂସ, ଶାନ୍ତିପୂର୍ଣ୍ଣ ପ୍ରତିବାଦରେ।

ଯୁବପିଢ଼ିର ଏ ବିଦ୍ରୋହ, ଏ ପ୍ରତିବାଦ ଆଦୌ ଏକ ଆକସ୍ମିକ ଘଟଣା ନୁହେଁ। ଏହାର ଜ୍ୱଳନ୍ତ ପ୍ରମାଣ ମିଳିଥାଏ ପ୍ରାୟ ଏକ ଶତାବ୍ଦୀ ତଳର ସରକାରୀ ଗୁପ୍ତ ଦସ୍ତାବିଜରୁ।୧୯୩୦ ମସିହାରେ ବ୍ରିଟିଶ ସରକାରର ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପ୍ରତୀକାତ୍ମକ ସ୍ୱର ଉତ୍ତୋଳନ କରିଥିଲେ ଦିଲ୍ଲୀର କିଛି ଛାତ୍ର। ସେହି ୧୯୩୦ ମସିହା ନଭେମ୍ବର ୫ତାରିଖରେ ଲେଖାଯାଇଥିବା ଏକ ଅତି ଗୋପନୀୟ ଚିଠିରୁ ଆମ ଇତିହାସର ଏହି ପ୍ରେରଣାଦାୟୀ ଗାଥାର ସନ୍ଧାନ ମିଳିଛି, ଯାହା ସଂପର୍କରେ ଜାଣିଲେ ଯେକେହି ଭାରତୀୟ ଏବେ ବି ଦେଶପ୍ରେମ ଓ ଦେଶପାଇଁ ବିପଦ ବରଣ କରିବାର ପବିତ୍ର ଭାବୋଚ୍ଛ୍ୱାସରେ ବିହ୍ୱଳିତ ହୋଇଯିବେ। ଦିଲ୍ଲୀର କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସି.ଆଇ.ଡି)ର 'ସୁପରିଟେଣ୍ଡେଣ୍ଟ ଅଫ ପୁଲିସ୍' ଏହି ବିଶେଷ ରିପୋର୍ଟ ପ୍ରସ୍ତୁତ କରି ସେତେବେଳର ଦିଲ୍ଲୀର ଡେପୁଟି କମିଶନର ଜେ.ଏନ୍.ଜି ଜନ୍‌ସନଙ୍କ ପାଖକୁ ପଠାଇଥିଲେ। ପରେ ପରେ ବ୍ରିଟିସ୍ ଗୁପ୍ତଚର ବିଭାଗ ନୂଆଦିଲ୍ଲୀର ଏମ୍.ବି. ହାଇସ୍କୁଲର ନବମ ଶ୍ରେଣୀର କିଛି କୋମଳମତି ଛାତ୍ରଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଆରମ୍ଭ କରିଦେଲା। ସେହି ଚିଠିରେ ଉଲ୍ଲେଖ ଥିବା ସୂଚନା ଅନୁଯାୟୀ ନବମ ଶ୍ରେଣୀର ପିଲାମାନେ ନିଜ ସ୍କୁଲ ପୋଷାକରେ ଏପରି କିଛି ମେଟାଲ୍ ବଟନ୍ ବା ବ୍ୟାଜ୍ ପିନ୍ଧି ଆସୁଥିଲେ, ଯେଉଁଥିରେ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ସଂସଦଗୃହରେ ବୋମା ବିସ୍ଫୋରଣ କରିଥିବା ମହାନ୍ ବିପ୍ଳବୀ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତଙ୍କ ଚିତ୍ର ରହିଥିଲା। ଆଜିର ଯୁଗର ପରିଭାଷାରେ କହିବାକୁ ଗଲେ ଉଭୟ କ୍ରାନ୍ତିକାରୀ ଥିଲେ ସେତେବେଳର ନବପିଢ଼ିର ଯୁବକ। ସେ ଚିଠିରେ ପୁଣି ଥିଲା ଛାତ୍ରମାନେ ନିଜ ଶ୍ରେଣୀଗୃହର କାନ୍ଥରେ ଜାତୀୟତାବାଦୀ ନେତା ଏବଂ ବିପ୍ଳବୀମାନଙ୍କର ଆଲୋକଚିତ୍ରମାନ ଟାଙ୍ଗି ଦେଇଥିବା ଭଳି ଗୁରୁତର ଅଭିଯୋଗ। ଗୁପ୍ତଚର ବିଭାଗ ଏଥିପାଇଁ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଦ୍ୱିତୀୟ ଶିକ୍ଷକ 'ତୋଲାରାମ'ଙ୍କୁ ଦାୟୀ କରିଥିଲେ। ଅଭିଯୋଗ ଥିଲା ଯେ ଏହି ଶିକ୍ଷକଦ୍ୱୟ ପିଲାମାନଙ୍କ ବିଦ୍ରୋହୀ ଆଚରଣ ପ୍ରତି କୋମଳ ମନୋଭାବ ପ୍ରଦର୍ଶନ କରି ଆସୁଥିଲେ। ପୁଲିସ ଓ ପ୍ରଶାସନର ଚାପ ଯୋଗୁଁ ସ୍କୁଲ କର୍ତ୍ତୃପକ୍ଷ ଶ୍ରେଣୀଗୃହରୁ ସେହି ଫଟୋଗୁଡ଼ିକ କାଢ଼ିଦେବାକୁ ବାଧ୍ୟ ହୋଇଥିଲେ। ମାତ୍ର ସେତେବେଳକୁ ସାରା ଭାରତବର୍ଷ ୧୪-୧୫ ବର୍ଷର ଏହି କିଶୋରମାନଙ୍କ ସାହସ ଦେଖି ସ୍ତମ୍ଭୀଭୂତ ହୋଇଯାଇଥିଲା ଏବଂ ବ୍ରିଟିସ୍ ବିରୋଧୀ ଆନ୍ଦୋଳନର ଶିଖା ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ ହୋଇଥିଲା। ଭାରତୀୟ ମୁକ୍ତି ସଂଗ୍ରାମରେ ଭାରତୀୟ କିଶୋର/କିଶୋରୀମାନଙ୍କ ସକ୍ରିୟ ଯୋଗଦାନ ଏହିପରି ଥିଲା ଏକ ପ୍ରେରଣାଦାୟୀ ଐତିହାସିକ ଅଧ୍ୟାୟ।

କୈଶୋର ଓ ଯୌବନର ଚେତନା କେବେ କୌଣସି ଶାସକୀୟ ଦମନମୂଳକ ପଦକ୍ଷେପ କିମ୍ବା ଭୟ ଆଗରେ ସହଜରେ ମୁଣ୍ଡ ନୁଆଁଇ ନଥାଏ। ଯୁବମାନସ ହେଉଛି ଏକ ପବିତ୍ର ଓ ଅକଲୁଷିତ ଝରଣା, ଯାହା କେବଳ ସତ୍ୟ ଓ ସ୍ୱାଧୀନତାର ଅନ୍ୱେଷଣରେ ପ୍ରବାହିତ ହୋଇଥାଏ। ବୟସ୍କମାନଙ୍କ ଦୁନିଆ ପ୍ରାୟତଃ ସ୍ୱାର୍ଥପରତା, କୂଟନୀତି, ନିର୍ଦ୍ଦିଷ୍ଟ ଚିନ୍ତାଧାରଣା-ପ୍ରେରିତ ସାଲିସ୍ ବା ଆନୁଗତ୍ୟ ଏବଂ ଭୟର ତାମସିକ କୁହୁଡ଼ିରେ ଆଚ୍ଛାଦିତ ହୋଇଯାଇଥାଏ। ହୁଏତ ଏମିତି ହୁଏ ଯେ ଜୀବନର ଦୌଡ଼ରେ ବୟସ୍କମାନେ ନିଜ ଭିତରର ସ୍ୱପ୍ନ ଓ ନ୍ୟାୟବୋଧକୁ କେଉଁଠି ନା କେଉଁଠି ଜଳାଞ୍ଜଳି ଦେଇଥା'ନ୍ତି। ସାମାଜିକ ଅନ୍ୟାୟ, ମାନବିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ସହିତ ବଞ୍ଚିବା ଶିଖି ଯାଇଥା'ନ୍ତି ସେମାନେ। ନିଜ ନିଜ ଆତ୍ମାର ଡାକ ନ ଶୁଣିବାରେ ଅଭ୍ୟସ୍ତ ହୋଇଯାଇଥା'ନ୍ତି - କେତେବେଳେ ନିରୂପାୟ ହୋଇ ତ ଆଉ କେତେବେଳେ ତୁଚ୍ଛା ଆତ୍ମ-କୈନ୍ଦ୍ରିକ ମନୋଭାବକୁ ପୋଷଣ କରି। କିନ୍ତୁ ସବୁକାଳେ କୈଶୋର, ତାରୁଣ୍ୟ ଓ ଯୌବନ ହେଉଛି ନିଛକ ସରଳତାର ସମୟ, ପବିତ୍ର ଉଦ୍ଦାମତା ଓ ଉଦ୍ଦୀପନାର ସମୟ। ଅସମାନତା ବା କ୍ରୁରତାର କଳାବାଦଲ ଯେତେବେଳେ ଘୋଟିଆସେ, ସେତେବେଳେ ଯୁବକ / ଯୁବତୀମାନଙ୍କ ବିବେକ ବିଦ୍ରୋହ କରିଉଠେ। ସେ ବିଦ୍ରୋହର ସ୍ୱରରେ ନଥାଏ କୌଣସି ମନ୍ଦ ଉଦ୍ଦେଶ୍ୟ, ବରଂ ଥାଏ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ବ୍ୟାକୁଳତା ଓ ଆପଣା ଦେଶମାତୃକାର ସର୍ବବିଧ ଉନ୍ନତି ପାଇଁ ଏକ ଉଚ୍ଛ୍ୱସିତ କାମନା।

ଯୁବପିଢ଼ି ଇତିହାସର ସେହି କବିତା, ଯାହା ରଚିତ ହୋଇଥାଏ ନିବିଡ଼ ପ୍ରେମ, ଶ୍ରଦ୍ଧା, ଆନ୍ତରିକତାର ନାନ୍ଦନିକ ରସରେ ଏବଂ ଯାହା ଛନ୍ଦାୟିତ ହୋଇଥାଏ ଦୀପକ ରାଗିଣୀ କି ମେଘମଲ୍ଲାର ରାଗିଣୀରେ। ଯୁବପିଢ଼ି ସବୁକାଳେ ନବୋଦିତ ସୂର୍ଯ୍ୟର ଆବାହନ କରିଥାଏ। ଏହାର ଏହି ଚାରିତ୍ରିକ ବୈଶିଷ୍ଟ୍ୟ ମାନବ ସଭ୍ୟତା ଇତିହାସର ଏକ ନିରନ୍ତର ସ୍ୱର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୦୦୭

# ୟୁପିଆଇ: ସୁବିଧା ଓ ସତର୍କତା

**ଶଙ୍ଖସିନ୍ଧୁ ପୁରୋହିତ**

ପ୍ରଯୁକ୍ତି ଯେତେବେଳେ ଜୀବନକୁ ସହଜ କରେ, ସେତେବେଳେ ସେ ଆଶୀର୍ବାଦ; କିନ୍ତୁ ସେହି ପ୍ରଯୁକ୍ତି ଯେତେବେଳେ ମଣିଷର ଆର୍ଥିକ ଆଚରଣକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କରେ, ସେତେବେଳେ ସତର୍କତା ଅପରିହାର୍ଯ୍ୟ। ଭାରତର ଡିଜିଟାଲ ଅର୍ଥନୀତିର ସବୁଠାରୁ ବଡ଼ ସଫଳତା ଭାବେ ଆଜି ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ପରିଚିତ। କିଛି ବର୍ଷ ପୂର୍ବରୁ ଯେଉଁଠାରେ ଛୋଟ ଛୋଟ କାରବାର ପାଇଁ ନଗଦ ଟଙ୍କା ଅପରିହାର୍ଯ୍ୟ ଥିଲା, ଆଜି ସେହି ସ୍ଥାନ ନେଇଛି ମୋବାଇଲ୍ ଫୋନ୍ ଓ କ୍ୟୁଆର୍ କୋଡ୍। ଏକ ଚା' ଦୋକାନ, ପନିପରିବା ବ୍ୟବସାୟୀ, ରିକ୍ସା ଚାଳକ, ମନ୍ଦିରର ଦାନବାକ୍ସ, ହସ୍ପିଟାଲ କିମ୍ବା ବଡ଼ ସପିଂ ମଲ୍ ସବୁଠି ୟୁପିଆଇର ଉପସ୍ଥିତି ଭାରତକୁ ଏକ ପ୍ରକୃତ ନଗଦବିହୀନ ସମାଜ ଆଡ଼କୁ ନେଉଛି। କିନ୍ତୁ ନିକଟରେ ୟୁପିଆଇ ସହ କ୍ଷୁଦ୍ର ଋଣ(ସ୍ମଲ୍-ଟିକେଟ୍ କ୍ରେଡିଟ୍) ସୁବିଧା ଯୋଡ଼ିବାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହା ସ୍ୱାଭାବିକ ଭାବରେ ଏକ ପ୍ରଶ୍ନ ଉଠାଏ ଯେ ୟୁପିଆଇ କେବଳ ଦେୟ ପ୍ରଦାନର ମାଧ୍ୟମ ହୋଇ ରହିବ, ନା ଏହା ଭାରତୀୟଙ୍କ ଆର୍ଥିକ ଆଚରଣକୁ ମଧ୍ୟ ନୂଆ ଦିଗ ଦେବ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆଜିର ସମୟର ଆବଶ୍ୟକତା।

ପ୍ରଥମେ ୟୁପିଆଇର ସକାରାତ୍ମକ ପକ୍ଷକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଡିଜିଟାଲ ଦେୟ ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ ଔପଚାରିକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିଛି। କ୍ଷୁଦ୍ର ବ୍ୟବସାୟୀମାନେ ନଗଦ ରଖିବାର ବିପଦରୁ ମୁକ୍ତ ହୋଇଛନ୍ତି। ସରକାରୀ ସହାୟତା ସିଧାସଳଖ ଲାଭାର୍ଥୀଙ୍କ ପାଖକୁ ପହଞ୍ଚୁଛି। ଦେଣନେଣର ସ୍ୱଚ୍ଛତା ବଢ଼ିଛି। କର ଆଦାୟରେ ସୁଧାର ଆସିଛି ଏବଂ ଅର୍ଥନୀତିରେ ଡିଜିଟାଲ ରେକର୍ଡର ଗୁରୁତ୍ୱ ବଢ଼ିଛି। ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଭାରତର ଡିଜିଟାଲ ପେମେଣ୍ଟ ମଡେଲ୍‌କୁ ପ୍ରଶଂସା କରିଛନ୍ତି। ଏହା ସତ୍ୟ ଯେ, ପ୍ରଯୁକ୍ତି କେବଳ କାରବାରକୁ ବଦଳାଏ ନାହିଁ; ଏହା ମଣିଷର ଆଚରଣକୁ ମଧ୍ୟ ବଦଳାଏ। ଆଜିର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସେଇଠି।

ଅର୍ଥନୀତି ଓ ବ୍ୟବହାରିକ ଅର୍ଥନୀତିର ଗବେଷଣା କହେ ଯେ, ନଗଦ ଟଙ୍କା ଦେଇ କୌଣସି ବସ୍ତୁ କିଣିବା ଓ ଡିଜିଟାଲ ମାଧ୍ୟମରେ ଦେୟ ପ୍ରଦାନ କରିବା ମଧ୍ୟରେ ମଣିଷର ମାନସିକ ପ୍ରତିକ୍ରିୟା ସମାନ ନୁହେଁ। ପ୍ରସିଦ୍ଧ ଅର୍ଥନୀତିବିତ୍ ରିଚାର୍ଡ ଥାଲର ଏବଂ ପରବର୍ତ୍ତୀ ଅନେକ ଗବେଷକଙ୍କ ଅଧ୍ୟୟନ ଦର୍ଶାଏ ଯେ, ନଗଦ ଦେବା ସମୟରେ ମଣିଷ ଖର୍ଚ୍ଚ କରିବାର ମାନସିକ ଚାପ(ପେନ୍ ଅଫ୍ ପେୟିଙ୍ଗ)କୁ ଅଧିକ ଅନୁଭବ କରେ। କିନ୍ତୁ ଡିଜିଟାଲ ପେମେଣ୍ଟରେ ସେହି ଚାପ କମିଯାଏ। ଫଳରେ ଲୋକ ଅଜାଣତରେ ଅଧିକ ଖର୍ଚ୍ଚ କରିଥା'ନ୍ତି। ଏହି ମନୋବିଜ୍ଞାନ ଆଜିର ୟୁପିଆଇ ସଂସ୍କୃତିରେ ସ୍ପଷ୍ଟ ଦେଖାଯାଉଛି। ପୂର୍ବରୁ ଦୋକାନରେ ୫୦୦ ଟଙ୍କାର ନୋଟ୍ ଦେବା ପୂର୍ବରୁ ମଣିଷ ଭାବୁଥିଲା। ଆଜି କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ 'ପେମେଣ୍ଟ ସକ୍ସେସଫୁଲ୍' ବୋଲି ଶବ୍ଦ ଶୁଣିବାକୁ ମାତ୍ର କିଛିସେକେଣ୍ଡ ଲାଗୁଛି। ଖର୍ଚ୍ଚର ବାସ୍ତବ ଅନୁଭବ କମିଯାଉଥିବାରୁ ଛୋଟ ଛୋଟ ଅନାବଶ୍ୟକ ବ୍ୟୟ ବଢ଼ିବା ସ୍ୱାଭାବିକ। ଅନଲାଇନ୍ ଫୁଡ୍ ଅର୍ଡର୍, କଫି, ଛୋଟ ଅଫର୍, ଅନାବଶ୍ୟକ ସବ୍‌ସ୍କ୍ରିପ୍‌ସନ୍ ସବୁକିଛି 'କେବଳ ଶହେ କି ଦୁଇଶହ ଟଙ୍କା' ଭାବି ହୋଇଯାଏ। ମାସ ଶେଷରେ ସେହି ଛୋଟ ଛୋଟ ଦେୟ ବଡ଼ ଅଙ୍କରେ ପରିଣତ ହୁଏ।

ବିଶ୍ୱର ବିଭିନ୍ନ ଗବେଷଣା ଦର୍ଶାଇଛି ଯେ, କ୍ୟାଶଲେସ୍ ପେମେଣ୍ଟ ବ୍ୟବସ୍ଥା ଆବେଗପ୍ରବଣ କ୍ରୟକୁ ବୃଦ୍ଧି କରିଥାଏ। ମାର୍କେଟିଂ କମ୍ପାନୀମାନେ ମଧ୍ୟ ଏହି ମନୋବିଜ୍ଞାନକୁ ବ୍ୟବହାର କରନ୍ତି। 'ଏବେ କିଣନ୍ତୁ', 'ସୀମିତ ସମୟର ଅଫର୍', 'କ୍ୟାଶବ୍ୟାକ୍', 'ଡିସକାଉଣ୍ଟ' ଭଳି ପ୍ରଲୋଭନ ଡିଜିଟାଲ ଦେୟର ସହଜତା ସହ ମିଶି ଗ୍ରାହକଙ୍କ ଖର୍ଚ୍ଚ ବଢ଼ାଇଥାଏ। ଏବେ ଯଦି ଏହି ବ୍ୟବସ୍ଥା ସହ ୟୁପିଆଇ ଋଣ ଯୋଡ଼ାଯାଏ, ତେବେ ସୁବିଧା ସହ ବିପଦର ପରିମାଣ ମଧ୍ୟ ବଢ଼ିପାରେ। ନିଶ୍ଚିତ ଭାବେ ଏହି ସୁବିଧା ଜରୁରୀ ଚିକିତ୍ସା, କ୍ଷୁଦ୍ର ବ୍ୟବସାୟ କିମ୍ବା ଅସ୍ଥାୟୀ ଆର୍ଥିକ ସଙ୍କଟରେ ଥିବା ପରିବାରଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇପାରେ। କିନ୍ତୁ ଯଦି ଏହା ଦୈନନ୍ଦିନ ଭୋଗବିଳାସର ଅଂଶ ହୋଇଯାଏ, ତେବେ ଋଣ ନେବା ଏକ ସାଧାରଣ ଅଭ୍ୟାସରେ ପରିଣତ ହେବ। ଆଜିର ସୁବିଧା କାଲିର ଋଣଭାର ହୋଇପାରେ।

ଏଠାରେ ନିୟାମକ ସଂସ୍ଥା, ବ୍ୟାଙ୍କ ଓ ଫିନଟେକ୍ କମ୍ପାନୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ନୂଆ ସେବା ଆଣିଦେବା ଯଥେଷ୍ଟ ନୁହେଁ; ଗ୍ରାହକଙ୍କୁ ଆର୍ଥିକ ସାକ୍ଷରତା ସମ୍ପର୍କରେ ସଚେତନ କରିବା ମଧ୍ୟ ସମାନ ଦାୟିତ୍ୱ। ସଞ୍ଚୟ, ବଜେଟ୍ ପ୍ରସ୍ତୁତି, ଦାୟିତ୍ୱପୂର୍ଣ୍ଣ ଋଣ ବ୍ୟବହାର ଏବଂ ଡିଜିଟାଲ ସୁରକ୍ଷା ସମ୍ପର୍କରେ ବ୍ୟାପକ ଅଭିଯାନର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ସାଇବର ଠକେଇ ଏକ ଗମ୍ଭୀର ଆହ୍ୱାନ। ୟୁପିଆଇର ବ୍ୟାପକ ବ୍ୟବହାର ସହ ନକଲି କ୍ୟୁଆର୍ କୋଡ୍, ଫିସିଂ ଲିଙ୍କ୍, ମିଛ କଷ୍ଟମର୍ କେୟାର୍ କଲ୍ ଓ ଓଟିପି ଜାଲିଆତି ବଢ଼ୁଛି। ଗ୍ରାହକଙ୍କ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ବିନା ଡିଜିଟାଲ ଅର୍ଥନୀତିର ସଫଳତା ଅଧୁରା ହୋଇ ରହିବ।

ଓଡ଼ିଶା ପରି ରାଜ୍ୟରେ ୟୁପିଆଇ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାମୀଣ ଯୁବକଙ୍କୁ ନୂଆ ସୁଯୋଗ ଦେଇଛି। କିନ୍ତୁ ସେହି ସୁଯୋଗ ସେତେବେଳେ ହିଁ ସ୍ଥାୟୀ ହେବ, ଯେତେବେଳେ ଡିଜିଟାଲ ଦେୟ ସହ ଡିଜିଟାଲ ଶୃଙ୍ଖଳା ମଧ୍ୟ ଗଢ଼ିଉଠିବ। ପ୍ରଯୁକ୍ତିର ଉଦ୍ଦେଶ୍ୟ ମଣିଷର ବିବେକକୁ ବଦଳାଇବା ନୁହେଁ; ବରଂ ତାହାକୁ ଅଧିକ ସକ୍ଷମ କରିବା। ୟୁପିଆଇ ଭାରତର ଡିଜିଟାଲ ଯାତ୍ରାର ଏକ ଐତିହାସିକ ସଫଳତା। ଏହାକୁ ନେଇ ଗର୍ବ କରିବାର ଯଥେଷ୍ଟ କାରଣ ଅଛି। କିନ୍ତୁ ସମାନ ଭାବେ ମନେ ରଖିବା ଆବଶ୍ୟକ ଯେ, ପ୍ରଯୁକ୍ତି ନିରପେକ୍ଷ; ତାହାର ପରିଣାମ ନିର୍ଭର କରେ ଆମ ବ୍ୟବହାର ଉପରେ। ଯଦି ୟୁପିଆଇ ଆମକୁ ସୁବିଧା ସହିତ ସଞ୍ଚୟ, ଆର୍ଥିକ ଶୃଙ୍ଖଳା ଓ ଦାୟିତ୍ୱବୋଧ ଶିଖାଏ, ତେବେ ଏହା ଡିଜିଟାଲ ଭାରତର ସବୁଠାରୁ ବଡ଼ ସଫଳତା ହେବ। କିନ୍ତୁ ଯଦି ଏହା ଆମକୁ ଅନିୟନ୍ତ୍ରିତ ବ୍ୟୟ ଓ ସହଜ ଋଣର ଅଭ୍ୟାସ ଆଡ଼କୁ ଠେଲିଦିଏ, ତେବେ ଏହି ସୁବିଧା ହିଁ ଭବିଷ୍ୟତର ଆର୍ଥିକ ଆହ୍ୱାନର କାରଣ ପାଲଟିପାରେ। ତେଣୁ ଭାରତର ଡିଜିଟାଲ ଅର୍ଥନୀତିର ମୂଳମନ୍ତ୍ର କେବଳ 'ଡିଜିଟାଲ ଇଣ୍ଡିଆ' ନୁହେଁ, ବରଂ 'ସଚେତନ ଡିଜିଟାଲ ଭାରତ' ହେବା ଉଚିତ।

କୋଟସମଲା(ସୁବର୍ଣ୍ଣପୁର),
ମୋ: ୭୯୭୮୨୩୮୬୦୬

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

**ପ୍ରକୃତି-ପରିବେଶ**

## ଅଣସୋରିଷ

(Stinkweed -Cleome gynandra)

ଅଣସୋରିଷ ଆଫ୍ରିକାର ମୂଳ ଜାତ ଉଦ୍ଭିଦ। କିନ୍ତୁ ଆଫ୍ରିକା ସମେତ ଏସିଆ ଓ ଆମେରିକାର ଉଷ୍ଣମଣ୍ଡଳୀୟ ତଥା ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ଭାବରେ ପରିବ୍ୟାପ୍ତ। ଏହା ସମୁଦ୍ର ପତ୍ତନଠାରୁ ୨, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଯାଗାରେ ବଢ଼ିଥାଏ। ଭାରତରେ ଏହା ବ୍ୟାପକ ଭାବରେ ବିତରିତ। ସାଧାରଣତଃ ଜଙ୍ଗଲରେ ଏକ କ୍ଷୁଦ୍ର ଅନାବନା ଉଦ୍ଭିଦ ଭାବରେ ବଢ଼ୁଥିବା ଅଣସୋରିଷ ଏକ ବାର୍ଷିକ ଶାଖାଯୁକ୍ତ ସିଧାକାଣ୍ଡ ବିଶିଷ୍ଟ କ୍ଷୁପ, ଯାହା ସାଧାରଣତଃ ୨୫ ସେମିରୁ ୬୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ପ୍ରଧାନ ମୂଳ ଲୋମଶ ଓ ଗଭୀର। ଏହାର ପତ୍ର ଯୌଗିକ ପାମେଟ ବା ପ୍ରତଳିତ। ପ୍ରତ୍ୟେକ ୩-୭ ଅଣ୍ଡାକାର ଆକାରର ପତ୍ରକକୁ ନେଇ ଗଠିତ। ପତ୍ରଗୁଡ଼ିକ ଲଙ୍କା ଓ ସୋରିଷର ମିଶ୍ରଣ ପରି ଏକ ଦୃଢ଼ ତିକ୍ତ ସ୍ୱାଦର। ଫୁଲଗୁଡ଼ିକ ଧଳା, ସମୟକ୍ରମେ ଗୋଲାପୀ ରଙ୍ଗରେ ପରିବର୍ତ୍ତନ ହୁଏ। ଏହା ସ୍ୱ-ପରାଗକ। ଫଳଟି ଏକ ସ୍ଫୋଟନଶୀଳ ସାର୍ଷପୀ। ଏକ ପତଳା ଓ ଲମ୍ବା କ୍ୟାପସୁଲ୍ ବା ସ୍ଫୋଟକ। ପାଚିବା ପ୍ରକ୍ରିୟା ସମୟରେ ଏହାର ରଙ୍ଗ ସବୁଜରୁ ହଳଦିଆ ବାଦାମୀ ହୋଇଯାଏ। ଶୁଖିଲା ଫଳ ଫାଟିଯାଏ ଏବଂ ବିହନ ବା ମଞ୍ଜିଗୁଡ଼ିକ ବିକ୍ଷିପ୍ତ ଭାବରେ ମୁକ୍ତ ହୁଏ। ପ୍ରତ୍ୟେକ ଫଳରେ ୧୦୦-୧୫୦ ଟି ବିହନ ରହିଥାଏ। ବିହନଗୁଡ଼ିକ ଗୋଲାକାର, କଳା ଓ ଏହାର ପୃଷ୍ଠ ଖଦଡ଼ା।

ଅଣସୋରିଷରେ ବିଟା-କାରୋଟିନ, ଫୋଲିକ୍ ଏସିଡ୍, ଆସ୍କର୍ବିକ୍ ଏସିଡ୍, ଲୌହ, ଜିଙ୍କ୍ ଓ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ, ଅକ୍ସାଲିକ୍ ଏସିଡ୍, ଅଶୋଧିତ ପ୍ରୋଟିନ୍, ଅଶୋଧିତ ଫାଇବର ମଧ୍ୟ ଥାଏ। ବିହନରେ ୧୭-୧୯% ତେଲ, ପାମିଟିକ୍ ଏସିଡ୍, ଷ୍ଟେରିକ୍ ଏସିଡ୍, ଓଲିକ୍ ଏସିଡ୍ ଓ ଲିନୋଲିକ୍ ଏସିଡ୍ ଭଳି ଫ୍ୟାଟି ଏସିଡ୍ ଏବଂ ଗ୍ଲୁଟାମିକ୍ ଏସିଡ୍, ଆର୍ଜିନାଇନ୍, ଲ୍ୟୁସିନ୍, ଭାଲାଇନ୍, ଗ୍ଲାଇସିନ୍ ଓ ପ୍ରୋଲାଇନ୍ ସମେତ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଥାଏ। ପତ୍ରଗୁଡ଼ିକରେ ଆଣ୍ଟିଅକ୍ସିଡେଟିଭ୍ ବା ବିଶୋଧକ ଗୁଣ ରହିଛି, ଯାହା ପ୍ରଦାହ ରୋଗ ପ୍ରଶମନ କରିବାରେ ସହାୟକ ହୁଏ। ଖାଦ୍ୟ ବିଷାକ୍ତତା, ବାତ, ପ୍ରଦାହ, ଜୀବାଣୁ ସଂକ୍ରମଣ ଏବଂ ବିଶେଷକରି ଯନ୍ତ୍ରଣା ସମ୍ବନ୍ଧୀୟ ଅବସ୍ଥା ଯେପରିକି ମୁଣ୍ଡବିନ୍ଧା, ଦାନ୍ତବିନ୍ଧା, ନ୍ୟୁରାଲଜିଆ, ପେଟ ଯନ୍ତ୍ରଣା, କାନ-ବିନ୍ଧା, ରିଉମାଟଏଡ୍ ଆର୍ଥ୍ରାଇଟିସ୍ ବା ଆଣ୍ଠୁ ଗଣ୍ଠି ବାତ, ହାଡ଼ ଭଙ୍ଗା, ପେଟ ଯନ୍ତ୍ରଣା ଏବଂ ଛାତି ଯନ୍ତ୍ରଣା ଭଳି ଅବସ୍ଥାର ଚିକିତ୍ସା ପାଇଁ ପାରମ୍ପରିକ ଔଷଧରେ ଏହାର ପତ୍ର ଏବଂ ଫୁଲ ବ୍ୟବହାର କରାଯାଏ। ସାଉଦି ଆରବରେ ବିଛା ଦଂଶନ ଦ୍ୱାରା ହେଉଥିବା ତୀବ୍ର ଯନ୍ତ୍ରଣା ଏବଂ ପ୍ରଦାହ-ବିରୋଧୀ ପ୍ରତିକ୍ରିୟାର ଚିକିତ୍ସା ପାଇଁ ଏହାର ନିଷ୍କାସିତ ରସ ବ୍ୟବହାର କରାଯାଏ।

ପତ୍ର ଓ ଫୁଲ ଉଭୟ ଖାଦ୍ୟଯୋଗ୍ୟ। ସାଧାରଣତଃ, ପତ୍ର ଓ ଡାଳଗୁଡ଼ିକୁ ସିଝା କିମ୍ବା ଷ୍ଟ୍ୟୁରେ ଖିଆଯାଏ। ଏହି ପତ୍ରଗୁଡ଼ିକ ପ୍ରାୟତଃ ଉପ-ସାହାରା ଆଫ୍ରିକାରେ ଖିଆଯାଏ, ଯେଉଁଠାରେ ଏହାକୁ ସଂରକ୍ଷଣ ପାଇଁ ଶୁଖାଯାଏ, ତା'ପରେ ଏହାର ତିକ୍ତ ସ୍ୱାଦ କମ କରିବା ପାଇଁ କ୍ଷୀର କିମ୍ବା ବଟର ସହିତ ରନ୍ଧାଯାଏ। କେନିଆ, ଉଗାଣ୍ଡା ଓ ତାଞ୍ଜାନିଆରେ, ପତ୍ରଗୁଡ଼ିକୁ ଚିନାବାଦାମ ପେଷ୍ଟ ସହିତ ରନ୍ଧାଯାଏ। ଥାଇଲ୍ୟାଣ୍ଡ ଓ ମାଲେସିଆରେ, ପତ୍ରଗୁଡ଼ିକ ଭାତ ପାଣି ସହିତ ଫାକ୍ ସିଆନ୍ ଡଙ୍ଗ ନାମକ ଏକ ଆଚାର ଭାବରେ କିଣ୍ୱନ କରାଯାଇଥିବା ଏକ ଲୋକପ୍ରିୟ ଖାଦ୍ୟ ପଦାର୍ଥ। ମାଲେସିଆରେ ମଧ୍ୟ ଏହାକୁ ଆଚାର କରି ଖିଆଯାଏ। ପତ୍ରଗୁଡ଼ିକୁ ମସଲାଯୁକ୍ତ ନଡ଼ିଆ କ୍ଷୀରରେ ଦୀର୍ଘ ସମୟ ପାଇଁ ଭିଜାଇ ଖିଆଯାଏ।

ଏହି ଉଦ୍ଭିଦଟି ଏହାର କୀଟପତଙ୍ଗ ପ୍ରତିରୋଧକ ଏବଂ ଟିକ୍ ପ୍ରତିରୋଧକ ଗୁଣ ଯୋଗୁଁ ଅନ୍ତଃଫସଲ ପାଇଁ ଉପଯୋଗୀ। ବୁଣାକାର ପକ୍ଷୀମାନେ ଏହାର କଞ୍ଚା ବିହନ ଖାଇଦିଅନ୍ତି। ଆଫ୍ରିକାରେ ଅଣସୋରିଷ ସ୍ଥାନୀୟ କିସମଗୁଡ଼ିକ ସ୍ଥାନୀୟ ପରିବେଶ ସହିତ ଉପଯୁକ୍ତତା ଏବଂ ଅନୁକୂଳନଶୀଳତା ହେତୁ ଆଞ୍ଚଳିକ ଖାଦ୍ୟ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆମେରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଅନେକ ଅଞ୍ଚଳରେ ଏହାକୁ ଏକ ଆକ୍ରମଣାତ୍ମକ ଅନାବନା କ୍ଷୁପ ଭାବରେ ବିବେଚନା କରାଯାଏ।

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଢାବାରୁ ଯୁବକଙ୍କ ମୃତଦେହ ଉଦ୍ଧାର; ତାତିଲେ ଗ୍ରାମବାସୀ

### ଘଟଣାସ୍ଥଳରେ ତହସିଲଦାର, ପୁଲିସ ଟିମ୍

ହୁମ୍ମା,୨୩।୮ (ସମିସ): ରମ୍ଭା ଥାନା ଅଞ୍ଚଳ ଜାତୀୟ ୧୬ ନମ୍ବର ରାଜପଥ କଡ଼ରେ ଥିବା ରାଜୁ ଢାବାର ବାହାର ପାଶ୍ୱର୍ ଶୌଚାଳୟ ଗୃହରୁ କାର୍ଯ୍ୟରତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ରମ୍ଭା ପୁଲିସ। ମୃତ ଯୁବକ ହେଲେ ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ବି.ଶିବରାମ ପାତ୍ର (୨୭)। ମୃତକ ଶିବରାମ ପାତ୍ର ରାଜୁ ଢାବାରେ ଅସ୍ଥାୟୀ ଶ୍ରମିକ



ରୂପେ କାର୍ଯ୍ୟ କରୁଥିଲେ। କିନ୍ତୁ ମୃତକଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ନ ପାଇବାରୁ ରାଜୁ ଢାବା ପରିଚାଳକଙ୍କୁ ପଚାରାଉଚାରା କରିଥିଲେ। ଢାବା ପରିଚାଳକ କହିଥିଲେ ଯେ ସେ ଏଠି କାମ କରୁଥିଲେ, କିନ୍ତୁ ଦୁଇ ଦିନ ହେବ ଆସିନାହାନ୍ତି। ମାତ୍ର ଶନିବାର ସନ୍ଧ୍ୟା ସମୟରେ ବାହାର ପାଶ୍ୱର୍ରେ ଥିବା ଶୌଚାଳୟରୁ ଦୁର୍ଗନ୍ଧ ବାହାରିବା ପରେ ସୁଇପର ଢାବା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସନ୍ଦେହ ପ୍ରକାଶ କରି ରମ୍ଭା ଥାନା ପୁଲିସ ଓ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଆଇଆଇସି କୁମର ମୁଦୁଲି, ଏଏସ୍‌ଆଇ ଛବିରାଣୀ ନାୟକ, ପୁଲିସ ଟିମ୍ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ତଥା ରାଜୁ ଢାବାରେ କାର୍ଯ୍ୟରତ ଶ୍ରମିକ ଶିବରାମଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ମୃତ ଶିବରାମଙ୍କ ପରିବାର ଲୋକ ଓ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣି ଘଟଣାର ନିରପେକ୍ଷ ଯାଞ୍ଚ ପାଇଁ ଦାବି କରିଛନ୍ତି। ଯାହାଫଳରେ ଢାବା ନିକଟରେ ଉତ୍ତେଜନା ସୃଷ୍ଟି ହୋଇଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଢାବା କର୍ତ୍ତୃପକ୍ଷ କହିଛନ୍ତି ଉକ୍ତ ଶୌଚାଳୟଟି ବ୍ୟବହାର ହୋଇ ନଥିବାରୁ ସେଥିପ୍ରତି ଦୃଷ୍ଟି ଦିଆ ଯାଇନଥିଲା। ସୂଚନା ଥାଉକି ଶିବରାମ ତାଙ୍କ ଘରର ରୋଜଗାରିଆ ପୁଅ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ସୁକାନ୍ତି ପାତ୍ର, ଦୁଇ ପିଲାଙ୍କ ସମେତ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଢାବା ନିକଟରେ ଗ୍ରାମବାସୀଙ୍କ ଉତ୍ତେଜନା ଦେଖା ଦେଇଥିଲା।

## ପୁଅର ମୃତ୍ୟୁ ପରେ ହୃଦ୍‌ଘାତରେ ଚାଲିଗଲା ମାଆଙ୍କ ଜୀବନ

### ଗାଁ ଶ୍ମଶାନରେ ଏକାଠି ହେଲା ଶେଷକୃତ୍ୟ

ତୁରୁମୁଙ୍ଗା, ୨୩।୮ (ସମିସ): ପୁଅର ମୃତ୍ୟୁ ମାଆ ଶୁଣିପାରିଲେନି କି ଦେଖିପାରିଲେନି। ଦୁଃଖ ଆସିବା କ୍ଷଣିକ ମଧ୍ୟରେ ନିଜେ ଆଖି ବୁଜିଦେଲେ। ଆଗପଛ ହୋଇ ମାତ୍ର କିଛି ଘଣ୍ଟା ବ୍ୟବଧାନରେ ଚାଲିଗଲେ ମାଆ ଓ ପୁଅ। ଗୋଟିଏ ଦିନରେ ପରିବାରର ଦୁଇ ଜଣଙ୍କୁ ହରାଇ ଭାଙ୍ଗି ପଡ଼ିଛି ପରିବାର। ଏକମାତ୍ର ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଥିବା ମାଆର ବି କିଛି ଘଣ୍ଟା ପରେ ମୃତ୍ୟୁ ହୋଇଥିଲା। ଏଭଳି ହୃଦୟବିଦାରକ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ଗାଁରେ। ମୃତକ ହେଲେ ଗ୍ରାମର ହରେକୃଷ୍ଣ ମହାକୁଡ଼ଙ୍କ ୭୦ ବର୍ଷୀୟା ପତ୍ନୀ ମରୁଆ ମହାକୁଡ଼ ଏବଂ ତାଙ୍କ ୪୨ ବର୍ଷୀୟ ପୁଅ ଦାମୋଦର ମହାକୁଡ଼। ଦାମୋଦର ଅସୁସ୍ଥ ଥିବାରୁ ଶୁକ୍ରବାର ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଦାମୋଦରଙ୍କ ମୃତଦେହକୁ ଗାଁକୁ ଅଣାଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ହେଲେ ପୁଅର ଶବ ସତ୍କାର ସରିବା ପୂର୍ବରୁ ପରିବାରକୁ ମିଳିଲା ଆଉ ଏକ ଦାରୁଣ ଖବର। ପୁଅର ଅନ୍ତିମ ସଂସ୍କାର ସାରି ପରିବାର ଲୋକେ ଘରକୁ ଫେରୁଥିବା ସମୟରେ





ହଠାତ୍ ମାଆ ମରୁଆ ମହାକୁଡ଼ଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା। ମାଆଙ୍କ ମୃତ୍ୟୁ ପରେ ପୁଣି ଥରେ ଶୋକାକୁଳ ପରିବାରକୁ ଗାଁ ଶ୍ମଶାନକୁ ଯିବାକୁ ପଡ଼ିଥିଲା। ଯେଉଁ ଶ୍ମଶାନରେ କିଛି ସମୟ ପୂର୍ବରୁ ପୁଅର ସତ୍କାର କରାଯାଇଥିଲା, ସେହିଠାରେ ପୁଣି ମାଆଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା। ଘଟଣାଟି କଣ୍ଟିଆପଡା ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ମାଆ ପୁଅଙ୍କ ଏଭଳି ଆଗପଛ ମୃତ୍ୟୁର ଖବର ଶୁଣି ଗ୍ରାମବାସୀ ସ୍ତବ୍ଧ ହୋଇ ପଡିଥିବା ବେଳେ ଏହି ଦୁଃଖଦ ଘଟଣା ସାରା ଗାଁକୁ ନିରବ କରିଦେଇଛି।

## ମହିଳାଙ୍କ ଗଳାକାଟି ହତ୍ୟା; ସ୍ୱାମୀ ଅଟକ

ଆସିକା,୨୩।୮ (ସମିସ): ଆସିକା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ନାହାଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ'ର ତଣ୍ଟି କାଟି ହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ନମିତା ପ୍ରଧାନ। ହତ୍ୟା କରିଥିବା ସ୍ୱାମୀଙ୍କ ନାମ ସୁଜିତ ପ୍ରଧାନ। ସୁଜିତ କୌଣସି ଧାରୁଆ ଅସ୍ତ୍ରରେ ନମିତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି। ସୂଚନା ଅନୁସାରେ ଗ୍ରାମର ସୁଜିତ, ନମିତାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିଥିଲେ। ଇତି ମଧ୍ୟରେ ସୁଜିତ ସୁରଟରେ ରହୁଥିବା ସମୟରେ ସେଠାରେ ଏକ ହତ୍ୟା ମାମଲାରେ ୮ ବର୍ଷ ଜେଲ ଦଣ୍ଡ ଭୋଗୀ ଥିଲେ। ନମିତା ନିଜ ବାପ ଘରେ ରହୁଥିଲେ। ଗତ ୪ ଦିନ ତଳେ ସୁଜିତ ସୁରଟରୁ ଆସି ନମିତାଙ୍କୁ ମାଡ଼ ମାରିଥିଲେ। ଆଜି ନମିତା ଘରେ ଏକା ଥିବାର ସୁଯୋଗ ନେଇ ତାଙ୍କ ସହ ଝଗଡ଼ା କରି ଛୁରିରେ ତଣ୍ଟି କାଟି ହତ୍ୟା କରିଥିଲା। ପୁଲିସ ହତ୍ୟାକାରୀ ସୁଜିତକୁ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ନମିତାଙ୍କ ମୃତଦେହ ପଡ଼ିରହିଛି। ପୁଲିସ ଏ ନେଇ ଅଧିକ ତଦନ୍ତ କରୁଛି।

## ଦୁବାଇ ଦାଦନ ଖଟିବାକୁ ଯାଇ ଯୁବକ ମୃତ



ଆସିକା,୨୩।୮ (ସମିସ): ଗଞ୍ଜାମରେ ସରୁନି ଦାଦନ ଦୁଃଖ। ଦାଦନ ଖଟିବାକୁ ବିଦେଶ ଯାଇ ପୁଣି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଆସିକା ବ୍ଲକ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର ୨୫ ବର୍ଷୀୟ କିରଣ ନାହାକ ଆବୁଧାବିରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପୁଅର ମୃତଦେହ ଆଣିବାକୁ ପରିବାର ଆକୁଳ ନିବେଦନ କରିଛନ୍ତି। ଆସିକା ବ୍ଲକ୍ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର କୈଳାସ ନାହାକଙ୍କ ସାନପୁଅ କିରଣ ନାହାକ ଯାଇଥିଲେ ଦୁବାଇର ଆବୁଧାବି। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ କାରଖାନାରେ ଦୁର୍ଘଟଣା ଘଟି କିରଣଙ୍କ ମୃତ୍ୟୁ ହୋଇଥିବା ଖବର ଆସିଛି। ମାତ୍ର ୨୫ ବର୍ଷ ବୟସରେ ପରିବାରର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ।"ରୋଜଗାରିଆ ପୁଅକୁ ହରାଇ ପରିବାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼।ଭଉଣୀ ହାତରେ ରହିଯାଇଛି ରାଖୀ। ଆଉ ଦୁଇ ଦିନ ପରେ ଭଉଣୀ ପଠାଇଥିବା ରାକ୍ଷୀ ବାନ୍ଧି ଥାନ୍ତା କିରଣ। ସେ ନେଇ ଭଉଣୀ ସହ ଗତ କାଲି କଥା ହୋଇଥିଲା କିରଣ। ଏବେ ପୁଅର ମୃତଦେହ ଗାଁକୁ ଫେରାଇ ଆଣିବାକୁ ସରକାରଙ୍କୁ ନେହୁରା ହୋଇଛନ୍ତି ପରିବାର ଓ ଗ୍ରାମବାସୀ। କିରଣ ଗତ ୧୯ ମାସ ପୂର୍ବେ ବିଶାଖାପାଟଣାର ଜଣେ ଦଲାଲ ମାଧ୍ୟମରେ ଆବୁଧାବି ଯାଇଥିଲେ। ସେ ଦୁଇ ବର୍ଷ ପାଇଁ ଏଗ୍ରିମେଣ୍ଟ କରିଥିଲେ। ଆଉ ମାତ୍ର ୩ ମାସ ପରେ ସେ ଗା କୁ ଆସିଥାନ୍ତେ। ହେଲେ ଗତକାଲି ତାଙ୍କର ମୃତ ହୋଇଛି। ଏବେ ମୃତ ଦେହ ସେଠାରେ ଥିବା ବେଳେ ତାଙ୍କ ନେଇଥିବା ଲୋକ ବି ଫୋନ ଉଠାଉ ନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

## ଖୁବ୍‌ଶୀଘ୍ର ନୂତନ ଫାର୍ମାସୀ ଅଧିକାରୀ ପଦବୀ ପାଇଁ ନିଯୁକ୍ତି

### ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର,୨୩।୮ (ସମିସ): ଦୀର୍ଘ ୩୯ ବର୍ଷର ଦାବିକୁ ସମ୍ମାନ ଜଣାଇ ଫାର୍ମାସୀ କ୍ୟାଡରର ପୁନର୍ଗଠନ ସହ ଫାର୍ମାସିଷ୍ଟମାନଙ୍କ ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସାଧାରଣ ପରିଷଦ ବୈଠକ ତଥା ଏକ ଦିବସୀୟ ବାର୍ଷିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ, ଫାର୍ମାସୀ କ୍ୟାଡରର ପୁନର୍ଗଠନ ଦୀର୍ଘ ୩୯ ବର୍ଷର ଦାବି ଥିଲା। ଏହି ଦାବିକୁ ସମ୍ମାନ ଜଣାଇ ଫାର୍ମାସୀ କ୍ୟାଡରର ପୁନର୍ଗଠନ କରାଯିବା ସହ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ସ୍ପଷ୍ଟ କରିବା ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି। ଫାର୍ମାସୀ କ୍ୟାଡରର ପୁନର୍ଗଠନ ଏହି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ଔଷଧ ସେବାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ୧୧୦୮ ନୂତନ ଫାର୍ମାସୀ ଅଧିକାରୀ ପଦବୀରେ




ନିଯୁକ୍ତି ପାଇଁ ଅନୁମୋଦନ ହୋଇସାରିଛି। ଏହି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ୨୦ଟି ରାଜ୍ୟରେ ଲାଗୁ ହୋଇଥିବା ଫାର୍ମାସିଷ୍ଟ କାଉନସିଲ୍ ଅଫ୍ ଇଣ୍ଡିଆ–ନିଯୁକ୍ତି ଓ ପଦୋନ୍ନତି ସେବା–୨୦୨୫କୁ ଲାଗୁ ନିମନ୍ତେ ଆସୋସିଏସନ କରିଥିବା ଦାବିକୁ ସରକାର ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି। ଫାର୍ମାସୀ ଅଧିକାରୀମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ଅଧିକ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ସେମାନଙ୍କ କାର୍ଯ୍ୟ ଦାୟିତ୍ୱ (ଜବ୍ ରେସପନସିବିଲିଟି) ସମ୍ପର୍କରେ ବିଭାଗ ତରଫରୁ ଜଣାଇ ଦିଆଯାଇଛି ବୋଲି ମନ୍ତ୍ରୀ କହିବା ସହ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ପ୍ରଦାନ, ଔଷଧର ସୁରକ୍ଷିତ ବ୍ୟବହାର, ଔଷଧ ସମ୍ପର୍କିତ ପରାମର୍ଶ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି। ତେଣୁ ଫାର୍ମାସୀ ସେବାକୁ ମଜବୁତ କରିବା ଦ୍ୱାରା ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ଉନ୍ନତମାନର ହେବ ବୋଲି ସେ କହିଥିଲେ। ଫାର୍ମାସୀ କ୍ୟାଡରର ପୁନର୍ଗଠନ ଓ ଜବ୍ ଚାର୍ଟ ପ୍ରସ୍ତୁତି ଦ୍ୱାରା ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱରେ ସ୍ପଷ୍ଟତା ଆସିବା ସହ ସେମାନଙ୍କ ପେଶାଗତ ଉନ୍ନତି ଓ କ୍ୟାରିୟର ପ୍ରଗତିର ନୂଆ ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ପକ୍ଷରୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Cuttack. I A. Chandrakala w/o Yogeswar Rao resident of Sutahat, Ps. Daragha Bazar, Cuttack declare that my actual name is A. Chandrakala, but in my Aadhaar & PAN card my name is recorded as N. Laxmi. I declare that A. Chandrakala and N. Laxmi is the same person. Henceforth I will be known as **A. Chandrakala** for all purpose.

**AFFIDAVIT**

By virtue of an affidavit sworn before Notary Public Bhubaneswar dated 21.09.2026. I Padmanava Swain, At-Padiapada,Po-Dolabadi,Dist-Bhadrak, Odisha-756114 declare that I have changed my name from Pawan Kumar Swain to Padmanava Swain. Henceforth, I shall be known as **PADMANAVA SWAIN** for all purposes.

**AFFIDAVIT**

By virtue of an affidavit sworn before The Notary Public, Rayagada, No.10072, dated. 22.08.2026, by Sri Sashi Bhusan Hans, aged about 46 years, S/o- Kshirasindhu Hans, Presently residing At- Kasturi Nagar, 9th Lane, House Hold No.027, Ward No-18, Rayagada, PO/PS/ Block/ Dist- Rayagada, Pin- 765001, Odisha, permanent resident of At-Sagunbhadi, PO-Chatiaguda, PS-Sinapali, Dist-Nuapada, Odisha, 766108, declare that I have changed the name of my daughter from Samiksha Sashi Bhusan Hans to Samiksha Subhansi Hans. Henceforth, she shall be known as **Samiksha Subhansi** Hans for all purposes.

**AFFIDAVIT**

By Virtue of an affidavit (SL NO-335 ,dtd-20.08.2026 )sworn before in The court of the Sub-Collector, Baripada, Mayurbhanj. I, Dhruba Charan Satpathy, of village- Rairangpur, ward no-7 ,PO/PS- Rairangpur, Dist. -Mayurbhanj, declare that my family including myself ,my wife namely sabita Satpathy and my elder son namely Hemanta Kumar satpathy use the SURNAME 'SATPATHY' . Henceforth, That All the Surname i.e. Dhruba charan Sathapathy and Dhruba charan Satpathy ,Sabita Sathapathy and Sabita Satpathy, Hemanta Kumar Sathapathy and Hemanta kumar Satpathy,Sumanta Kumar Sathapathy and Sumanta Kumar Satpathy are all belongs to one and same person for needful purpose.

S/D - DHRUBA CHARAN SATPATHY


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଂଲାଦେଶରେ ହିନ୍ଦୁ...

ଶନିବାର ବିଳମ୍ବିତ ରାତିରେ ପରିବାର ଲୋକେ ସେମାନଙ୍କ ଘରେ ପହଞ୍ଚି ମୁଖ୍ୟ ଫାଟକ ବନ୍ଦ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ଘର ଭିତରୁ ଚାରି ଜଣଙ୍କର ମୃତଦେହ ଉଦ୍ଧାର କରିଥିଲା। ତଦନ୍ତରୁ ଜଣାପଡିଛି ଯେ ମା' ଏବଂ ଝିଅଙ୍କ ମୃତଦେହ ସିଡ଼ି ଉପରୁ, ଗଣପତିଙ୍କ ମୃତଦେହ ଛାତ ଉପରୁ ଏବଂ ସାନ ପୁଅର ମୃତଦେହ ଖଟ ତଳୁ ମିଳିଛି। ଗଣପତି ଗତ ବର୍ଷ ଶିକ୍ଷକତା ପଦରୁ ଅବସର ନେଇଥିଲେ ଏବଂ ତାଙ୍କର କାହା ସହିତ କୌଣସି ଶତ୍ରୁତା ନଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏହା ଏକ ହତ୍ୟାକାଣ୍ଡ ନା ଆତ୍ମହତ୍ୟା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ୍ ଏବଂ ସିଆଇଡି ମିଳିତ ଭାବେ ଏହି ଘଟଣାର ଗୁରୁତର ତଦନ୍ତ ଜାରି ରଖିଛନ୍ତି।

### ଭ୍ରମାତ୍ମକ ବିଜ୍ଞାପନ...

ବ୍ରାଣ୍ଡଗୁଡ଼ିକୁ ମଧ୍ୟ ନୋଟିସ୍ ଏହି ମିଳିଛି। ଏହି ପ୍ରସଙ୍ଗରେ ଏଫ୍‌ଏସ୍‌ଏସ୍‌ଏଆଇ ଇ-କମର୍ସ କମ୍ପାନୀ ଆମାଜନ ଏବଂ ଫ୍ଲିପ୍‌କାର୍ଟକୁ ୧୨ ନୋଟିସ୍ ପଠାଇଛି। ଏଫ୍‌ଏସ୍‌ଏସ୍‌ଏଆଇ କହିଛି ଯେ ଏକ ଆମାଜନ ଗୋଦାମର ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଛି। ଏଜେନ୍ସି କେଏଫ୍‌ସି, ମ୍ୟାକଡୋନାଲ୍ଡସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ବ୍ରାଣ୍ଡଗୁଡ଼ିକୁ ୩୦ ରୁ ଅଧିକ ନୋଟିସ୍ ଜାରି କରିଛି। ଡୋମିନୋଜ୍ର ୫ଟି ଲାଇସେନ୍ସକୁ ସ୍ଥଗିତ କରାଯାଇଛି। ଏଫ୍‌ଏସ୍‌ଏସ୍‌ଏଆଇ ଅନୁଯାୟୀ, ନୋଟିସ୍ ପାଇବା ପରେ ମଧ୍ୟ ଅନେକ କମ୍ପାନୀ ସେମାନଙ୍କର ଭୁଲ ସଂଶୋଧନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଖାଦ୍ୟ ସୁରକ୍ଷା, ବିଜ୍ଞାପନ ଏବଂ ଲେବଲିଂ ନିୟମ ଅନୁପାଳନ କରାଯାଉଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ଭବିଷ୍ୟତରେ ଏହି ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଇପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଭ୍ରମାତ୍ମକ ବିଜ୍ଞାପନ କହିଲେଏକ ଉତ୍ପାଦର ଗୁଣବତ୍ତା, ଉପାଦାନ କିମ୍ବା ସ୍ୱାସ୍ଥ୍ୟ ଲାଭ ବିଷୟରେ ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରୁଥିବା ବିଜ୍ଞାପନକୁ ଭ୍ରମାତ୍ମକ ବୋଲି ବିବେଚନା କରାଯାଏ। ଗ୍ରାହକଙ୍କୁ ଭୁଲ ଭାବରେ ବିଭ୍ରାନ୍ତ କରୁଥିବା, ଅନ୍ୟ ଏକ ଉତ୍ପାଦକୁ ନିମ୍ନମାନର ଭାବରେ ଚିତ୍ରଣ କରୁଥିବା କିମ୍ବା ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଉଥିବା ଦାବି ମଧ୍ୟ ଭ୍ରମାତ୍ମକ ହୋଇପାରେ।

### ଦର ବୃଦ୍ଧିରେ...

ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ମାତ୍ର ୧.୮୮ ପ୍ରତିଶତ ଥିଲା ଏବଂ ମେ' ମାସରେ ଏହା ୪ ପ୍ରତିଶତ ଉପରେ ବୃଦ୍ଧି ପାଇ ଜୁନ୍ ମାସରେ ୫.୧୫ ପ୍ରତିଶତରେ ପହଞ୍ଚିଥିଲା। ଶେଷରେ ଜୁଲାଇରେ ଏହା ୪.୮୩ ପ୍ରତିଶତକୁ ସାମାନ୍ୟ ହ୍ରାସ ପାଇଛି। ରାଜ୍ୟସ୍ତରୀୟ ମୂଲ୍ୟ ଚାପ ବୃଦ୍ଧି ପାଇବା ଫଳରେ ଜୁଲାଇରେ ଲଗାତାର ଭାବେ ୪ର୍ଥ ମାସ ପାଇଁ ଭାରତର ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଉପଭୋକ୍ତା ମୂଲ୍ୟ ସୂଚୀ ଗତ ବର୍ଷ ତୁଳନାରେ ୪.୪୫ ପ୍ରତିଶତ ବୃଦ୍ଧି ପାଇଛି, ଯାହାକି ଜୁନ୍ ମାସରେ ୪.୩୮ ପ୍ରତିଶତ ରହିଥିଲା। ଗ୍ରାମାଞ୍ଚଳ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ୪.୮୪ ପ୍ରତିଶତ ରହିଛି, ଯାହା କି ସହରାଞ୍ଚଳର ୩.୯୬ ପ୍ରତିଶତ ହାରଠାରୁ ଯଥେଷ୍ଟ ଅଧିକ ଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ମୁଦ୍ରାସ୍ଫୀତିରେ ବୃଦ୍ଧି ମୁଖ୍ୟ ବାହକ ରହିଛି। ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁନ୍ ମାସରେ ୫.୩୨% ତୁଳନାରେ ଜୁଲାଇରେ ୫.୫୨%କୁ ବୃଦ୍ଧି ପାଇଛି।

### ଡକାଯିବ ଜରୁରୀ...

ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମରେ ଆଶଙ୍କା ବ୍ୟକ୍ତ କରିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ମୌସୁମୀ ଅଧିବେଶନ ପ୍ରୋରୋଗ୍ ନହେବାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିବା ସହ ଡିଲିମିଟେସନ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍‌କୁ ସ୍ୱତନ୍ତ୍ର ଅଧିବେଶନରେ ପାରିତ କରାଇବା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ଯୋଗାଡ଼ କରୁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି।

ଜନସଂଖ୍ୟା ଅଧାରରେ ସୀମା ପୁନର୍ଗଠନ ହେଲେ ଅନେକ ରାଜ୍ୟଗୁଡ଼ିକର ଲୋକସଭା ପ୍ରତିନିଧିତ୍ୱ କମିପାରେ ବୋଲି ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡ଼ିଶା ପରି ରାଜ୍ୟଗୁଡ଼ିକ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଗଷ୍ଟ ୨୧ରେ ମହାବଳୀପୁରମ୍‌ରେ ଅନୁଷ୍ଠିତ ଦକ୍ଷିଣାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଡିଲିମିଟେସନ ପ୍ରସଙ୍ଗ ଉଠିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ରାଜ୍ୟଗୁଡ଼ିକର ସଂସଦୀୟ ପ୍ରତିନିଧିତ୍ୱ କୌଣସି ପରିସ୍ଥିତିରେ କମିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ସ୍ପଷ୍ଟ ଆଇନଗତ ଆଶ୍ୱାସନା ଦାବି କରିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମଧ୍ୟ ଆଗାମୀ ୨୫ ବର୍ଷ ପାଇଁ ବର୍ତ୍ତମାନର ୫୪୩ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଦାବି କରିଛନ୍ତି। ଫଳରେ ସଂସଦର ମୌସୁମୀ ଅଧିବେଶନ ପ୍ରୋରୋଗେସନ୍‌ରେ ବିଳମ୍ବ ଏବଂ ଡିଲିମିଟେସନକୁ ନେଇ କେନ୍ଦ୍ରର ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଏ ସମ୍ପର୍କରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିଧାନସଭାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ସଂସଦ ମୁଲତବୀ ହେବା ପରେ ପ୍ରୋରୋଗେସନ ଏକ ବିଧିବଦ୍ଧ ପ୍ରକ୍ରିୟା। ସାଧାରଣତଃ ସଂସଦ ମୁଲତବୀ ହେବାର ପ୍ରାୟ ସପ୍ତାହକ ମଧ୍ୟରେ ଏହି କାର୍ଯ୍ୟ ସମାପନ ହୁଏ। ୧୦ ଦିନ ପରେ ପ୍ରୋରୋଗେସନ ନ ହେବା ଏକ ବିରଳ ଘଟଣା। ତେଣୁ ଏ ସଂକ୍ରାନ୍ତରେ ଦେଶବାସୀ ବା ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମନରେ ସୃଷ୍ଟି ହେଉଥିବା ଆଶଙ୍କାକୁ ଅମୂଳକ ବୋଲି କୁହାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

### ଲଦାଖରେ ପ୍ରତିଷ୍ଠା...

ଦେଇଥିଲେ, ଆଜି ଯାଏଁ ତାହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ଗୋଟିଏ ଲେଖାଏଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ବିଜେପି ନେତାଙ୍କର ନୀଦ ଭାଙ୍ଗୁ ନାହିଁ। ଏଥିପାଇଁ ସେ ସ୍ପଷ୍ଟ ଭାବେ ବିଜେପି ସ୍ଥାନୀୟ ନେତା ଜୟନାରାୟଣ ମିଶ୍ର ଓ ସ୍ଥାନୀୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ପ୍ରଶ୍ନ କରିଛନ୍ତି। କେବେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବ ଓ ଏନେଇ ପଦକ୍ଷେପ ନେବ ତାହାର ଉତ୍ତର ଦେବାର ଆବଶ୍ୟକତା ରହିଛି। ଏହା ନହେଲେ ପଶ୍ଚିମ ଓଡ଼ିଶାରେ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

### ୩ ଦିନ...

ତେବେ ରବିବାର ସୃଷ୍ଟ ଲଘୁଚାପ ଆଗାମୀ ୨ ରୁ ୩ ଦିନ ମଧ୍ୟରେ ଉତ୍ତର ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାପ୍ରଭାବରେ ଅଗଷ୍ଟ ୨୪ ରୁ ୨୬ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ବର୍ଷା ହେବ। ଅଗଷ୍ଟ ୨୮-୨୯ରେ ବର୍ଷା ସାମନ୍ୟ କମିବା ପରେ ୨୯-୩୦ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ମଧ୍ୟରେ ଏହା ପ୍ରଭାବରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ମଧ୍ୟ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଆଡ଼କୁ ଗତି କରିବ। ଏହା ପ୍ରଭାବରେ ଅଗଷ୍ଟ ୩୦ ରୁ ସେପ୍ଟେମ୍ବର ୨ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିରେ ପୁଣି ପ୍ରବଳ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଲଘୁଚାପ ପ୍ରଭାବରେ ଆଗାମୀ ୨୪ ତାରିଖ ଯାଏଁ ସମୁଦ୍ର ଅଶାନ୍ତ ରହିବ। ଏବେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ୪୦-୫୦ ବେଗରେ ପବନ ବହୁଛି। ଏହାର ଝଟକା ୬୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହୁଛି। ତେଣୁ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ପାଶ୍ୱର୍ବର୍ତ୍ତୀ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି।

### ୮ ମିନିଟରେ...

ଓସେନ ୱିନର ସହ ଯୋଗାଯୋଗ ବିଛିନ୍ନ ହୋଇଥିବା ଏବଂ ଜାହାଜକୁ ଖୋଜିବା ପାଇଁ ସନ୍ଧାନ ଓ ଉଦ୍ଧାର ସହାୟତା ଆବଶ୍ୟକ ବୋଲି ଏହି ସୂଚନାରେ କୁହାଯାଇଥିଲା। ସୂଚନା ପାଇବା ପରେ ଆଇସିଜି ଓ ଭାରତୀୟ ନୌସେନା ମିଳିତ ଭାବେ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ଅଳ୍ପ ଦୂରରେ ଥିବା ଅନ୍ୟଏକ ବାଣିଜ୍ୟିକ ଜାହାଜ ଏମ୍‌ଟି ଓସୋପସ୍‌ର ଦିଗ ପରିବର୍ତ୍ତନ କରାଯାଇ ସନ୍ଧାନ କାର୍ଯ୍ୟରେ ସାମିଲ କରାଯାଇଥିଲା। ଏହି ଜାହାଜଟି ଦୁଇଟି ଲାଇଫ୍‌ରାଫ୍ଟରୁ ଦୁଇ ଜଣ ନାବିକଙ୍କୁ ଉଦ୍ଧାର କରିଥିବା ଆଇସିଜି ସୂଚନା ଦେଇଛି।

ଉଦ୍ଧାର ପାଇଥିବା କ୍ରୁ ସଦସ୍ୟଙ୍କ ସୂଚନା ଅନୁସାରେ ଶୁକ୍ରବାର ଜାହାଜଟି ଗୋଟିଏ ପାର୍ଶ୍ୱକୁ ଢଳିବା ଆରମ୍ଭ କରିଥିଲା। ଏହାପରେ ମାତ୍ର ପ୍ରାୟ ୮ ମିନିଟ୍? ମଧ୍ୟରେ ଜାହାଜଟି ବୁଡ଼ିଯାଇଥିଲା। ଜାହାଜ ବୁଡ଼ିବା ପୂର୍ବରୁ କ୍ରୁ ସଦସ୍ୟମାନେ ଏହାକୁ ଛାଡ଼ି ଲାଇଫ୍‌ବୋଟ୍‌ରେ ଆଶ୍ରୟ ନେଇଥିଲେ।

ଭାରତୀୟ ମାରିଟାଇମ୍ ପ୍ରଶାସନର ମହାନିର୍ଦ୍ଦେଶକ ଶ୍ୟାମ ଜଗନ୍ନାଥନଙ୍କ ସୂଚନା ଅନୁସାରେ, ସମୁଦ୍ରରେ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାର ସମ୍ଭାବନା ସାଧାରଣତଃ ୧୨ ଘଣ୍ଟା ପରେ କମିଯାଏ। ତଥାପି ଉଦ୍ଧାରକାରୀ ଦଳ ଆଶା ଛାଡ଼ିନାହାନ୍ତି ଏବଂ ନିଖୋଜ କ୍ରୁ ସଦସ୍ୟଙ୍କ ସନ୍ଧାନ ଜାରି ରଖିଛନ୍ତି। ଜାହାଜଟି କେଉଁ କାରଣରୁ ବୁଡ଼ିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖରାପ ପାଗ, ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି ସମସ୍ୟା ଯୋଗୁଁ ଦୁର୍ଘଟଣା ଘଟିଛି କି, ସେନେଇ ମାରିଟାଇମ୍ ପ୍ରଶାସନ ତଦନ୍ତ ଆରମ୍ଭ କରିଛନ୍ତି ।

### ମାତ୍ର ୩୦ ଡାକ୍ତର...

ଥିବା ଡାକ୍ତର ବା ଅନ୍ୟ ପଦାଧିକାରୀମାନେ ଶିଶୁଙ୍କ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଶିଶୁଭବନରେ ଯେଉଁଠି ୮ ଜଣ ଆନେସ୍ଥେସିଓଲୋଜିଷ୍ଟଙ୍କ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨ଜଣଙ୍କୁ ନେଇ ଚିକିତ୍ସା ଚାଲିଛି। ସେହିପରି ୨ଜଣ ରେଡିଓଲୋଜିଷ୍ଟ ଓ ୨ଜଣ ପାଥୋଲୋଜିଷ୍ଟଙ୍କ ଜାଗାରେ ଜଣେ ଲେଖାଏଁ ପାଥୋଲୋଜିଷ୍ଟ ରହିଛନ୍ତି। ଯେଉଁଠି ୧ଜଣ ମାଇକ୍ରୋବାୟୋଲୋଜି ଓ ବାୟୋକେମିଷ୍ଟ୍ରି ବିଭାଗରେ ୧ଟି ଲେଖାଏଁ ପଦ ରହିଥିବା ବେଳେ ଅଛନ୍ତି ୦ ଜଣ ଲେଖାଏଁ ଡାକ୍ତର। ଶିଶୁଭବନରେ ଯେଉଁଠି ୫ ଜଣ ମେଡିକାଲ ଅଫିସରଙ୍କ ଆବଶ୍ୟକତା ରହିଛି, ସେଠି ମାତ୍ର ଜଣେ ଅଫିସର ରହିଛନ୍ତି। ଡାକ୍ତରଙ୍କ ପରେ ନର୍ସ, ଫାର୍ମାସି ଅଫିସର, ଲାବୋରେଟରୀ ଟେକ୍ନିସିଆନ୍ ଏବଂ ରେଡିଓଗ୍ରାଫରଙ୍କ ଉପରେ ଶିଶୁଙ୍କ ପରବର୍ତ୍ତୀ ଚିକିତ୍ସା ଭାର ରହିଥାଏ। ଶିଶୁଭବନର ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ଉପରୋକ୍ତ କର୍ମଚାରୀଙ୍କ ପାଇଁ ୨୯୭ଟି ମଞ୍ଜୁରି ପ୍ରାପ୍ତ ପଦ ରଖାଯାଇଛି। ଏଥିରୁ ୧୯୧ଟି ପଦ ଖାଲିପଡ଼ିଛି। ମାତ୍ର ୧୦୬ ପଦରେ କର୍ମଚାରୀ କାମ କରୁଛନ୍ତି। ଯେଉଁଠି ୩୭୧ ଜଣ ଷ୍ଟାଫ୍ ନର୍ସ ଅଫିସରଙ୍କ ଆବଶ୍ୟକତା ରହିଛି, ସେଠି ମାତ୍ର ୨୧୮ ଜଣ ଅଛନ୍ତି। ୧୫୩ଟି ପଦ ଖାଲିପଡ଼ିଛି। ୩୭ଟି ବରିଷ୍ଠ ନର୍ସିଂ ଅଫିସର ପଦରୁ ସମସ୍ତ ପଦ ଖାଲିପଡ଼ିଛି। ୭ଟି ସହକାରୀ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ପଦ ରହିଥିବା ବେଳେ ଏଥିରୁ ମାତ୍ର ୨ଟି ପଦରେ ଅଧିକାରୀ ଅଛନ୍ତି। ୫ଟି ପଦ ଖାଲି ପଡ଼ିଛି। ୧ଟି ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ପଦ ବିଭାଗରେ କେହି ଜଣେ ହେଲେ ଅଧିକାରୀ ନାହାନ୍ତି। ୧୪ଟି ଫାର୍ମାସି ଅଫିସର ପଦରୁ ୬ଟି ପଦ ପୂରଣ ହୋଇଛି। ୧୫ଟି ବରିଷ୍ଠ ଫାର୍ମାସି ଅଫିସର ମଧ୍ୟରୁ ସମସ୍ତ ପଦ ଖାଲିପଡ଼ିଛି। ୧୧ଟି ସିନିୟର ଫାର୍ମାସି ଅଫିସର ମଧ୍ୟ ଖାଲିପଡ଼ିଛି। ଲାବୋରେଟରୀ ଟେକ୍ନିସିଆନ୍ ୧୬ଟି ପଦରୁ ୧୪ଟି ପଦ ଖାଲି ପଡ଼ିଛି। ଟେକ୍ନିକାଲ ଅଫିସର ୧୨ଟି ପଦରୁ ୧୫ଟି ପଦ ଖାଲି ପଡ଼ିଛି। ଏହି ସମସ୍ୟାର ସମାଧାନ ନିମନ୍ତେ କେତେକ ସାମାଜିକ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ସରକାରଙ୍କ ଦୃଷ୍ଟିଗୋଚର କରାଯାଉଥିବା ବେଳେ ଏହି ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଶିଶୁ ଭବନରେ ଉନ୍ନମାନର ଚିକିତ୍ସା ସେବା ଯୋଗାଇ ଦେବା ସହିତ ଫାଙ୍କା ପଡ଼ିଥିବା ଡାକ୍ତର ଓ ସେବିକା ପଦ ପୂରଣ ନକରାଗଲେ ଆଗାମୀ ଦିନରେ କଟକରେ ଜନଆନ୍ଦୋଳନ ତୀବ୍ର ହେବ ବୋଲି ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି।

### ୧୧ ପଦରେ...

ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ପଦୋନ୍ନତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ଓ ବିନା ଡିପିସିରେ ତାଙ୍କୁ ଏକାଧିକ ପଦୋନ୍ନତି ଦିଆଯାଇଥିବା ଅଭିଯୋଗ ହୋଇଛି।

କେବଳ ଏତିକି ନୁହେଁ; ନିଗମ ବିରୋଧରେ ମଧ୍ୟ ଆହୁରି ଅନେକ ସାଂଘାତିକ ଅଭିଯୋଗ ଆସିଛି। ଅବସର ନେବାର ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଅନେକ କର୍ମଚାରୀଙ୍କୁ ସେମାନଙ୍କର ନାର୍ଯ୍ୟ ପ୍ରାପ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି ଏବଂ ଏହି ପାଉଣା ନ ଦେବାକୁ ରୀତିମତ ଷଡ଼ଯନ୍ତ୍ର କରାଯାଉଛି। ଜଣେ ଜଣେ ଅଧିକାରୀଙ୍କ ଉପରେ ଏତେଗୁଡ଼ିଏ ଦାୟିତ୍ୱ ନ୍ୟସ୍ତ କରିବା ପଛରେ କେଉଁ କାରଣ ଅଛି ତାହାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ନିଗମରେ ମାନବସମ୍ବଳ ସଙ୍କଟ ରହିଛି ନା ଜାଣିଶୁଣି ଜଣେ ଜଣେ ଅଧିକାରୀଙ୍କ ଉପରେ ଏକାଧିକ ଦାୟିତ୍ୱ ନ୍ୟସ୍ତ କରାଯାଇ ବ୍ୟବସ୍ଥାକୁ ବିଭ୍ରାଟ କରିବାକୁ ଉଦ୍ୟମ କରାଯାଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ। ଅପରପକ୍ଷରେ ବିଭାଗରେ ଏକାଧିକ ଦାୟିତ୍ୱ ତୁଲାଇବା ପାଇଁ କେବଳ ଏହି ଅଧିକାରୀମାନେ ସୁଦକ୍ଷ ଓ ଅନ୍ୟମାନେ ଅପାରଗ ବୋଲି ସରକାର ମନେ କରୁଛନ୍ତି ବୋଲି ମଧ୍ୟ ଏକ ବାର୍ତ୍ତା ଦିଆଯିବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ ହୋଇଛି।


**C.B.HIGHER SECONDARY SCHOOL**
Garhsanput, Kanas, Puri–752060

**URGENTLY REQUIRED**

Applications are invited for the post of Lecturer in HISTORY and ODIA(Guest faculty basis) having 55% above marks at PG level to the undersigned within 07 days of publication of this advertisement.

*Sd/-Principal-cum-Secretary CBHSS*
*chaudamauza.mahavidyalaya@gmail.com*

# ‘ଏମ୍‌ଏମ୍‌ଡିଆର ଆଇନ ୨୦୨୬ ରଦ୍ଦ କର’

ଢେଙ୍କାନାଳ, ୨୩।୮ (ସମିସ)



ଲୋକସଭା ଓ ରାଜ୍ୟ ସଭାରେ ଖଣିଜ ଦ୍ରବ୍ୟ ବ୍ୟବହାର ଓ ଉତୋଳନ ଇତ୍ୟାଦି ସମ୍ପର୍କରେ ୨୦୨୪ ମସିହାରେ ସୁପ୍ରିମ କୋର୍ଟଙ୍କ ୯ଜଣିଆ ପୀଠ ୮.୧ ମତରେ ଦେଇଥିବା ରାୟରେ ରାଜ୍ୟମାନଙ୍କୁ ରାଜସ୍ୱ ଓ ଟିକସ ଇତ୍ୟାଦି ସଂଗ୍ରହ ପାଇଁ ଦେଇଥିବା ଅଧିକାରକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଉଦେଶ୍ୟରେ ଗୃହୀତ ଏମଏମଡିଆର ଆକ୍ଟ-୨୦୨୬କୁ ରଦ୍ଧ କରିବା ଦାବିରେ ରାଜ୍ୟର ଇଣ୍ଡିମେଣ୍ଟର ସହଯୋଗୀ ଦଳମାନଙ୍କର ଏକ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲାର ଗାନ୍ଧୀ ମନ୍ଦିର ନିକଟସ୍ଥ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇଏମ ଓ ସିପିଆଇ ଏମଏଲ, ଲିବେରେସନ ପ୍ରଭୃତି ଦଳଗୁଡିକ ଏକତ୍ରିତ ହୋଇ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ୍‌ଏମ୍‌ଡିଆର୍ ଆଇନକୁ ତୁରନ୍ତ ରଦ୍ଦ କରିବାକୁ ଦାବି ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି ଆଇନ ଯୋଗୁଁ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଭୟଙ୍କର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଥିଲେ। ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହେବା ସହିତ କର୍ପୋରେଟ ଲୁଣ୍ଠନ ଏବଂ ଆଦିବାସୀ ଶୋଷଣ ତୀବ୍ର ଭାବେ ବୃଦ୍ଧି ପାଇବ। ଏମ୍‌ଏମ୍‌ଡିଆର ଆଇନ୨୦୨୬ ରଦ୍ଦ ଦାବିରେ ଆସନ୍ତା ଅଗଷ୍ଟ ୨୫ରେ ଜିଲ୍ଲା ସ୍ତରରେ ପ୍ରତିରୋଧ ଦିବସ ପାଳନ ପାଇଁ ରାଜ୍ୟ ଇଣ୍ଡି ମେଣ୍ଟର ଡାକରାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିସହ ଏହି ରାଜ୍ୟମାନଙ୍କ ଅଧିକାର ବିରୋଧୀ ଆଇନର ପ୍ରଭାବ ସମ୍ପର୍କରେ ଆଲୋଚନା କରିବା ପାଇଁ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ବୈଠକରେ ଦାବୀ କରାଯାଇଛି। ଉକ୍ତ ବୈଠକକୁ ଜିଲ୍ଲାର ବରିଷ୍ଠ କଂଗ୍ରେସ୍ ସଦସ୍ୟ ରୁଦ୍ର ପ୍ରକାଶ ଶରଣ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ଆଭାସୀ ମାଧ୍ୟମରେ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ, ସର୍ବାଙ୍ଗ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକୀର ଚରଣ ବେହେରା, ଓଡ଼ାପଡ଼ା କଂଗ୍ରେସ ସଭାପତି ସୁଶାନ୍ତ କୁମାର ଧଳ, ସିପିଆଇର ରବି ରଥ ଏବଂ ଶିବରାମ ସାହୁ, ସିପିଆଇଏମ୍‌ର ଶ୍ରୀନିବାସ ସାହୁ, ସ୍ମିତାରାଣୀ ସାମଲ ଏବଂ ଓଡ଼ିଶା କୃଷକ ସେବା ଜିଲ୍ଲା ସମ୍ପାଦକ ସରୋଜ ଶତପଥୀ ଉପସ୍ଥିତ ରହି ୨୫ତାରିଖ ସକାଳ ୧୦ ଘଟିକା ପ୍ରତିବାଦ ସଭାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଆସନ୍ତା ୯ ସେପ୍ଟେମ୍ବରରେ ରାଜ୍ୟସ୍ତରୀୟ କନଭେନସନ୍‌ରେ ଢେଙ୍କାନାଳ ଜିଲ୍ଲାରୁ ୩୦୦ ନେତୃ ସ୍ଥାନୀୟ ବ୍ୟକ୍ତି ଓ କର୍ମୀଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇ ପ୍ରସ୍ତାବ ଗୃହୀତ ହୋଇଛି। ଏମ୍‌ଏମ୍‌ଡିଆର୍ ଆଇନ ରଦ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଇଣ୍ଡି ମେଣ୍ଟରର ସହଯୋଗୀ ଦଳଗୁଡ଼ିକ ଐକ୍ୟବଦ୍ଧ ଭାବେ ନିରନ୍ତର ଲଢ଼େଇ ଜାରି ରଖିବେ ବୋଲି ଘୋଷଣା କରାଯାଇଛି।

● ଶ୍ରାବଣ ଶେଷ ସୋମବାର ପାଳି

## ବିଶ୍ୱେଶ୍ୱର ମନ୍ଦିର ସଫେଇ କଲେ ଶ୍ରଦ୍ଧାଳୁ

କଣିହାଁ, ୨୩।୮ (ସମିସ): ଆସନ୍ତା କାଲି ଶ୍ରାବଣର ଶେଷ ସୋମବାର ଜଳଲାଗି ପୂର୍ବରୁ କଣିହାଁ ବ୍ଲକ ବିରୁ ଗ୍ରାମରେ ଥିବା ପ୍ରସିଦ୍ଧ ବିଶ୍ୱେଶ୍ୱର ଶିବ ମନ୍ଦିର ପରିସର ଓ ଏହାର ଚତୁଃପାର୍ଶ୍ୱକୁ ରବିବାର ଗ୍ରାମର ଯୁବ କାଉଡ଼ିଆଙ୍କ ଦ୍ୱାରା ସଫେଇ କରାଯାଇଛି। ମନ୍ଦିର ଚାରିପଟେ ଥିବା ଅନାବନା ଗଛଲତା, ଘାସ ସହ ଜମି ରହିଥିବା ଅଳିଆ ଆବର୍ଜନାକୁ



ଭକ୍ତମାନେ ସଫା କରି ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି କରିଛନ୍ତି। ପ୍ରକାଶଯୋଗ୍ୟ, ଏହି ଯୁବକମାନେ ପ୍ରତି ଶ୍ରାବଣ ସୋମବାରରେ ବିଭିନ୍ନ ପ୍ରସିଦ୍ଧ ଶୈବପୀଠକୁ ଜଳଲାଗି ପାଇଁ ଯାଉଥିବା ବେଳେ ଶ୍ରାବଣ ମାସର ଶେଷ ସୋମବାରରେ ନିଜ ଗ୍ରାମ ମହାଦେବ ମନ୍ଦିରରେ ଜଳାଭିଷେକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଭକ୍ତମାନଙ୍କ ପାଇଁ ସର୍ବସାଧାରଣ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଛି। ପବିତ୍ର ଜଳାଭିଷେକ ପୂର୍ବରୁ ଯୁବକମାନଙ୍କ ଏହି ପ୍ରୟାସକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ବିଦ୍ୟାଳୟରେ ବସ୍ତାନୀବିହୀନ ଦିବସ





ଢେଙ୍କାନାଳ, ୨୩।୮ (ସମିସ): ମୋଟରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବସ୍ତାନୀବିହୀନ ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ବସ୍ତାନୀ ନ ଆଣି ବିଭିନ୍ନ ସୃଜନାତ୍ମକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।



ଏ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଳ୍ପକଥନ, ଏକକ ଅଭିନୟ, ହସ୍ତଶିଳ୍ପ, କାଗଜ ନିର୍ମିତ ବିଭିନ୍ନ ପଶୁପକ୍ଷୀ ଓ ଫୁଲଫଳ, ନାଚ, ଗୀତ, ବକ୍ତୃତା ଓ କୁଇଜ୍ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିଶୁବାଟିକା ଠାରୁ ୮ମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀମାନେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କଲେ। ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସନ୍ତୋଷ ଧଳ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ଓ ଶୋଭାଶ୍ରୀ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଓ ସିଆର୍‌ସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ କାକୁଡିଭାଗ କ୍ଲଷ୍ଟର ଅନ୍ତର୍ଗତ ଅନ୍ୟ ସମସ୍ତ ୧୨ଟି ବିଦ୍ୟାଳୟରେ ବସ୍ତାନୀବିହୀନ ଦିବସ ଉତ୍ସାହର ସହିତ ପାଳିତ ହୋଇଛି।

## ଡିପିଏସ୍‌ରେ ଦିନିକିଆ ସଚେତନତା କାର୍ଯ୍ୟକ୍ରମ

ଓଡ଼ାପଡ଼ା, ୨୩।୮ (ସମିସ): ଢେଙ୍କାନାଳ ଜିଲ୍ଲା କମଳଙ୍ଗା ପଞ୍ଚାୟତ ଦିଲ୍ଲୀ ପବିଲିକି ସ୍କୁଲରେ ଏକ ଦିବାସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜଶ୍ରୀ ହୋତା ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଉଦେଶ୍ୟ ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅନୁଗୋଳ କୋର୍ଟର ଅବସର ଆଇନୀ ଜୀବି ଡ଼କ୍ଟର ପରମାନନ୍ଦ ମିଶ୍ର, ଆଇନୀ ଜୀବି ବୃନ୍ଦାବନ ପୃଷ୍ଟି, ସାଗରୀକା ପଡ଼ିଆରୀ ବିଶ୍ୱ ଯୁବ କେନ୍ଦ୍ରର ପ୍ରୋଗ୍ରାମ କାଉନସିଲର ମନସ୍ମିତା ନାୟକ, ବିଦ୍ୟାଳୟର ଅଧକ୍ଷା ଅହଲ୍ୟା ବାଇ ସାହୁ, କମିଟିର ସଦସ୍ୟ, ସଦସ୍ୟା, ଶିକ୍ଷକ, ଶିକ୍ଷତ୍ରୀ ଏବଂ ବିଦ୍ୟାଳୟର ଛାତ୍ର, ଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ପାଇଁ ନିରାପଦ ଓ ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ପୋକସୋ ଓ ପିଓଏସଏଚ ଆଇନ




ସମ୍ପର୍କିତ ସଚେତନତାର ଗୁରୁତ୍ୱ ବଢ଼ିଛି। ଓଡ଼ିଶାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସଚିବାଳୟ ଅଧିକାରୀମାନଙ୍କ ପାଇଁ ପିଓଏସଏଚ ଆଇନ ଉପରେ କର୍ମଶାଳା ଆୟୋଜିତ ହୋଇଥିଲା। ସୁରକ୍ଷିତ, ସମ୍ମାନଜନକ ଓ ସମାନ କର୍ମକ୍ଷେତ୍ର ଗଠନ ଉପରେ ଏଥିରେ ଆଲୋଚନା ହୋଇଥିଲା। ପିଓଏସଏଚ ଆଇନ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ। ଶିଶୁ, ଅଭିଭାବକ, ଶିକ୍ଷକ ଓ ସମାଜର ସମସ୍ତଙ୍କ ମଧ୍ୟରେ ଏହି ଆଇନ ସମ୍ପର୍କରେ ସଠିକ୍ ସଚେତନତା ରହିବା ଆବଶ୍ୟକ। ୧୦୯୮, ୧୧୨ର ବ୍ୟବହାର ବିଷୟରେ ଅବଗତ କରାଇଥିଲେ। ପିଓଏସଏଚ ଆଇନ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନକୁ ପ୍ରତିରୋଧ, ନିଷେଧ ଓ ଅଭିଯୋଗର ସମାଧାନ ପାଇଁ ଆଇନଗତ ବ୍ୟବସ୍ଥା ଦେଇଥାଏ। ସଚେତନତା, ଉପଯୁକ୍ତ ଅଭିଯୋଗ ବ୍ୟବସ୍ଥା ଓ ସମ୍ମାନଜନକ ବ୍ୟବହାର ଦ୍ୱାରା ନିରାପଦ ପରିବେଶ ଗଠନ କରାଯାଇପାରେ। ଏଥିରେ ମନସ୍ମିତା ନାୟକ ଶିଶୁ ଯୌନ ନିର୍ଯାତନା ଶିକାର କିପରି ହେଉଛନ୍ତି ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ। ବାଲ୍ୟ ବିବାହ ଯୋଗୁଁ କିଶୋରୀ ମାନଙ୍କ ଶିକ୍ଷା ବାଧାପ୍ରାପ୍ତ ହେବା, ଶାରୀରିକ ଓ ମାନସିକ ବିକାଶ ପ୍ରଭାବିତ ହେବା ସ୍ୱାସ୍ଥ୍ୟ ସମସ୍ୟା ଏବଂ ପୁଷ୍ଟିକ ଅଭାବ ଭଳି କୁପରିଣାମ ସମ୍ପର୍କରେ ସଚେତନତା କରାଯାଇଥିଲା ବାଲ୍ୟ ବିବାହ ନିଷେଧ ଆଇନ ଓ ଏହାର ଦଣ୍ଡବିଧାନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସଚେତନତା ହିଁ ସୁରକ୍ଷାର ପ୍ରଥମ ପଦକ୍ଷେପ ଶିଶୁଙ୍କ ସୁରକ୍ଷା ଓ ମହିଳାଙ୍କ ସମ୍ମାନ ପାଇଁ ପୋକସୋ ଓ ପିଓଏସଏଚ ଆଇନ ବିଷୟରେ ସମସ୍ତେ ଜାଣିବା ଆବଶ୍ୟକ। ଏବଂ ସର୍ବ ଶେଷରେ ଶପଥ ପାଠ କରାଯାଇଥିଲା। କମିଟିର ଅବବାହିକ ବବିତା ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପିଉସୀକୁ ମାରିଦେଲେ ୨ ପୁତୁରା

● ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଧରିଲା ପୁଲିସ

ଗଁଦିଆ, ୨୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଗଁଦିଆ ଗାଁର ଦୁଇ ଯୁବକଙ୍କ ଆକ୍ରମଣରେ ତାଙ୍କ ପିଉସୀଙ୍କ ମୃତ୍ୟୁ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଁର ବିଜୟ ସେଠୀଙ୍କ ଦୁଇପୁଅ ବିଶ୍ୱଜିତ ସେଠୀ ଓ ବିଘ୍ନେଶ୍ୱର ସେଠୀ ପିଉସୀ ଉପମା ସେଠୀ (୫୦)ଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ଯିବାବେଳେ ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ଫିଲ୍ମ ଷ୍ଟାଇଲରେ ସେମାନଙ୍କୁ ଗୋଡ଼େଇ ଗୋଡ଼େଇ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ କାବୁ କରିଛି। ଏ ନେଇ ତଦନ୍ତ ଜାରି ରହିଥିବା ଆଇଆଇସି ଦଳେଇ ସୂଚନା ଦେଇଛନ୍ତି।

## କାଉଡ଼ିଆଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର



ଢେଙ୍କାନାଳ, ୨୩।୮ (ସମିସ): ସ୍ଥାନୀୟ ପଣ୍ଡା ନର୍ସିଂ ହୋମ୍ ତରଫରୁ ବୋଲବମ୍ ଯାତ୍ରୀମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବହୁ କାଉଡ଼ିଆଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଡା. ଶାନ୍ତିଭୂଷଣ ପଣ୍ଡା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପଣ୍ଡା ନର୍ସିଂହୋମର ସଦସ୍ୟ, କର୍ମଚାରୀ ଉପସ୍ଥିତ ଥିଲେ। ଡା. ପଣ୍ଡା ନିଜେ ଉପସ୍ଥିତ ରହି ସେବା କରିଥିଲେ।

## ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ପୁତ୍ରଦା ଏକାଦଶୀ ନୀତି

ଢେଙ୍କାନାଳ, ୨୩।୮ (ସମିସ): ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ପବିତ୍ର ଶ୍ରାବଣ ମାସର ପୁତ୍ରଦା ଏକାଦଶୀ ନୀତି ଯଥାବିଧି ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ସ୍ନାନ, ବସ୍ତ୍ର ପରିଧାନ, ତୁଳସୀ ହାର ଓ ପୁଷ୍ପ ହାର ଲାଗି କରାଯାଇଥିଲା। ଏହାପରେ ବଲ୍ଲଭ ଭୋଗ ଅର୍ପଣ କରାଯାଇଥିଲା। ସକାଳେ ଖେଚେଡ଼ି ଭୋଗ



ଏବଂ ମଧ୍ୟାହ୍ନରେ ଅନ୍ନଧୂପ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ସମୟରେ ଆଳତି ଏବଂ ରାତ୍ରିରେ ରାତ୍ରଧୂପ ନୀତି ପାଳନ କରାଯିବ। ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିବା ପରେ ମହାପ୍ରଭୁଙ୍କ ପହଡ଼ ନୀତି ସମ୍ପନ୍ନ ହେବ। ଏହି ପବିତ୍ର ପୂଜାର୍ଚ୍ଚନା ପୂଜକ ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଏବଂ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଶ୍ରଦ୍ଧା ଓ ଭକ୍ତିର ସହିତ ସମ୍ପନ୍ନ ହୋଇଛି। ପୁତ୍ରଦା ଏକାଦଶୀ ଅବସରରେ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ମହାପ୍ରଭୁ ସିଦ୍ଧ ବଳରାମଜୀଉଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ଼ ଲାଗିଥିଲା।

## ବର୍ଷା କମିଲା, କମୁନି ଚାଷୀଙ୍କ ଦୁର୍ଦ୍ଦଶା

ଗଁଦିଆ, ୨୩।୮ (ସମିସ): ଲଗାଣ ବର୍ଷାରେ ବେହାଲ ହୋଇଛି ଗଁଦିଆ ବ୍ଲକର ବିଭିନ୍ନ ଅଞ୍ଚଳ। ବର୍ଷା ସିନା ଛାଡ଼ିଯାଇଛି କିନ୍ତୁ ଅସରନ୍ତି ଦୁଃଖ ଅଜାଡ଼ି ଦେଇ ଯାଇଛି ଚାଷୀକୁଳକୁ। ନିଜ ଧାନ କ୍ଷେତର ଅବସ୍ଥା ଦେଖି ମୁଣ୍ଡରେ ହାତ ଦେଇଛି ବିଚରା ଚାଷୀ।



ଏବେ ସୁଦ୍ଧା ଧାନ କ୍ଷେତଗୁଡ଼ିକରେ ବର୍ଷା ପାଣି ଜମି ରହିଛି। ଫଳରେ ଅନେକ କ୍ଷେତରେ ଧାନଗଛ ସବୁ ପଚି ନଷ୍ଟ ହେବାକୁ ଲାଗିଲାଣି। ଏହାକୁ ଦେଖି ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। କ'ଣ କରିବ କ'ଣ ନ କରିବ ସେହି ଚିନ୍ତାରେ ଚାଷୀକୁଳ। ବ୍ଲକରେ ପ୍ରମୁଖ ଅର୍ଥକାରୀ ଫସଲ ମଧ୍ୟରେ ଧାନଚାଷ ହେଉଛି ଅନ୍ୟତମ। ଚାଷୀ ବର୍ଷତମାମ ସାଇତା ଅର୍ଥକୁ ଏହି କ୍ଷେତ୍ରରେ ବିନିଯୋଗ କରି ଅମଳ ଶସ୍ୟକୁ ମଣ୍ଡିରେ ବିକ୍ରି କରି ଯାହା ପାଏ ସେହିଥିରେ ତାହାର ପରିବାର ଭରଣ ପୋଷଣ କରିଥାଏ। ବିଶେଷକରି ବ୍ଲକର ସୀମାନ୍ତରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳ ସଂଲଗ୍ନ ଗ୍ରାମ ପଞ୍ଚାୟତ ଯଥା ମନ୍ଦାର, ଦିଗମ୍ବରପୁର, କାଶୀପୁର, ଖଣ୍ଡବନ୍ଧ, ପିଙ୍ଗୁଆ ଓ ଦଶମାଣପାଟଣା ମଞ୍ଜୁରୀପଡ଼ାର ନଦୀକୂଳିଆ ଗ୍ରାମଗୁଡ଼ିକର ଚାଷୀମାନଙ୍କ ଧାନ ଫସଲ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ନବଲିଙ୍ଗା, ଚିଉଳପୁର, ପୁରୁଷୋତ୍ତମପୁର, ପର୍ବତକଣୀ, ବୃନ୍ଦାବନପୁର, ଭାଲିଆପାଟ, ତଳକାଶୀପୁର, ପୁରୁଣାଅମାଙ୍ଗ, କାଲୁଣିଗୋଡ଼ା, ପିଙ୍ଗୁଆ, ଓ ମଞ୍ଜୁରୀପଡ଼ା ଆଦି ଗ୍ରାମର ଧାନ କ୍ଷେତଗୁଡ଼ିକ ନଦୀ କୂଳରେ ଅବସ୍ଥିତ ହୋଇଥିବା ଫଳରେ ବର୍ଷା ଦିନରେ ନଦୀରେ ପାଣି ଭରି ରହିବା ଯୋଗୁଁ ବର୍ଷା ପାଣି ନଦୀକୁ ନିଷ୍କାସିତ ନ ହୋଇ ଧାନ କ୍ଷେତରେ ଜମି ରହିଥାଏ। ଏହାର ପ୍ରବହାରେ କ୍ଷେତରେ ଥିବା ଧାନ ଗଛ ସବୁ ପଚି ନଷ୍ଟ ହେଉଛି। ବର୍ଷାରେ ପ୍ରଭାବିତ ଧାନ କ୍ଷେତଗୁଡ଼ିକର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହେଉଛି।

## ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସିପିଆଇର ଦାବି



ଢେଙ୍କାନାଳ, ୨୩।୮ (ସମିସ): ଲଗାଣ ବର୍ଷାରେ କାମାକ୍ଷାନଗର ଉପକଣ୍ଠରେ ଥିବା ମହୁଲପାଳ, ଜୟପୁର, ମାର୍ଥାପୁର, ଦିଘି, ବୁଢ଼ିବିଲି, ଗୁନେଇବିଲି ପ୍ରଭୃତି ଗ୍ରାମମାନଙ୍କରେ ଜମି ଓ ବାଡ଼ିରେ ପାଣି ପଶିଯିବା ଫଳରେ ଚାଷୀମାନଙ୍କର ପ୍ରାୟ ୨ ହଜାର ଏକର ଜମି କ୍ଷତିଗ୍ରସ୍ତ ହୋଇଛି। କୃଷି ବିଭାଗ ଏହାର ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଦେବା ସହିତ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଜିଲ୍ଲା ପ୍ରଶାସନଠାରେ ସିପିଆଇ ଜିଲ୍ଲା ସମ୍ପାଦକ ଶିବରାମ ସାହୁ ଦାବି କରିଛନ୍ତି।

## ବୋଲ୍‌ବମ୍ ସେବା ସଙ୍ଘ ପକ୍ଷରୁ କାଉଡ଼ିଆ ସେବା




ଢେଙ୍କାନାଳ, ୨୩।୮ (ସମିସ): ସ୍ଥାନୀୟ ବାଜିଚୌକସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉ ବୋଲ୍‌ବମ୍ ସେବା ସଂଘ ପକ୍ଷରୁ ୧୯୯୯ ମସିହାରୁ ଦୀର୍ଘ ୨୭ ବର୍ଷ ହେଲା ଚାଲିଆସୁଥିବା କାଉଡ଼ିଆ ସେବା ପ୍ରଦାନ କରାଯାଉଛି। ଭକ୍ତମାନଙ୍କୁ ପାଣି, ଅନ୍ନପ୍ରସାଦ ଓ ଔଷଧ ପ୍ରଦାନ କରାଯାଇଥିଲା। ଏଥିରେ ସାରା ରାଜ୍ୟରୁ ଆସିଥିବା କାଉଡ଼ିଆ ଭାଇମାନଙ୍କୁ ସେବା ପ୍ରଦାନ କରାଯାଇଛି। ସଭାପତି ଜ୍ଞାନଚାନ୍ଦ ମିଶ୍ର, ଉପସଭାପତି ପ୍ରଭାକର ରାଉତ, ସମ୍ପାଦକ ସରୋଜକାନ୍ତ ପ୍ରଧାନ, ସହ-ସମ୍ପାଦକ ନିର୍ମଳ କୁମାର ରାଉତ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ଜେନା, ଉପଦେଷ୍ଟା ପ୍ରେମଶଙ୍କର ମିଶ୍ର, ପ୍ରମୋଦ କୁମାର ସାହୁ, ରଞ୍ଜନ ଜେନା, ପଦ୍ମନାଭ ସିଂ, ପ୍ରମୋଦ କୁମାର ରାଉତ, ରତ୍ନାକର ବେହେରା, କୁନା ରାଉତ, ବଂଶୀଧର ଦଳେଇ, କରୁଣାକର ବେହେରା, ମନୋରଞ୍ଜନ ଜେନା, ଜଟିଆ ରାଉତ, ସୁଶାନ୍ତ, ସର୍ବେଶ୍ୱର ରାଉତ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାଉଡ଼ିଆମାନଙ୍କୁ ସେବା ପ୍ରଦାନ କରିଥିଲେ।

## ବିଜ୍ଞାନ କେନ୍ଦ୍ରରେ ଜାତୀୟ ମହାକାଶ ଦିବସ ପାଳିତ

ଢେଙ୍କାନାଳ, ୨୩।୮ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଅଧୀନ ସ୍ଥାନୀୟ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମଡେଲ୍ ରକେଟ୍ରି କର୍ମଶାଳା ଏବଂ ବିଜ୍ଞାନ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ମଡେଲ୍ ରକେଟ୍ରି କର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀମାନେ ରକେଟ୍ ପ୍ରଯୁକ୍ତି, ମହାକାଶ ବିଜ୍ଞାନ ଓ ବୈଜ୍ଞାନିକ ପରୀକ୍ଷଣ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ହାସଲ କରିଥିଲେ। ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ ଏମ ରାଉତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହ ମଡେଲ୍ ରକେଟ୍ରି କର୍ମଶାଳାରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ସେ ଏକ ବିଷୟଭିତିକ ପ୍ରସ୍ତୁତି ମାଧ୍ୟମରେ ରକେଟ୍ରି, ମହାକାଶ ବିଜ୍ଞାନ ଓ ଏହାର ବ୍ୟବହାରିକ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ରକେଟ୍ ବିଜ୍ଞାନ ଓ ରକେଟ୍ ପ୍ରଯୁକ୍ତି ସମ୍ପର୍କିତ ଏକ ଆନ୍ତଃକ୍ରିୟାତ୍ମକ ପ୍ରଶ୍ନୋତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଚରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତର




ପ୍ରଦାନ କରାଯାଇଥିଲା। ଏହାପରେ ବିଜ୍ଞାନ ଚଳଚ୍ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବୈଜ୍ଞାନିକ ଧାରଣା ଓ ମହାକାଶ ସମ୍ପର୍କିତ ବିଷୟକୁ ଆକର୍ଷଣୀୟ ଦୃଶ୍ୟମାଧ୍ୟମ ଜରିଆରେ ଅନୁଭବ କରିଥିଲେ। ବିଜ୍ଞାନ କେନ୍ଦ୍ରର ଏଜୁକେସନ୍ ଆସିଷ୍ଟାଣ୍ଟ ଶଙ୍କର ଗୁରୁଙ୍ଗ କାର୍ଯ୍ୟକ୍ରମର ସମନ୍ୱୟ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ସହ ଜାତୀୟ ମହାକାଶ ଦିବସ ପାଳନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ୬-୧ ଗୋଲରେ ବାନାସାହି କ୍ଲବ୍ ବିଜୟୀ

ଢେଙ୍କାନାଳ, ୨୩।୮ (ସମିସ)



ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ୮ମ ଦିବସରେ ବାନାସାହି ଫୁଟ୍‌ବଲ୍ କ୍ଲବ୍ ଓ ଢେଙ୍କାନାଳ ଅଟୋନମସ୍ କଲେଜ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୬-୧ ଗୋଲରେ ବାନାସାହି କ୍ଲବ୍ ବିଜୟୀ ହୋଇଛି। ରେଫରୀ ଭାବେ ଅନିଲ୍ ନନ୍ଦ, ଦେବରାଜ ସ୍ୱାଇଁ, ମନୋଜ ସେଠୀ ଓ ସୁଜିତ୍ ନାୟକ ମ୍ୟାଚ୍ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବିଶିଷ୍ଟ ଶିଳ୍ପଦ୍ୟୋଗୀ ଓ ସମାଜସେବୀ ହର୍ଷବର୍ଦ୍ଧନ ସିଂହଦେଓ, ବିଶିଷ୍ଟ ଶିଳ୍ପଦ୍ୟୋଗୀ ତଥା କ୍ରୀଡ଼ାପ୍ରେମୀ ଜୟକାନ୍ତ ଦାସ ହିନ୍ଦୋଚା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ନଳିନୀ କୁମାର ଦାସ, ଉପ-ସଭାପତି ତଥା ସାଂଗଠନିକ ସମ୍ପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ମନୋଜ ପଟ୍ଟନାୟକ, ଅଜୟ ବାରିକ, ବାବୁ ପାଢ଼ୀ, ପର୍ଶୁରାମ ମିଶ୍ର, ସୁନୀଲ ପଣ୍ଡା, ଅଭିଜିତ ମିଶ୍ର, ପ୍ରତାପ କୁମାର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ବସନ୍ତ ବେହେରା, ରଞ୍ଜନ ସାହୁ, ପ୍ରତୀକ ଭଞ୍ଜ, ପ୍ରକାଶ ପତି, ଶିବପ୍ରସାଦ ଦାଶ, ସଚ୍ଚିଦାନନ୍ଦ ସାହୁ, ସରୋଜ ପାଢ଼ୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ, ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରାଉନସୁଗର ଜବତ; ୩ ଗିରଫ




ପାରାଦୀପ,୨୩।୮ (ସମିସ): ପାରାଦୀପ ଲକ୍ ଥାନା ପୁଲିସ୍ ଆଜି ୩ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ଲକ ଥାନା ଅଧୀନ ଅଞ୍ଚଳ ବାଲିଡିଆ ପଞ୍ଚାୟତ କାର୍ଯ୍ୟାଳୟ ଗେଟ୍ ବିଶ୍ରାମ ଘର ନିକଟରେ ଗରାଖ ଅପେକ୍ଷାରେ ରହିଥିଲେ। ପାଟ୍ରୋଲିଂ କରୁଥିବା ବେଳେ ଏହି ୩ ଯୁବକ ପୁଲିସ ହାତରେ ଧରପଡିଥିଲେ। ସେମାନେ ହେଲେ ସର୍ବେଶ୍ୱର ସେଠୀ (୩୨) ତାର ଘର ଲକ୍‌ଥାନା ଅଧୀନ ନୂଆଗଡ ଗ୍ରାମରେ। ତା' ନିକଟରୁ ୫. ୭୪ ଗ୍ରାମର ବ୍ରାଉନସୁଗର ଜବତ ହେବା ସହ ୭ଟି ପେପର ଚିଟ, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ମଟରସାଇକଲକୁ ଜବତ କରାଯାଇଛି। ସେହିପରି ଅନ୍ୟ ଜଣେ ହେଲା କେନ୍ଦ୍ରାପଡା ଜିଲ୍ଲା ଜମ୍ମୁ ମେରାଇନ ଥାନା ଖରାନାସିର ହରେକୃଷ୍ଣ ଗିରିଙ୍କ ପୁଅ ଗୌରାଙ୍ଗ ଗିରି, ତା' ନିକଟରୁ ୫.୮୫ ଗ୍ରାମର ବ୍ରାଉନ ସୁଗାର ଜବତ ହେବା ସହ ୫ଟି ପେପର ଚିଟ, ଏକ ମୋବାଇଲ ଫୋନ ଓ ଗୋଟିଏ ମଟର ସାଇକଲ ଜବତ କରାଯାଇଛି। ଅନ୍ୟ ଜଣକ ହେଲା ଜଗତସିଂହପୁର ଥାନା ଅଞ୍ଚଳ ପଳାଶଳ ଗ୍ରାମର ରବୀନ୍ଦ୍ର ସେଠୀଙ୍କ ପୁଅ ବିଚିତ୍ର ସେଠୀ (୨୬), ତା' ନିକଟରୁ ୬.୩୪ ଗ୍ରାମର ବ୍ରାଉନ ସୁଗାର ଜବତ କରାଯିବା ସହ ୭ଟି ପେପର ଚିଟ, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ମଟର ସାଇକଲକୁ ଜବତ କରିଛି ପୁଲିସ। ଆଜି ଏହି ତିନି ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ୩ଟି ମାମଲା ରୁଜୁ କରାଯାଇଛି।

# ସଂଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ପାରାଦୀପ,୨୩।୮ (ସମିସ): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନାରେ ବିଭାଗ ଓ ସମ୍ଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାରାଦୀପଠାରେ ଆୟୋଜିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ, ପୂର୍ବ ସମ୍ଭାଗର କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ଦାସ, ଜଗତସିଂହପୁର ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ, ଜଗତସିଂହପୁର ବିଭାଗ ନିରୀକ୍ଷକ ରଞ୍ଜନ କୁମାର ପ୍ରଧାନ, ପରିଚାଳନା ସମିତିର ସଭାପତି ନିରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ କମିଟିର ସଭାପତି ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ମମତା କର। ଉକ୍ତ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ। ଏଥିରେ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୭୬ ଜଣ ପ୍ରତିଭାଗୀ ଏଥିରେ ଅଂଶ ଗ୍ରହଣ କରିଛନ୍ତି।

# ଦୁର୍ଘଟଣାଗ୍ରସ୍ତ ଗାଈଗୋରୁଙ୍କ ସେବା ପାଇଁ ବୈଠକ



ପାରାଦୀପ,୨୩।୮ (ସମିସ): ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ଆଜି ଇମରଜେନ୍ସି ଆନିମାଲ ସେବା ସଂସ୍ଥା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଇଂ. ହିମାଂଶୁ ଶେଖର ପ୍ରଧାନ, ଗୋପବନ୍ଧୁ କ୍ରୀଡା ସାଂସଦର ପୂର୍ବତନ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ଶିଶିର କୁମାର ପତି, ବନ୍ଦରର ଅବସରପ୍ରାପ୍ତ କର୍ମଚାରୀ ସତ୍ୟାନନ୍ଦ ନାୟକ, ଭୀମସେନ ସିଂ, ଧ୍ରୁବ ବେହେରା, ବଜରଙ୍ଗୀ ଦଳର ଅତୁଲ୍ୟ ବାବୁ ଏବଂ ସହ କର୍ମୀମାନେ ଯୋଗ ଦେଇ ଥିଲେ। ପାରାଦୀପରେ ବୁଲା ଗାଈଗୋରୁ ଦୁର୍ଘଟଣା ହେଉଥିବା ଗାଈଙ୍କୁ କିପରି ଭଲ ଭାବରେ ସେବାପ୍ରଦାନ କରା ଯିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଗଲା। ଆଗାମୀ ଦିନ ପାଇଁ ଉକ୍ତ କାର୍ଯ୍ୟ ସେବା କିଭଳି ସୁଚାରୁ ରୁପେ ପ୍ରତି ପାଦନ କରାଯିବ, ସେଥିପାଇଁ ଶପଥ ନିଆଯାଇଥିଲା।

# ଅସିଲୋ କୁଳପଡ଼ାକୁ ନାହିଁ ପକ୍କା ରାସ୍ତା



ବାଲିକୁଦା,୨୩।୮ (ସମିସ)

ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ଅନ୍ତର୍ଗତ ଅସିଲୋ କୁଳପଡା ଗ୍ରାମକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ଖଣ୍ଡିଏ ନିର୍ମାଣ ହୋଇପାରିନଥିବାରୁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିଚାଲିଛି। ବିଶେଷକରି ବର୍ଷା ଋତୁରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଥିବାରୁ ଯାତାୟାତ ଗ୍ରାମବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ଏହି ରାସ୍ତା ଉପରେ ୧୫ରୁ ଊର୍ଦ୍ଧ୍ୱ ପରିବାର ନିର୍ଭରଶୀଳ। ଗ୍ରାମର କଳାନ୍ଦୀ ଚରଣ ଜେନା, ସୌମ୍ୟରଞ୍ଜନ ଜେନା, ଜ୍ଞାନରଞ୍ଜନ ଜେନା, ସନ୍ଧ୍ୟାରାଣୀ ସ୍ୱାଇଁ, ଟିପୁ ଜେନା, ଚପଳା ସ୍ୱାଇଁ, ମିତୁଆ ଜେନା, ପ୍ରଭାସିନୀ ଜେନା, ପଞ୍ଚାନନ ଜେନା, ମିଲି ଜେନା, ନିରୁଆ ଜେନା, ସାରଳତା ଜେନା, ପାୟଲ ଜେନା, ବ୍ରଜକିଶୋର ଜେନା, ଲତିକା ଜେନା, ବିଶ୍ୱଜିତ ଜେନାଙ୍କ ସମେତ ସମସ୍ତ ପରିବାର ରାସ୍ତା ସମସ୍ୟାର ସମାଧାନ ଦାବି କରିଛନ୍ତି। ବର୍ଷା ଦିନେ ରାସ୍ତା କାଦୁଅ ଓ ପାଣିରେ ଭରିଯାଉଥିବାରୁ ଛୋଟ ପିଲା, ବୃଦ୍ଧବୃଦ୍ଧା ଓ ରୋଗୀମାନଙ୍କୁ ଯାତାୟାତରେ ବହୁ ସମସ୍ୟା ଭୋଗିବାକୁ ପଡୁଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ଭଳି ଯାନବାହନ ଗ୍ରାମ ଭିତରକୁ ପହଞ୍ଚିବା ମଧ୍ୟ କଷ୍ଟକର ହୋଇପଡୁଥିବା ବେଳେ ଛାତ୍ରଛାତ୍ରୀ ବିଦ୍ୟାଳୟ କଲେଜ ଯିବା ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ରାସ୍ତା ନିର୍ମାଣ ଦାବି ହୋଇଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତାକାଲି ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମର ସମସ୍ତ ପରିବାର ସାମିଲ ହୋଇ ରାସ୍ତା ନିର୍ମାଣ ପାଇଁ ଲିଖିତ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅସିଲୋ କୁଳପଡା ଗ୍ରାମବାସୀଙ୍କ ଏହି ଦୀର୍ଘଦିନର ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କରିବା ସହ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି।

# ପ୍ରଫେସର ଉମା ଚରଣ ମହାନ୍ତିଙ୍କୁ 'ବିଶିଷ୍ଟ ପ୍ରାକ୍ତନ ବିଦ୍ୟାର୍ଥୀ ସମ୍ମାନ' ପ୍ରଦାନ




ଜଗତସିଂହପୁର,୨୩।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ଷଷ୍ଠ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଦେଶର ଜଣେ ସୁନାମଧନ୍ୟ ବିଜ୍ଞାନୀ ତଥା ପାଣିପାଗ ବିଜ୍ଞାନୀ ପ୍ରଫେସର ଉମାଚରଣ ମହାନ୍ତିଙ୍କୁ ସମ୍ମାନଜନକ "ବିଶିଷ୍ଟ ପ୍ରାକ୍ତନ ବିଦ୍ୟାର୍ଥୀ ସମ୍ମାନ-୨୦୨୬"ରେ ସମ୍ମାନୀତ କରାଯାଇଛି। ପ୍ରଫେସର ମହାନ୍ତି ଏହି ସମ୍ମାନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କ ଠାରୁ ଗ୍ରହଣ କରିଥିଲେ। ପ୍ରଫେସର ମହାନ୍ତି ୧୯୭୧ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରି ଦେଶ ଓ ବିଦେଶରେ ନିଜ ଗବେଷଣା ମାଧ୍ୟମରେ ବିଶେଷ ସୁନାମ ଅର୍ଜନ କରିଛନ୍ତି। ସେ ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପଦ ଅଳଙ୍କୃତ କରିବା ସହ ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର, ବିଜୁ ପଟ୍ଟନାୟକ ପୁରସ୍କାର ଏବଂ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ପରି ଅନେକ ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ ହୋଇ ଜଗତସିଂହପୁର ଜିଲ୍ଲା ତଥା ସମଗ୍ର ଓଡିଶାକୁ ଗୌରବାନିତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ସଭାପତି ଓ ସାଧାରଣ ସମ୍ପାଦକଙ୍କ ସମେତ ସମସ୍ତ କର୍ମକର୍ତ୍ତା ପ୍ରଫେସର ମହାନ୍ତିଙ୍କ ସୁସ୍ଥ, ଦୀର୍ଘ ଜୀବନ ଓ ନିରାମୟ ଭବିଷ୍ୟତ କାମନା କରିଛନ୍ତି। ପ୍ରଫେସର ମହାନ୍ତି ଜଗତସିଂହପୁର ଜିଲ୍ଲାର ଖୋରତ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ପ୍ରହଲ୍ଲାଦ ମହାନ୍ତିଙ୍କର ସୁପୁତ୍ର ଓ ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ରାହାସ ବିହାରୀ ମହାନ୍ତିଙ୍କ ପୁତୁରା ଅଟନ୍ତି।

## ବାଲିକୁଦାରେ ହେବ ଯୁଗ୍ମ ଜନଶୁଣାଣି ଶିବିର

# ସୂଚନା ପାଇପାରୁନାହାନ୍ତି ବ୍ଲକବାସୀ

ବାଲିକୁଦା,୨୩।୮ (ସମିସ): ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ଆସନ୍ତାକାଲି ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହେବ। ବ୍ଲକର ୩୦ଟି ପଞ୍ଚାୟତର ଜନସାଧାରଣ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଶିବିରରେ ଉପସ୍ଥିତ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ଜଣାଇପାରିବେ। ବ୍ଲକ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ଜନ ଶୁଣାଣି ଶିବିର ସୋମବାର ସକାଳ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଏଠାରେ ବ୍ୟକ୍ତିଗତ ସମସ୍ୟାଠାରୁ ଆରମ୍ଭ କରି ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ଆବାସ, ଭତ୍ତା, ବିଦ୍ୟୁତ, ଜମିଜମା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସମସ୍ୟା ନେଇ ଲୋକେ ଅଭିଯୋଗ କରିପାରିବେ। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜନଶୁଣାଣି ଶିବିର ସମ୍ପର୍କରେ ଆବଶ୍ୟକ ପରିମାଣରେ ପ୍ରଚାର ପ୍ରସାର କରାଯାଉନଥିବାରୁ ଅନେକ ସାଧାରଣ ଲୋକ ଏ ସମ୍ପର୍କରେ ଅବଗତ ହୋଇପାରୁନଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳର ଅନେକ ଲୋକ ସରକାରୀ ଯୋଜନା ଓ ପ୍ରଶାସନିକ ସୁବିଧା ସମ୍ପର୍କରେ ଅବଗତ ନଥିବା ବେଳେ ଜନ ଶୁଣାଣି ଶିବିର ସମ୍ପର୍କରେ ବ୍ୟାପକ ପ୍ରଚାର କରାଗଲେ ଅଧିକ ସଂଖ୍ୟକ ଲୋକ ଏହାର ସୁଯୋଗ ନେଇପାରିବେ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନର ଏହି ଜନ ଶୁଣାଣି ଶିବିର ମାଧ୍ୟମରେ ଦୀର୍ଘଦିନ ଧରି ସମାଧାନ ଅପେକ୍ଷାରେ ଥିବା ସମସ୍ୟାଗୁଡ଼ିକର ସମାଧାନ ହେବା ସହ ସାଧାରଣ ଲୋକଙ୍କ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ଜଗତସିଂହପୁର ସାହିତ୍ୟ ପରିଷଦର ଶ୍ରାବଣ ସାହିତ୍ୟ ଆସର

ଜଗତସିଂହପୁର,୨୩।୮ (ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ, ଚାଟରା, ଜଗତସିଂହପୁରଠାରେ ଶ୍ରାବଣ ସାହିତ୍ୟ ଆସର ପରିଷଦର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଆଭିମୁଖ୍ୟ ପ୍ରଦାନ କରିବା ସହ ମଞ୍ଚ ସଞ୍ଚାଳନ କରିଥିଲେ। କବି ସିତାଂଶୁ ଜେନା ଓ ଅଧାପିକା ଦୀପ୍ତିମୟୀ ସ୍ୱାଇଁଙ୍କ ସଂଯୋଜନାରେ ଗଣେଶ ମହାନ୍ତି, ପରୀକ୍ଷିତ ମହାନ୍ତି, ଶେଷଦେବ ଛୋଟରାୟ, ରବୀନ୍ଦ୍ରନାଥ ବେହେରା, ହୃଦାନନ୍ଦ ବାରିକ, ପଞ୍ଚାନନ ପୋଲାଇ, ସନ୍ତୋଷ ଦାସ, ଅଶୋକା ମହାନ୍ତି,





ଓ ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦୀଶ କାନୁନଗୋଙ୍କ ବିୟୋଗରେ ପରିଷଦ ପକ୍ଷରୁ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ନବକାକଳିର ପ୍ରତିଷ୍ଠାତା ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ପ୍ରାକ୍ତନ ଅଧକ୍ଷ, ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ ତଥା ବିଶିଷ୍ଟ ଶିକ୍ଷାବିତ ଡ. ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ଶ୍ରାବଣ ଓ ବର୍ଷା ଶୀର୍ଷକ ଆଲୋଚନା କରିଥିଲେ। ପରିଷଦର ସମ୍ପାଦକ ଉମାକାନ୍ତ ନାୟକ କାର୍ଯ୍ୟକ୍ରମର ମନୋରମା ଦାଶ, ସୁଚିତ୍ରା ଦାସ, ବିଜୟ କୁମାର ପତି, ନୀଳକଣ୍ଠ ମିଶ୍ର, ବଂଶୀଧର ବେହେରା, ଗଗନ ବିହାରୀ ବେହେରା, ତିଳୋତ୍ତମା ଦାଶ, ପ୍ରତିମା ବିଶ୍ୱାଳ ଓ ଦେବତା ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିଷଦର ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା କବିତା ଗୁଡିକର ସମୀକ୍ଷା କରିଥିଲେ। ସବ୍ୟସାଚୀ ତ୍ରିପାଠୀ ଓ ସଚ୍ଚିକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ପଞ୍ଚାନନ ପୋଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମଝି ସମୁଦ୍ରରେ ଜାହାଜ ବୁଡ଼ିଯିବା ଘଟଣା

# ଉଦ୍ଧାରରେ ଲାଗିଛନ୍ତି ୩ ଜାହାଜ








ପାରାଦୀପ, ୨୩।୮ (ସମିସ): ଶୁକ୍ରବାରଠାରୁ ନିଖୋଜ ହୋଇଯାଇଥିବା ଲୁହାପଥର ବୋଝେଇ ପାନାମା ଦେଶ ପତାକାଧାରୀ ଜାହାଜର ଏ ପର୍ଯ୍ୟନ୍ତ ପତ୍ତା ମିଳିପାରୁନି। ତେବେ ନୌସେନା ଏବଂ ତଟରକ୍ଷୀ ବାହିନୀ ପକ୍ଷରୁ ସମୁଦ୍ରରେ ତନ୍ନ ତନ୍ନ କରି ଖୋଜାଚାଲୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କିଛି ସୂଚନା ମିଳିପାରିନି। ପାରାଦୀପଠାରୁ ପ୍ରାୟ ୨୩୦ ନଟିକାଲ୍ ମାଇଲ୍ (୪୨୬ କିମି) ଦକ୍ଷିଣ-ପୂର୍ବରେ ଥିବା ବେଳେ ଜାହାଜ ଏମ୍‌ଭି 'ଓସେନ୍ ୱିନର' ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଏକ ଜରୁରୀକାଳୀନ ସଙ୍କେତ ମିଳିଥିଲା। ଜାହାଜ ମାଲିକ ଏ ସଂପର୍କରେ ଶ୍ରୀବିଜୟପୁରମ୍ ଥିବା ମାରିଟାଇମ୍ ରେସ୍କ୍ୟୁ କୋର୍ଡିନେସନ ସେଣ୍ଟର (ଏମ୍‌ଆର୍‌ସିସି)କୁ ସୂଚନା ଦେଇଥିଲେ। ନିଖୋଜ ଏମ୍‌ଭି 'ଓସେନ୍ ୱିନର' ସମ୍ପର୍କରେ ମିଳିଥିବା ଜରୁରୀ ସହାୟତା ସଙ୍କେତକୁ ଆଧାର କରି, ବିଶାଖାପାଟଣାଠାରୁ ପ୍ରାୟ ୭୦୦ କିଲୋମିଟର ପୂର୍ବରେ ଚାଲିଥିବା ସନ୍ଧାନ ଓ ଉଦ୍ଧାର ଅଭିଯାନରେ ଭାରତୀୟ ନୌସେନାର ପି-୮ଆଇ ବିମାନକୁ ତୁରନ୍ତ ନିୟୋଜିତ କରାଯାଇଥିଲା। ଶ୍ରୀବିଜୟପୁରମରେ ଥିବା ଏମ୍‌ଆର୍‌ସିସି ସହ ସମନ୍ୱୟ କରି ଏହି ଅଭିଯାନ ଆରମ୍ଭ ହୋଇଥିଲା। ଭାରତୀୟ ନୌସେନାର ବିମାନ ଘଟଣାସ୍ଥଳ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଭାସୁଥିବା ଲାଇଫ୍ ରାଫ୍ଟଗୁଡ଼ିକୁ ଚିହ୍ନଟ କରିଥିଲା। ଏହାପରେ ନିକଟରେ ଯାଉଥିବା ଏମ୍‌ଟି ଆଇସୋପୋସ ନାମକ ବାଣିଜ୍ୟିକ ଜାହାଜ ସହ ଯୋଗାଯୋଗ କରି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଫଳରେ ମଝି ସମୁଦ୍ରରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଅବଶିଷ୍ଟ କୁ ସଦସ୍ୟମାନଙ୍କୁ ଖୋଜିବା ପାଇଁ ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ବାହିନୀ ମିଳିତ ଭାବେ ସନ୍ଧାନ ଓ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି। ଏଥିରେ ୩ ଟି ଜାହାଜ ସହ ନୌସେନା ବିମାନ ସାମିଲ ହୋଇଛି।

## ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘ

# ତୁଟିକୋରିନରେ ଜାତୀୟ କାର୍ଯ୍ୟକାରିଣୀ ବୈଠକ

ପାରାଦୀପ,୨୩।୮ (ସମିସ)

ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘର ଦୁଇଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ତାମିଲନାଡୁର ତୁଟିକୋରିନ ବନ୍ଦରଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଶ୍ରୀକାନ୍ତ ରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାସଂଘର ସାଧାରଣ ସମ୍ପାଦକ ସୁରେଶ ପାଟିଲ ଓ କୋଷାଧ୍ୟକ୍ଷ ସୁଧୀର ଗାରାତ ସଭା ପରିଚାଳନା କରିଥିବାବେଳେ ପୋର୍ଟ ପ୍ରଭାରୀ ଆନ୍ନା ଧୂମାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ପୋର୍ଟ ୟୁନିଅନଗୁଡ଼ିକର କାର୍ଯ୍ୟକାରୀ ସଦସ୍ୟମାନେ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ତୁଟିକୋରିନଠାରେ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଭାରତୀୟ ଥୁରାଇମୁଗ ଥୋଜହିଲରା ସଂଘର ନୂତନ କାର୍ଯ୍ୟାଳୟ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ବୈଠକରେ ମହାସଂଘ ଓ ଏହା ସହ ଅନୁବନ୍ଧିତ ସମସ୍ତ ପୋର୍ଟ ୟୁନିଅନର ପୂର୍ବ କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ଏକ ପ୍ରମୁଖ




## ନୂଆ ମଜୁରି ଚୁକ୍ତି ପାଇଁ ଚାର୍ଟର ଅଫ୍ ଡିମାଣ୍ଡ ପ୍ରସ୍ତୁତ

ବିଷୟ ଥିଲା ଆଗାମୀ ୨୦୨୭-୨୦୩୧ ଅବଧିର ନୂତନ ୱେଜ୍ ସେଟଲମେଣ୍ଟ। ବର୍ତ୍ତମାନର ୨୦୨୨-୨୦୨୬ ୱେଜ୍ ସେଟଲମେଣ୍ଟର ଅବଧି ୩୧ ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଥିବାରୁ ଆଗାମୀ ମଜୁରି ଚୁକ୍ତି ପାଇଁ ମହାସଂଘ ପକ୍ଷରୁ ଚାର୍ଟର ଅଫ୍ ଡିମାଣ୍ଡ ପ୍ରସ୍ତୁତ କରାଯାଇ ତାହାର ବିଭିନ୍ନ ଦାବି ଉପରେ ବିସ୍ତୃତ ବିଶ୍ଳେଷଣ ଓ ଆଲୋଚନା କରାଯାଇଥିଲା। ପ୍ରସ୍ତୁତ ଚାର୍ଟର ଅଫ୍ ଡିମାଣ୍ଡକୁ ଆଗାମୀ ଦିନରେ ସର୍ବଭାରତୀୟ ଫେଡେରେସନ କୋ-ଅର୍ଡିନେସନ କମିଟି ନିକଟରେ ଉପସ୍ଥାପନ କରାଯିବ। ଏହାର ନକଲ କେନ୍ଦ୍ର ଜଳପଥ ଓ ଜାହାଜ ଚଳାଚଳ ମନ୍ତ୍ରାଳୟଙ୍କ ସମେତ ଦେଶର ୧୨ଟି ପ୍ରମୁଖ ପୋର୍ଟ ଅଥରିଟିର ଅଧ୍ୟକ୍ଷମାନଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବନ୍ଦର ଶ୍ରମିକମାନଙ୍କର ବେତନ, ଭତ୍ତା, ସେବା ସର୍ତ୍ତାବଳୀ, ଚାକିରି ସୁରକ୍ଷା ଓ ଅନ୍ୟାନ୍ୟ ସ୍ଥାନୀୟ ଏବଂ ଜାତୀୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଗାମୀ ଦିନରେ ସଂଗଠିତ ଭାବେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ବନ୍ଦର ମଜଦୂର ସଂଘ, ପାରାଦୀପ ପୋର୍ଟ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଏ, ଉପସଭାପତି ଦେବୀପ୍ରସନ୍ନ ମାଝୀ ଏବଂ ଡିଏଲଆର, କଣ୍ଟ୍ରାକ୍ଟ ଆଣ୍ଡ କଣ୍ଟ୍ରାକଟୁଆଲ ଓ କଣ୍ଟ୍ରାକଟୁଆଲ ଉଇଙ୍ଗର କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ବେହେରା ଯୋଗଦେଇଥିଲେ। ବୈଠକ ଶେଷରେ ଦେଶର ବନ୍ଦର ଶ୍ରମିକମାନଙ୍କର ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ଭାରତୀୟ ମଜଦୂର ସଂଘର ନେତୃତ୍ୱରେ ମହାସଂଘ ଓ ଏହାର ଅନୁବନ୍ଧିତ ୟୁନିଅନଗୁଡ଼ିକ ଏକତ୍ରିତ ଭାବେ ଆଗାମୀ ଦିନରେ କାର୍ଯ୍ୟ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ।

# ନବନିଯୁକ୍ତ ବିଜେଡି କର୍ମକର୍ତ୍ତାଙ୍କ ଶାରଳା ମନ୍ଦିର ଦର୍ଶନ



ତିର୍ତ୍ତୋଲ,୨୩।୮ (ସମିସ): ନବ ନିଯୁକ୍ତ ଜିଲ୍ଲା ଯୁବ ବିଜେଡି ସଭାପତି ସମିତ କୁମାର ଲେଙ୍କା ଓ ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜେଶ ମିଶ୍ର ଆଜି ଝଙ୍କଡ ମା' ଶାରଳାଙ୍କ ଦର୍ଶନ ଲାଭ କରିଛନ୍ତି। ଆଜି ଉଭୟ ଶ୍ରୀ ଲେଙ୍କା ଓ ଶ୍ରୀ ମିଶ୍ର ଜିଲ୍ଲାର ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କ ଗହଣରେ ଯାଇ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଆର୍ଶୀବାଦ କାମନା କରିଥିଲେ। ପରେ ଉଭୟ ଜିଲ୍ଲାରେ ବିଜେଡିର ଯୁବ ଓ ଛାତ୍ର ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ। ଜୋସେଫ ସ୍ୱାଇଁ, ବିଶ୍ୱଜିତ୍ ଦାଶ, ଶୁଭ୍ରକାନ୍ତ ଜେନା, ସୌଭାଗ୍ୟ ଦାଶ, ବସନ୍ତ ବାରିକ, ସତୀଶ ଲେଙ୍କା, ରାଜେଶ ସାସମଲ, ପ୍ରିୟାଂଶୁ ଲେଙ୍କା, ଚିରଞ୍ଜୀବ ରାୟ, ଅମନ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନବ ନିଯୁକ୍ତ ଉଭୟ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।




## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୩୯
- ପାଉଣ୍ଡ ୧୨୮.୭୮
- ୟୁରୋ ୧୧୦.୦୯
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୯,୫୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୫୪୦.୦୦
- ନିଫ୍ଟି ୨୪,୨୫୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ଆଉ ସମ୍ପୂର୍ଣ୍ଣ ମାଗଣା ହେବନାହିଁ ୟୁପିଆଇ ପେମେଣ୍ଟ

# ୧୫ ଦିନରେ ୟୁପିଆଇ ପେମେଣ୍ଟରେ ଏମ୍‌ଡିଆର୍ ଲାଗୁ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଦୀର୍ଘ ଛଅ ବର୍ଷ ପରେ ୟୁପିଆଇ କାରବାରରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ବା ବାଣିଜ୍ୟିକ ରିଆତି ହାର (ଏମ୍‌ଡିଆର୍) ଫେରିପାରେ। ୨୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ବ୍ୟବସାୟୀଙ୍କଠାରୁ ୦.୩% ଆଦାୟ କରାଯାଇପାରେ। ସରକାର ଅଗଷ୍ଟରେ ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ ଆଇନରେ ସଂଶୋଧନ କରି ଶୂନ୍ୟ- ଏମ୍‌ଡିଆର୍ ସୁରକ୍ଷାକୁ ହଟାଇ ଦେବା ପରେ ଏହାର କାର୍ଯ୍ୟକାରିତା ପାଇଁ ଆଇନଗତ ପଥ ପରିଷ୍କାର ହୋଇଯାଇଛି। ରିପୋର୍ଟ ଅନୁଯାୟୀ, ୟୁପିଆଇ ପେମେଣ୍ଟ ଉପରେ ଶୂନ୍ୟ ବଦଳରେ ୦.୩% ଫି' ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଲାଗୁ କରାଯାଇପାରେ। ତଥାପି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସ୍ପଷ୍ଟ କରିଛନ୍ତି ଯେ ଏହି ବୋଝ ଗ୍ରାହକ ଏବଂ ଛୋଟ ବ୍ୟବସାୟ ଉପରେ ଲଦି ଦିଆଯିବନାହିଁ। ସରକାରଙ୍କ ଲକ୍ଷ୍ୟ ହେଉଛି ଏହି ପେମେଣ୍ଟ ସିଷ୍ଟମରେ ଜଡିତ ସଂସ୍ଥାଗୁଡ଼ିକୁ ଡିଜିଟାଲ୍ ଭିତ୍ତିଭୂମି ବଜାୟ ରଖିବାରେ ହେଉଥିବା କିଛି ଖର୍ଚ୍ଚ ପାଇଁ କ୍ଷତିପୂରଣ ଦେବା। ୨୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର କାରବାର ଉପରେ ଏମ୍‌ଡିଆର୍ ଲାଗୁ ହେବା ଦ୍ୱାରା ଇଲେକ୍ଟ୍ରୋନିକ୍ସ, ସିକ୍ୟୁରିଟିଜ୍, ପୋଷାକ ଏବଂ ଅନ୍ୟାନ୍ୟ ଉଚ୍ଚ-ମୂଲ୍ୟର ଜିନିଷ କ୍ରୟ ପ୍ରଭାବିତ ହୋଇପାରେ।

### ୟୁପିଆଇ ପେମେଣ୍ଟରେ କିଏ ପାଇବେ ଏମ୍‌ଡିଆର୍ ?

ଏମ୍‌ଡିଆର୍ କୌଣସି ଏକ ସଂସ୍ଥାକୁ ବଣ୍ଟନ କରାଯିବନାହିଁ ବରଂ ବ୍ୟାଙ୍କ, ଫିନଟେକ୍ କମ୍ପାନୀ ଏବଂ କାରବାରରେ ଜଡିତ ଅନ୍ୟ ସଂସ୍ଥା ମଧ୍ୟରେ ଆବଣ୍ଟନ କରାଯିବ। ଏମ୍‌ଡିଆର୍ ସିଷ୍ଟମ ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ଥିଲା, କିନ୍ତୁ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ଏହାକୁ ଶୂନ୍ୟକୁ ହ୍ରାସ କରାଯାଇଥିଲା। ଏହାକୁ ହଟାଇବା ପୂର୍ବରୁ ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ଅଫଲାଇନ୍ କ୍ୟୁଆର୍ କୋଡ୍ ମାଧ୍ୟମରେ କରାଯାଇଥିବା ପି-ଟୁ-ଏମ୍ (ବ୍ୟକ୍ତି-ବ୍ୟବସାୟୀ) ପେମେଣ୍ଟ ପାଇଁ ୦.୩% ଶୁଳ୍କ ଲାଗୁ ହୋଇଥିଲା, ଯାହାକୁ ଜାରିକାରୀ ଏବଂ ଅଧିଗ୍ରହଣକାରୀ ବ୍ୟାଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଇଥିଲା। ୧୦୦ ଟଙ୍କାରେ ସୀମିତ ଏମ୍‌ଡିଆର୍ ୨୦୨୦ ରେ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯାଇଥିଲା। ବର୍ତ୍ତମାନ, ଏହାକୁ ପୁନଃସ୍ଥାପିତ କରାଯିବ। ଏହି ଶୁଳ୍କ ପେମେଣ୍ଟ ଶୃଙ୍ଖଳାର ଚାରୋଟି ସଂସ୍ଥାଙ୍କ ମଧ୍ୟରେ ଆବଣ୍ଟନ କରାଯିବ। ଗୋଟିଏ ଅଂଶ ଗ୍ରାହକଙ୍କ ବ୍ୟାଙ୍କକୁ, ଅନ୍ୟ ଏକ ଅଂଶ ପେମେଣ୍ଟ ସେବା ପ୍ରଦାନକାରୀ ଏବଂ କାରବାର ପରିଚାଳନା କରୁଥିବା ତାଙ୍କର ବ୍ୟାଙ୍କକୁ, ଏକ ଭାଗ ବ୍ୟବସାୟୀଙ୍କ ପକ୍ଷକୁ ଅର୍ଥାତ୍, ଅଧିଗ୍ରହଣକାରୀ ବ୍ୟାଙ୍କ ଏବଂ ତାଙ୍କର ପେମେଣ୍ଟ ସେବା ପ୍ରଦାନକାରୀଙ୍କୁ ଏବଂ ଆଉ ଏକ ଭାଗ ଏନ୍‌ପିସିଆଇକୁ, ଯାହା ୟୁପିଆଇ ନେଟୱାର୍କ ପରିଚାଳନା କରେ ଏବଂ କାରବାର ସମାଧାନ କରିଥାଏ। ଏମ୍‌ଡିଆର୍‌ର ସବୁଠାରୁ ବଡ଼ ଅଂଶ ପ୍ରଦାନକାରୀ ବ୍ୟାଙ୍କକୁ, ଅର୍ଥାତ୍, ଗ୍ରାହକଙ୍କ ବ୍ୟାଙ୍କକୁ ଏକ ଇଣ୍ଟରଚେଞ୍ଜ ଫି ଭାବରେ ଯାଏ, ଯେତେବେଳେ ସବୁଠାରୁ ଛୋଟ ଅଂଶ ଏନ୍‌ପିସିଆଇକୁ ଯାଏ।




### କାହିଁକି ଫେରିବ ଏମ୍‌ଡିଆର୍ ଫି ?

ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ଅର୍ଥ ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟି ଅଗଷ୍ଟ ୧୨ରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ ସରକାର ୟୁପିଆଇକୁ ପ୍ରୋତ୍ସାହିତ କରିବା ଏବଂ ଶୂନ୍ୟ- ଏମ୍‌ଡିଆର୍ ଯୋଗୁଁ ଶିଳ୍ପର ରାଜସ୍ୱ କ୍ଷତିକୁ କ୍ଷତିପୂରଣ ଦେବା ପାଇଁ କେବଳ ୨୦୦୦ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହା ଡିଜିଟାଲ୍ ପେମେଣ୍ଟ ଶିଳ୍ପର ଆନୁମାନିକ ବାର୍ଷିକ ଖର୍ଚ୍ଚ ୨୦,୭୦୦ କୋଟି ଟଙ୍କା ତୁଳନାରେ ବହୁତ କମ୍। କମିଟି ଚେତାବନୀ ଦେଇଥିଲା ଯେ ଏହା ସାଇବର ସୁରକ୍ଷା, ଠକେଇ ନିବାରଣ ଏବଂ ପେମେଣ୍ଟ ନେଟୱାର୍କ ଭିତ୍ତିଭୂମିରେ ଆବଶ୍ୟକୀୟ ନିବେଶକୁ ପ୍ରଭାବିତ କରିପାରେ।

### ୬ ବର୍ଷ ପରେ ପୁଣି ହେବ କାର୍ଯ୍ୟକାରୀ

### ସଂଗୃହୀତ ଶୁଳ୍କ ପେମେଣ୍ଟ ଶୃଙ୍ଖଳାର ୪ ସଂସ୍ଥାଙ୍କ ମଧ୍ୟରେ ହେବ ଆବଣ୍ଟନ

ଏଆଇ ବ୍ୟବହାର ବୃଦ୍ଧି ପାଇବା ସହିତ, ସାଇବର ବିପଦ ମଧ୍ୟ ବୃଦ୍ଧି ପାଇଛି, ଯାହା ଆହୁରି ଚିନ୍ତା ସୃଷ୍ଟି କରିଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ମଧ୍ୟ କହିଛନ୍ତି ଯେ ୟୁପିଆଇ ସବୁଦିନ ପାଇଁ ମାଗଣା ରହିପାରିବ ନାହିଁ ଏବଂ କେହି ଜଣେ ଏହାର ଖର୍ଚ୍ଚ ପାଇଁ ଦେୟ ଦେଉଛନ୍ତି। ତଥାପି, ଏହି ଖର୍ଚ୍ଚଗୁଡ଼ିକୁ ପୂରଣ କରିବା ପାଇଁ କେବଳ ଏମ୍‌ଡିଆର୍ ଯଥେଷ୍ଟ ନୁହେଁ। ଆର୍ଥିକ ସେବା ବିଭାଗ ଏକ ସଂସଦୀୟ କମିଟିକୁ କହିଛି ଯେ ପାଣ୍ଠି ବୋଝକୁ କମ୍ କରିବା ପାଇଁ ଦୁଇଟି ବିକଳ୍ପ ବିଚାର କରାଯାଉଛି। ଉଚ୍ଚ-ମୂଲ୍ୟର ୟୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର୍ ପୁନଃପ୍ରବର୍ତ୍ତନ କରିବା କିମ୍ବା ଆଗାମୀ ବର୍ଷଗୁଡ଼ିକରେ ଧୀରେ ଧୀରେ ସରକାରୀ ସହାୟତା ହ୍ରାସ କରିବା। ସରକାରୀ ତଥ୍ୟ ଅନୁଯାୟୀ, ୧୨୦୨୫-୨୬ ଆର୍ଥିକବର୍ଷରେ, ଦେଶରେ ପ୍ରାୟ ୩୧୪ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୪,୦୦୦ କୋଟିରୁ ଅଧିକ ୟୁପିଆଇ କାରବାର ହୋଇଥିଲା। ଏଥିମଧ୍ୟରୁ ୭୧% ପି-ଟୁ-ପି ଏବଂ ବାକି ପି-ଟୁ-ଏମ୍ ଥିଲା।

---

**ସହଜ ଓ ଦ୍ରୁତତର ହେଲା ମୋଟର ଯାନ କ୍ଲେମ୍**

## ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପଲିସୀଧାରକଙ୍କୁ ମିଳିଲା ଆଶ୍ୱସ୍ତି

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ବିଳମ୍ବଜନିତ ଅସୁବିଧା, ବାରମ୍ବାର ଅନୁସରଣ, ସୂଚନାର ଅଭାବ ଏବଂ ମୋଟର ଯାନ ବୀମା ଦାବି (କ୍ଲେମ୍‌ସ୍) ସମୟରେ ଗ୍ୟାରେଜଗୁଡିକୁ ବାରମ୍ବାର ଗସ୍ତ କରିବା ଅସୁବିଧା ଦୂର କରିବାକୁ ପଲିସୀବଜାର ଆସୋର୍ଡ ଡେଲିଭରୀ ପ୍ରୋଗ୍ରାମ (ନିଶ୍ଚିତ ଯୋଗାଣ କାର୍ଯ୍ୟକ୍ରମ) ପ୍ରଚଳନ କରିଛି। ଏହି ସେବା ଅଧୀନରେ ପଲିସୀଧାରକମାନେ ଦାବି ପ୍ରକ୍ରିୟାକରଣ ସମୟରେ ଏକ ଉତ୍ସର୍ଗୀକୃତ ଯୋଗାଯୋଗକାରୀ ବ୍ୟକ୍ତିଙ୍କ ନିକଟରୁ ସହାୟତା, ଯାନବାହନ ମରାମତିର ସମୟବଦ୍ଧ ସମ୍ପୂର୍ଣ୍ଣ ହେବା ଗ୍ୟାରେଣ୍ଟି , ନଗଦ ଅର୍ଥ ବିହୀନ ଦାବି ସମାଧାନ, ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ଏବଂ ମରାମତିର ଅଗ୍ରଗତି ସମ୍ପର୍କରେ ନିୟମିତ ତାଜା ତଥ୍ୟ ଗୋଟିଏ ସ୍ଥାନରେ ପାଉଛନ୍ତି। ଏଥିସହିତ ୫୦,୦୦୦ ଟଙ୍କାରୁ କମ୍ ମାମୁଲି ମରାମତିଗୁଡିକ ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଉଛି ଏବଂ ମରାମତି କରାଯାଇଥିବା ସମସ୍ତ ବୈଦ୍ୟୁତିକ (ଇଲେକ୍‌ଟ୍ରିକାଲ) ଏବଂ ଯାନ୍ତ୍ରିକ (ମେକାନିକାଲ) ଯନ୍ତ୍ରାଂଶ ଉପରେ ୱାରେଣ୍ଟି ଯୋଗାଇ ଦିଆଯାଉଛି; ଯାହା ସମୁଦାୟ ଦାବି ପ୍ରକ୍ରିୟାକୁ ଦ୍ରୁତତର, ଅଧିକ ସହଜ ଓ ଚାପ-ମୁକ୍ତ କରୁଛି। ଏହି କାର୍ଯ୍ୟକ୍ରମର ସର୍ବବୃହତ ବୈଶିଷ୍ଟ୍ୟ ହେଉଛି ଯେ, ପଲିସୀବଜାର ଜରିଆରେ ମୋଟର ବୀମା କ୍ରୟ କରୁଥିବା ଗ୍ରାହକମାନେ ଦାବି ସମାଧାନ ପ୍ରକ୍ରିୟା ସମୟରେ ଗ୍ୟାରେଜରେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କ ନିକଟରୁ ସହାୟତା ପ୍ରାପ୍ତ କରିବେ। ଏହି ବ୍ୟକ୍ତି ଗାଡି ପିକ୍‌ଅପ୍ ଠାରୁ ନେଇ ମରାମତି ସମ୍ପୂର୍ଣ୍ଣ ହେବା ଏବଂ ଦାବି ସମାଧାନର ଔପଚାରିକତା ଆଦି ସମୁଦାୟ ପ୍ରକ୍ରିୟା ସମୟରେ ଗ୍ରାହକଙ୍କ ସହିତ ରହିଥାନ୍ତି। ଗ୍ରାହକ ମଧ୍ୟ ମରାମତିର ଅଗ୍ରଗତି ଏବଂ ଦାବିର ସ୍ଥିତାବସ୍ଥା ସମ୍ପର୍କରେ ନିୟମିତ ତାଜା ତଥ୍ୟ ପାଇଥାନ୍ତି।

## ଅଟଳ ପେନ୍‌ସନ୍ ଯୋଜନାରେ ବଡ଼ ଦୁର୍ନୀତି

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଦେଶବ୍ୟାପୀ ଅଟଳ ପେନସନ ଯୋଜନା(ଏପିୱାଇ)ରେ ଏକ ବଡ଼ ଅନିୟମିତତା ସମ୍ନାକୁ ଆସିଛି। କେନ୍ଦ୍ର ସରକାରଙ୍କ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ (ସିଏଜି) ରିପୋର୍ଟରେ ଏହି ଦୁର୍ନୀତିର ଖୁଲାସା ହୋଇଛି। ରିପୋର୍ଟ ଅନୁଯାୟୀ, ଏହି ଯୋଜନାର ହିତାଧିକାରୀମାନଙ୍କ ମଧ୍ୟରେ ଆୟକର ଦାତା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାର ହିତାଧିକାରୀ ଉଭୟ ଅନ୍ତର୍ଭୁକ୍ତ ଥିବା ଜଣାପଡିଛି। ଏମିତିକି ଅଟଳ ପେନସନ ଯୋଜନାରେ ୧୪ ଲକ୍ଷ ଆୟକରଦାତା ହିତାଧିକାରୀ ରହିଛନ୍ତି।

ଘଟଣା ପରେ ସିଏଜି ସରକାରଙ୍କୁ ଏହିପରି ବ୍ୟକ୍ତିମାନଙ୍କୁ ଯୋଜନାରୁ ବାଦ ଦେବାକୁ ଏବଂ ସେବି ଏବଂ ବୀମା ନିୟାମକ ପରି ଏକକ ପେନସନ ନିୟାମକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ କହିଛନ୍ତି। ସିଏଜି ରିପୋର୍ଟ ଅନୁଯାୟୀ, ଯୋଜନାର ହିତାଧିକାରୀଙ୍କ ମଧ୍ୟରେ ୧୪,୧୪,୯୪୭ ଜଣ ଆୟକର ଦାତା ଅନ୍ତର୍ଭୁକ୍ତ। ଏମାନେ ସବୁ ସକାରଙ୍କର ଅନ୍ୟ ପେନସନ କିମ୍ବା ସାମାଜିକ ସୁରକ୍ଷା ଯୋଜନାରେ ରହି ଦ୍ୱୈତ ଲାଭ ପାଉଛନ୍ତି।




**ସିଏଜି ରିପୋର୍ଟ**

**ହିତାଧିକାରୀଙ୍କ ମଧ୍ୟରେ ୧୪ ଲକ୍ଷ ଆୟକରଦାତା**

ରିପୋର୍ଟରେ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନାରେ ରଖାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ଗୋଷ୍ଠୀରେ ବ୍ୟଶପକ ଅନିୟମିତତାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଅଟଳ ପେନସନ ଯୋଜନା ପାଇଁ ୨ କୋଟି ଗ୍ରାହକଙ୍କ ପ୍ରାରମ୍ଭିକ ଲକ୍ଷ୍ୟ ୫ ବର୍ଷ ବିଳମ୍ବରେ ହାସଲ କରାଯାଇଥିଲା। ସିଏଜି ଅଡିଟ୍‌ରୁ ଜଣାପଡିଛି ଯେ ୨୦୨୨ ସେପ୍ଟେମ୍ବର ସୁଦ୍ଧା ଏହି ଯୋଜନାରେ ପଞ୍ଜିକୃତ ଗ୍ରାହକଙ୍କ ସଂଖ୍ୟା ୪୦ ନିୟୁତ ଅତିକ୍ରମ କରିଛି। ରିପୋର୍ଟରୁ ଜଣାପଡିଛି ଯେ ଯୋଜନା ଆରମ୍ଭ ହେବା ପରଠାରୁ ଆୟକର ଦାତାଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି।

## ଅହମଦାବାଦ ଏବଂ ଭାଗଲପୁର ମଧ୍ୟରେ ଚଳାଚଳ କରିବ ନୂତନ ଅମୃତ ଭାରତ ଏକ୍ସପ୍ରେସ୍

ରତଲାମ,୨୩।୮: ପଶ୍ଚିମ ରେଳବାଇର ରତଲାମ ଡିଭିଜନ ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ଏବଂ ଅହମଦାବାଦ ଏବଂ ଭାଗଲପୁର ମଧ୍ୟରେ ନିୟମିତ ରେଳ ସଂଯୋଗ ପ୍ରଦାନ କରିବା ପାଇଁ ଟ୍ରେନ ନମ୍ବର ୦୯୪୪୭/୦୯୪୪୮ ଅହମ୍ମଦାବାଦ-ପାଟନା-ଅହମ୍ମଦାବାଦ କ୍ଲୋନ୍ ସ୍ପେଶାଲ୍ କୁ ନିୟମିତ କରିଛି। ଏହି ନିୟମିତ ସେବା ସଂଶୋଧିତ ଟ୍ରେନ ନମ୍ବର ୧୯୪୨୩/୧୯୪୨୪ ଅହମ୍ମଦାବାଦ-ଭାଗଲପୁର-ଅହମ୍ମଦାବାଦ ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ୍ ଭାବରେ ପରିଚାଳିତ ହେବ। ପଶ୍ଚିମ ରେଳବାଇର ରତଲାମ ଡିଭିଜନର ଜନସମ୍ପର୍କ ଅଧିକାରୀ ମୁକେଶ କୁମାରଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଟ୍ରେନ ନମ୍ବର ୧୯୪୨୩ ଅହମ୍ମଦାବାଦ-ଭାଗଲପୁର ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ୨୬ ଅଗଷ୍ଟଠାରୁ ପ୍ରତି ବୁଧବାର ଦିନ ଅହମ୍ମଦାବାଦରୁ ନିୟମିତ ଭାବରେ ଚଳାଚଳ କରିବ ଏବଂ ଟ୍ରେନ ନମ୍ବର ୧୯୪୩୪ ଭାଗଲପୁର-ଅହମ୍ମଦାବାଦ ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ୨୮ ଅଗଷ୍ଟଠାରୁ ପ୍ରତି ଶୁକ୍ରବାର ଦିନ ଭାଗଲପୁରରୁ ନିୟମିତ ଭାବରେ ଚଳାଚଳ କରିବ। ଟ୍ରେନ ନମ୍ବର ୧୯୪୨୩ ଅହମ୍ମଦାବାଦ-ଭାଗଲପୁର ଅମୃତ ଭାରତ ଏକ୍ସପ୍ରେସ ୨୮ ଅଗଷ୍ଟ ଠାରୁ ପ୍ରତି ଶୁକ୍ରବାର ଦିନ ଅହମ୍ମଦାବାଦରୁ ଛାଡ଼ିବ ଏବଂ ଶୁକ୍ରବାର ଦିନ ସକାଳ ୬ଟା ୪୦ ରେ ରତଲାମ ଡିଭିଜନର ଦାହୋଦ ଏବଂ ରତଲାମ ଦେଇ ଭାଗଲପୁରରେ ପହଞ୍ଚିବ। ସେହିଭଳି ଟ୍ରେନ୍ ନମ୍ବର ୧୯୪୨୪ ଭାଗଲପୁର-ଅହମ୍ମଦାବାଦ ସାପ୍ତାହିକ ଅମୃତ ଭରତ ଏକ୍ସପ୍ରେସ ପ୍ରତ୍ୟେକ ଶୁକ୍ରବାର ଦିନ ୧୬ଟା ୪୫ ରେ ଭାଗଲପୁରରୁ ପ୍ରସ୍ଥାନ କରିବ ଏବଂ ରତ୍‌ଲାମ ଡିଭିଜନର ରବିବାର ଏବଂ ଦହୋଦ ମାଧ୍ୟମରେ ଅହମ୍ମଦାବାଦରେ ପହଞ୍ଚିବ। ଏହି ଟ୍ରେନ୍ ଉଭୟ ଦିଗରେ ଆନନ୍ଦ, ଛାୟାପୁରୀ, ଗୋଡ୍ରା, ଦହୋଦ, ଭବାନୀ ମାଣ୍ଡି, ରାମଗଞ୍ଜ ମାଣ୍ଡି, କୋଟା, ସାୱାଇ ମାଧୋପୁର, ତୁଣ୍ଡଲା, ଆରା, ଦାନପୁର, ପାଟନା, ବଖତିଆରପୁର, ମୋକାମା, କିଉଲ, ଅଭୟପୁର, ଜମାଲପୁର, ଏବଂ ସୁଲତାନଗଞ୍ଜ ଷ୍ଟେସନରେ ରହଣି କରିବ।

## ନୂଆ ହେଟିଚ୍ ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୮: ହେଟିଚ୍ ପକ୍ଷରୁ ଭୁବନେଶ୍ୱରରେ ଏହାର ନୂତନ ହେଟିଚ୍ ଏକ୍ସକ୍ଲୁସିଭ (ଏଚଇଏକ୍ସ) ଷ୍ଟୋର୍‌ର ଶୁଭାରମ୍ଭ କରାଯାଇଛି। ଏହି ନୂଆ ଆଉଟଲେଟ ସହରର ଗ୍ରାହକଙ୍କୁ ଗୋଟିଏ ଛାତ ତଳେ ଉପଲବ୍ଧ ହେଟିଚ୍‌ର ଜର୍ମାନ୍-ଇଞ୍ଜିନିୟର୍‌ଡ ଫର୍ଣ୍ଣିଚର ଫିଟିଙ୍ଗ ଏବଂ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଥିବା ଇଂଟେରିୟର ସଲ୍ୟୁଶନଗୁଡିକୁ ଏକ୍ସପ୍ଲୋର ଓ ସପିଂ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି। ଏଚଇଏକ୍ସ ଭୁବନେଶ୍ୱର ଷ୍ଟୋର ଏକ ସମ୍ପୂର୍ଣ୍ଣ, ଏଣ୍ଡ-ଟୁ-ଏଣ୍ଡ ସପିଂ ଅନୁଭୂତି ପ୍ରଦାନ କରୁଥିବାବେଳେ ସ୍ୱତନ୍ତ୍ର ଡିସ୍‌ପ୍ଲେଗୁଡିକ ହେଟିଚ-ଫିଟେଡ କଂଟେମ୍ପରାରୀ ଫର୍ଣ୍ଣିଚର ସଲ୍ୟୁଶନଗୁଡିକୁ ପ୍ରଦର୍ଶିତ କରୁଛନ୍ତି ଯେଉଁଥିରେ ଆର୍କିଟେକ୍‌ଚରାଲ ଡୋର ହାର୍ଡୱେୟାର, ଫର୍ଣ୍ଣିଚର ଲାଇଟିଂ ଓ ବିଲ୍ଟ-ଇନ କିଚେନ ଆପ୍ଲାଏନ୍ସ ଅନ୍ତର୍ଭୁକ୍ତ ରହିଛି। ଗ୍ରାହକମାନେ ହେଟିଚ୍‌ର ଫ୍ରି ଡିଜାଇନ ସେବାଗୁଡିକୁ ଆକ୍‌ସେସ କରିପାରିବେ, ଯେଉଁଠାରେ ଇନ୍-ହାଉସ ଏକ୍ସପର୍ଟମାନେ ଗ୍ରାହକଙ୍କୁ ଅତ୍ୟାଧୁନିକ ଫର୍ଣ୍ଣିଚର ସଲ୍ୟୁଶନଗୁଡିକୁ କଳ୍ପନା ଓ ଯୋଜନା କରିବାରେ ସାହାଯ୍ୟ କରିବେ।

## ନିବେଶକଙ୍କ ଆତ୍ମବିଶ୍ୱାସ ବଢାଇଛି ଏସ୍‌ବିଆଇକ୍ୟାପ୍ ସିକ୍ୟୁରିଟିଜ୍

ମୁମ୍ବଇ,୨୩।୮: ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ କମ୍ପାନୀ ଏସବିଆଇକ୍ୟାପ୍ ସିକ୍ୟୁରିଟିଜ୍ ଲିମିଟେଡ୍, ବ୍ୟବସାୟୀ ଏବଂ ନିବେଶକମାନଙ୍କୁ ବିକଶିତ ବଜାର ଗତିଶୀଳତାକୁ ଭଲ ଭାବରେ ବୁଝିବା ଏବଂ ସୂଚିତ ନିବେଶ ନିଷ୍ପତି ନେବାରେ ସାହାଯ୍ୟ କରିବା ପାଇଁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅଧିବେଶନରେ ଏସବିଆଇ ସିକ୍ୟୁରିଟିଜ୍‌ର ଟେକ୍ନିକାଲ ଆଣ୍ଡ ଡେରିଭେଟିଭ୍ସ ରିସର୍ଚ୍ଚ ବିଭାଗର ଉପାଧ୍ୟକ୍ଷ ସୁଦୀପ ଶାହ ଏବଂ ଏସବିଅରଇ ସିକ୍ୟୁରିଟିଜ୍‌ର ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ବିଭାଗ ମୁଖ୍ୟ ସନି ଅଗ୍ରୱାଲ ଯୋଗ ଦେଇଥିଲେ ଯିଏ ବଜାର ଟ୍ରେଣ୍ଡ, ନିବେଶ ସୁଯୋଗ ଏବଂ ବଜାର ଅସ୍ଥିରତାକୁ ପରିଚାଳନା କରିବା ପାଇଁ ରଣନୀତି ଉପରେ ସେମାନଙ୍କର ଦୃଷ୍ଟିକୋଣ ବାଣ୍ଟିଥିଲେ। ଏହି ପଦକ୍ଷେପ ଆର୍‌ଠିକ ସାକ୍ଷରତାକୁ ଆଗକୁ ବଢ଼ାଇବା ଏବଂ ପୁଞ୍ଜି ବଜାରରେ ଦାୟିତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହି ଅଧିବେଶନ ଆନ୍ତର୍ଜାତୀୟ ସାମଗ୍ରିକ ଅର୍ଥନୈତିକ ପରିଦୃଶ୍ୟ ଉପରେ ଏକ ସମୀକ୍ଷା ସହ ଆରମ୍ଭ ହୋଇଥିଲା ଏବଂ ପରେ ସୁଦୀପ ଶାହ ଓ ସନି ଅଗ୍ରୱାଲ ଅଂଶଗ୍ରହଣକାରୀଙ୍କୁ ବଜାର କାର୍ଯ୍ୟଦକ୍ଷତାକୁ ଆକାର ଦେଉଥିବା ବୈଷୟିକ ଏବଂ ମୌଳିକ କାରକଗୁଡ଼ିକର ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ।

## ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ ପୂର୍ବ ଭାରତର 'ଗ୍ରୀନ୍ ଇଣ୍ଡଷ୍ଟ୍ରିଆଲ୍ ହବ୍'

ଭୁବନେଶ୍ୱର, ୨୩।୮ (ଏଜେନ୍ସି): ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍‌ଏସ୍‌ଇଜେଡ୍‌ଏଲ) ଓଡ଼ିଶାର ଗଞ୍ଜାମ ଜିଲ୍ଲାସ୍ଥିତ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କ (ଜିଆଇପି)ରେ ସମ୍ପ୍ରତି ପ୍ରସ୍ତାବିତ 'ଗ୍ରୀନ୍ ଆମୋନିଆ ପ୍ରକଳ୍ପ' ସହିତ ଭାରତର ଅନ୍ୟତମ ଅଗ୍ରଣୀ ସବୁଜ ଶିଳ୍ପ ବିକାଶ କ୍ଷେତ୍ରରେ ନିଜର ସ୍ଥିତିକୁ ଅଧିକ ମଜବୁତ କରିଛି। ଏହା ପୂର୍ବ ଭାରତରେ ସବୁଜ ଶକ୍ତି ଉପକରଣ ଏବଂ ଉନ୍ନତ ମାନର ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ହବ୍ ଭାବରେ ଉଭା ହୋଇଛି। ରାଜ୍ୟରେ ସବୁଜ ଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାର, ଜାପାନର ଆଇଏଚ୍‌ଆଇ କୋର୍ପୋରେସନ୍, ଏସିଏମ୍‌ଇ ଗ୍ରୁପ୍ ଏବଂ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ମଧ୍ୟରେ ଏକ ମେମୋରାଣ୍ଡମ ଅଫ୍ କର୍ପୋରେସନ (ଏମ୍‌ଓସି) ସ୍ୱାକ୍ଷରିତ ହୋଇଛି। ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ବାର୍ଷିକ ୦.୪ ମିଲିୟନ ଟନ୍ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଏବଂ ଜେଟି-ମୁକ୍ତ ଭାସମାନ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ଏହି ଚୁକ୍ତି ହୋଇଛି।

ଟିଏସ୍‌ଏସ୍‌ଇଜେଡ୍‌ଏଲର ପ୍ରବନ୍ଧ ନିର୍ଦ୍ଦେଶକ ମଣିକାନ୍ତ ନାଏକ କହିଛନ୍ତି, ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଶିଳ୍ପ କେନ୍ଦ୍ର ଭାବେ ଗଢ଼ିତୋଳିବାର ଆମର ଯେଉଁ ଲକ୍ଷ୍ୟ ଥିଲା, ତାହା ଆଜି ପୂରଣ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଶିଳ୍ପ ପାର୍କକୁ ବିଦ୍ୟୁତ୍ ଏବଂ ଜଳ ଯୋଗାଣ ପାଇଁ ହାତକୁ ନିଆଯାଇଥିବା ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏହି ଲକ୍ଷ୍ୟ ହାସଲରେ ବିଶେଷ ସହାୟକ ହୋଇଛି। ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ସୁଦୃଢ କରିବା ପାଇଁ ଆମେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ଏକ ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ। ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡିକର ଏହି ବିଶ୍ୱାସ ନିବେଶ ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଓଡ଼ିଶାକୁ ଦେଶର ସବୁଜ ଶିଳ୍ପର ଅଗ୍ରଣୀ ହବ୍‌ରେ ପରିଣତ କରିବାରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ର ଭୂମିକାକୁ ମଜବୁତ କରୁଛି। ପାର୍କର ନବୀକରଣ ଯୋଗ୍ୟ ଶକ୍ତି ଉପକରଣ ନିର୍ମାଣ କ୍ଷେତ୍ରକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଟାଟା ଷ୍ଟିଲ୍ ସ୍ପେଶାଲ୍ ଇକୋନୋମିକ୍ ଫୋନ୍ ଲିମିଟେଡ୍ ଏବଂ ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆରଇଏଲ୍) ମଧ୍ୟରେ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ୧୦,୦୦୦ କୋଟିର ପ୍ରସ୍ତାବିତ ନିବେଶ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ସୋଲାର ଇଙ୍ଗଟସ୍ ଏବଂ ୱେଫରସ୍ ଉତ୍ପାଦନକୁ ଗୁରୁତ୍ୱ ଦେବ।

**ସବୁଜ ଶିଳ୍ପ ହବ୍ ଭାବେ ଗଢ଼ିବା ପାଇଁ ୬୫,୦୦୦ କୋଟିରୁ ଅଧିକ ନିବେଶ ପ୍ରସ୍ତାବ**

## ବାଂଲାଦେଶରେ ଉତ୍କଟ ଗ୍ୟାସ୍ ସଙ୍କଟ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ବାଂଲାଦେଶରେ ପ୍ରାକୃତିକ ଗ୍ୟାସ ସଙ୍କଟ ଆହୁରି ଘନୀଭୂତ ହେବାରେ ଲାଗିଛି। ଏହି ସଙ୍କଟର ପ୍ରଭାବରେ ଅନେକ ଶିଳ୍ପରେ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଇନ୍ଧନ ସଙ୍କଟ ଯୋଗୁଁ ପ୍ରବଳ ବିଦ୍ୟୁତ୍ ବିଭ୍ରାଟ ଏବଂ ରାସ୍ତା ପ୍ରତିବାଦ ଦେଖାଦେଇଛି। ଏହା ଦେଶର ଅର୍ଥନୀତି ଏବଂ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। ବାଂଲାଦେଶର ଆଶୁଗଞ୍ଜସ୍ଥିତ ସରକାରୀ ମାଲିକାନାରେ ଥିବା ୟୁରିଆ ସାର କାରଖାନା ୨୦୨୫ ମାର୍ଚ୍ଚଠାରୁ ବନ୍ଦ ଅଛି। ୧୨୦୦ ରୁ ଅଧିକ କର୍ମଚାରୀ କାମ କରୁଥିବା ଏହି କମ୍ପାନୀ ପ୍ରତିଦିନ ୧୦୦୦ ଟନ୍‌ରୁ ଅଧିକ ସାର ଉତ୍ପାଦନ କରୁଥିଲା। ବର୍ତ୍ତମାନ, କାରଖାନା କଳଙ୍କିତ ଯନ୍ତ୍ରପାତି ଏବଂ ଖାଲି ଢ଼ାଞ୍ଚାର ଏକ ସଂଗ୍ରହ। ଆଶୁଗଞ୍ଜ ହେଉଛି ୬ଟି ପ୍ରମୁଖ ୟୁରିଆ ସାର କାରଖାନା ମଧ୍ୟରୁ ଗୋଟିଏ ଯାହାକୁ ଗ୍ୟାସ ସଙ୍କଟ ଯୋଗୁଁ ଉତ୍ପାଦନ ବନ୍ଦ କିମ୍ବା ସୀମିତ କରିବାକୁ ବାଧ କରାଯାଇଛି। ଟ୍ରେଡ୍ ୟୁନିଅନ୍ ନେତା ମୋ.ଡି. ଆବୁ କୌସରଙ୍କ ଅନୁଯାୟୀ, ଏହି ପ୍ଲାଣ୍ଟଗୁଡ଼ିକ ବନ୍ଦ ହେବା କର୍ମଚାରୀଙ୍କ ଚାକିରିକୁ ପ୍ରଭାବିତ କରିଛି ଏବଂଦେଶର ସାର ଶିଳ୍ପ ପାଇଁ ବିପଦ ସୃଷ୍ଟି କରିଛି।

ଦେଶରେ ଗ୍ୟାସ୍ ଅଭାବର ପ୍ରଭାବ କେବଳ ସାର କାରଖାନା ପର୍ଯ୍ୟନ୍ତ ସୀମିତ ନୁହେଁ। ଶହ ଶହ କଳ କାରଖାନା, ବିଶେଷକରି ବୟନ ଶିଳ୍ପ ସହିତ ଜଡିତ ସଂସ୍ଥା ଉତ୍ପାଦନ ହ୍ରାସ କରିବାକୁ କିମ୍ବା କାର୍ଯ୍ୟ ବନ୍ଦ କରିବାକୁ ବାଧ ହୋଇଛନ୍ତି। ବାଂଲାଦେଶ ବିଶ୍ୱର ଦ୍ୱିତୀୟ ବୃହତ୍ତମ ବୟନ ରପ୍ତାନିକାରୀ ଦେଶ। ପୋଷାକ କ୍ଷେତ୍ର ଏହାର ମୋଟ ରପ୍ତାନି ରାଜସ୍ୱର ପ୍ରାୟ ୮୦%। ତେଣୁ, ଦୀର୍ଘକାଳୀନ ଗ୍ୟାସ୍ ସଙ୍କଟ ଦେଶର ରପ୍ତାନି ଏବଂ ବୈଦେଶିକ ମୁଦ୍ରା ଆୟକୁ ପ୍ରଭାବିତ କରିପାରେ। ଅପରପକ୍ଷେ ଗ୍ୟାସ୍ ଚାଳିତ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ମଧ୍ୟ ଯଥେଷ୍ଟ ଉତ୍ପାଦନ କରିପାରିବେ ନାହିଁ। ଏହା ସିଧାସଳଖ ବିଦ୍ୟୁତ୍ ଯୋଗାଣକୁ ପ୍ରଭାବିତ କରିଛି, ଅନେକ ଅଞ୍ଚଳରେ ନିୟମିତ ବିଦ୍ୟୁତ୍ କାଟ୍ ହେଉଛି। ସରକାର ଅଗଷ୍ଟ ମାସରେ ବିଦ୍ୟୁତ୍ ସଂରକ୍ଷଣ ପାଇଁ ଅନେକ ପଦକ୍ଷେପ ନେଇଥିଲେ, ଯେଉଁଥିରେ ସାଧାରଣ ଅପେକ୍ଷା ଗୋଟିଏ ଘଣ୍ଟା ପୂର୍ବରୁ ସପିଂ ମଲ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବାଦ୍ ଏଥିରେ ବାଂଲାଦେଶରେ ଘରୋଇ ପାଇପଲାଇନ୍ ଗ୍ୟାସ୍ ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। ଦେଶର ମୋଟ ଗ୍ୟାସ୍ ବ୍ୟବହାରର ଘରୋଇ କ୍ଷେତ୍ର ମାତ୍ର ୧୦ ପ୍ରତିଶତରୁ ଅଧିକ, କିନ୍ତୁ ସାଧାରଣ ପରିବାର ଉପରେ ମଧ୍ୟ ଗ୍ୟାସ୍ ସଙ୍କଟର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଉଛି।



**ଶହଶହ କାରଖାନା ବନ୍ଦ**

**ପ୍ରବଳ ବିଦ୍ୟୁତ୍ ବିଭ୍ରାଟ**

**ଅର୍ଥନୀତି ବିପର୍ଯ୍ୟସ୍ତ**

**ରାସ୍ତାରେ ଲୋକଙ୍କ ପ୍ରତିବାଦ**

ଗ୍ୟାସ୍ ଚାଳିତ ରିକ୍ସା ଚାଳକମାନେ ମଧ୍ୟ ଇନ୍ଧନ ଅଭାବର ସମ୍ମୁଖୀନ ହେଉଛନ୍ତି। ଗ୍ୟାସ୍ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ, ଅନେକ ଡ୍ରାଇଭର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ବାଂଲାଦେଶର ବର୍ତ୍ତମାନର ଗ୍ୟାସ୍ ସଙ୍କଟ ହଠାତ୍ ସୃଷ୍ଟି ହୋଇନାହିଁ। ଏହାର ମୂଳଦୁଆ ଅନେକ ବର୍ଷ ଧରି ନିର୍ମାଣ ହୋଇଆସୁଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୦-କଲିକତା ସହରର ସ୍ଥାପନା ଦିବସ।
- ୧୯୬୯- ଭି. ଭି. ଗିରି ଭାରତର ଚତୁର୍ଥ ରାଷ୍ଟ୍ରପତି ହେଲେ।
- ୧୯୭୪- ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ ଭାରତର ପଞ୍ଚମ ରାଷ୍ଟ୍ରପତି ହେଲେ।
- ୧୯୯୩- ପପ୍ ଷ୍ଟାର୍ ମାଇକେଲ୍ ଜ୍ୟାକସନ୍‌ଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗର ଯାଞ୍ଚ ଆରମ୍ଭ କଲା ଲସ୍‌ଏଞ୍ଜେଲସ୍ ପୋଲିସ୍।



## ପୁଣି ଥରେ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିବେ ସନ୍ନି

ପାଖାପାଖି ୩୦ ବର୍ଷ ପରେ ସନ୍ନି ଦେଓ୍ୱଲ 'ବଟୱାରା ୧୯୪୭'ଚଳଚ୍ଚିତ୍ରରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିଛନ୍ତି। ହେଲେ ସନ୍ନିଙ୍କର ଅନ୍ୟ ଫିଲ୍ମ ଭଳି ଏହା ବକ୍ସ ଅଫିସ୍‌ରେ ସଫଳତାର ଛାପ ଛାଡ଼ିବାରେ ବିଫଳ ହୋଇଛି। 'ଘାୟଲ୍' (୧୯୯୦) ରୁ ସନ୍ନି ଦେଓଲ୍ ଏବଂ ରାଜକୁମାର ସନ୍ତୋଷୀଙ୍କ ଫିଲ୍ମ ଯାତ୍ରା ଆରମ୍ଭ ହୋଇଥିଲା। ସନ୍ନିଙ୍କ କ୍ୟାରିୟରର ହିଟ୍ ଫିଲ୍ମ କୁହାଯାଉଥିବା 'ଘାତକ' ଏବଂ 'ଦାମିନୀ' ମଧ୍ୟ ରାଜକୁମାର ସନ୍ତୋଷୀ ହିଁ ନିର୍ମାଣ କରିଥିଲେ। ଆଉ ଏବେ ତିନି ଦଶନ୍ଧି ପରେ ଏହି ଯୋଡ଼ି 'ବଟୱାରା ୧୯୪୭' ଫିଲ୍ମରେ ଏକାଠି କାମ କରିଥିଲେ। ଅବଶ୍ୟ ଏହି ଫିଲ୍ମ ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣିପାରି ନାହିଁ। ଇତିମଧ୍ୟରେ ରାଜକୁମାର ସନ୍ତୋଷୀ, ସନ୍ନିଙ୍କ ସହ ଆଉ ଏକ ଆକ୍ସନ୍ ଫିଲ୍ମ ନେଇ ଆସୁଥିବା ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ମାସରୁ ସନ୍ନି ଏହାର ସୁଟିଂ ଆରମ୍ଭ କରିବେ। ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ରାଜକୁମାର ସନ୍ତୋଷୀଙ୍କ ସହ ସନ୍ନିଙ୍କର ଏହା ପଞ୍ଚମ ଫିଲ୍ମ ହେବ।

## ଚୁଗୁଲି କରି ରୋଜଗାର



ଚୁଗୁଲି କିମ୍ବା ପରଚର୍ଚ୍ଚା କରିବା ଏକ ଖରାପ ଅଭ୍ୟାସ। ହେଲେ କଲମ୍ବିଆର ୬୭ ବର୍ଷୀୟା ମିରିୟମ୍ ଚୁଗୁଲିକୁ ନିଜର ବ୍ୟବସାୟ କରିଛନ୍ତି। ଏହି ବ୍ୟବସାୟରୁ ସେ ଦୁଇଟି ଘର କିଣିଥିବା ମଧ୍ୟ ଦାବି କରନ୍ତି। ନିକଟରେ କଣ୍ଟେଣ୍ଟ କ୍ରିଏଟର ଲେଡି ଡାନିଏଲା ତାଙ୍କର ଏକ ସାକ୍ଷାତକାର ଶେୟାର କରିଥିଲେ, ଯେଉଁଥିରେ ମିରିୟମ୍ ନିଜର ଏହି ଅଜବ କାମ ବିଷୟରେ କହିଛନ୍ତି। ମିରିୟମ୍ ନିଜକୁ ଜଣେ ପେସାଦାର ଚୁଗୁଲି କରୁଥିବା ମହିଳାର ପରିଚୟ ଦିଅନ୍ତି। ସେ ପ୍ରତିଦିନ ସକାଳୁ ନିଜ ଘର ବାହାରେ ବସି ରୁହନ୍ତି। ପଡ଼ୋଶୀମାନଙ୍କର ପାରିବାରିକ ଝଗଡ଼ା, କିଏ କେତେବେଳେ କୁଆଡ଼େ ଯାଉଛି, ସେସବୁ ଉପରେ ନଜର ରଖନ୍ତି ଏବଂ ଗୋଟିଏ ଡାଏରୀରେ ନାମ ଓ ତାରିଖ ସହିତ ସବୁ ତଥ୍ୟ ଲେଖି ରଖନ୍ତି। କେତେକ କ୍ଷେତ୍ରରେ ପ୍ରମାଣ ସ୍ୱରୂପ ସେ ଫଟୋ ମଧ୍ୟ ରଖିଥାନ୍ତି। ଛୋଟମୋଟ ଚୁଗୁଲି ପାଇଁ ସେ ଭାରତୀୟ ମୁଦ୍ରାରେ ପ୍ରାୟ ୧୦୦ରୁ ୨୦୦ ଟଙ୍କା ନିଅନ୍ତି। ତାଙ୍କର ସବୁଠାରୁ ବଡ଼ ରୋଜଗାର ହେଉଛି ପ୍ରିମିୟମ୍ "ମୁହଁ ବନ୍ଦ" ସେବା। ଯଦି କାହାର କୌଣସି ବଡ଼ ଗୋପନୀୟ କଥା ସେ ଜାଣିଯାନ୍ତି, ତେବେ ତାହାକୁ ଲୁଚାଇ ରଖିବା ପାଇଁ ସେ ଭାରତୀୟ ମୁଦ୍ରାରେ ୧୪,୦୦୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ କରନ୍ତି। ଏହି ବ୍ୟବସାୟରୁ ମିଳୁଥିବା ଟଙ୍କାକୁ ସଞ୍ଚୟ କରି ସେ କୌଣସି ବ୍ୟାଙ୍କ ଲୋନ୍ ନ ନେଇ ନିଜ ପାଇଁ ଦୁଇ ଦୁଇଟି ଆଲିସାନ ଘର କିଣିଥିବା ମିରିୟମ୍ ଦାବି କରନ୍ତି। ମିରିୟମ୍‌ଙ୍କ କାହାଣୀ ଭାଇରାଲ ହେବା ପରେ କେହି କେହି ତାଙ୍କର ଏଭଳି ଚତୁରତାକୁ ପ୍ରଶଂସା କରୁଥିବା ବେଳେ, ଅନ୍ୟମାନେ ଏହାକୁ ଅନ୍ୟର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ଏବଂ ବ୍ଲାକମେଲିଂ ବୋଲି କହି ସମାଲୋଚନା ମଧ୍ୟ କରୁଛନ୍ତି। ଏହି କାମ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସେ 'ଗସିପ୍ କ୍ୱିନ' ନାଁରେ ପରିଚିତ ହୋଇଛନ୍ତି।


## ମାଗଣାରେ ମିଳେ ଟିଭି ଓ ସୋଫା



ଅଧିକାଂଶ ଲୋକ ଟିଭି, ସୋଫା ତଥା ଘରର ଆବଶ୍ୟକୀୟ ସାମଗ୍ରୀ ପୁରୁଣା ହୋଇଗଲେ ଏହାକୁ ଫିଙ୍ଗି ଦିଅନ୍ତି। କେହି କେହି ଏହାକୁ କବାଡ଼ିବାଲାଙ୍କୁ ବିକ୍ରି କରିଦେଇଥାନ୍ତି। ହେଲେ କାନାଡ଼ାରେ ଘର ଆଗରେ ପୁରୁଣା ଆସବାବପତ୍ର କିମ୍ବା ଅନ୍ୟାନ୍ୟ ଜିନିଷ ରଖିବାର ଏକ ସୁନ୍ଦର ପରମ୍ପରା ରହିଛି। ଯେତେବେଳେ ଲୋକେ ଘର ବଦଳାନ୍ତି କିମ୍ବା ନୂଆ ଆସବାବପତ୍ର କିଣନ୍ତି, ସେତେବେଳେ ସେମାନଙ୍କର ପୁରୁଣା କିନ୍ତୁ ବ୍ୟବହାରୋପଯୋଗୀ ସୋଫା, ଚେୟାର, ଟେବୁଲ୍, ବହି ବା ଖେଳନା ଆଦିକୁ ରାସ୍ତା କଡ଼ରେ ରଖିଦିଅନ୍ତି। ତାହା ଉପରେ ଅନେକ ସମୟରେ 'ଫ୍ରି' ବୋଲି ଏକ ବୋର୍ଡ ମଧ୍ୟ ଲଗାଇ ଦିଅନ୍ତି। ଯେଉଁମାନଙ୍କର ସେହି ଜିନିଷଗୁଡ଼ିକର ଆବଶ୍ୟକତା ଥାଏ ବିଶେଷ କରି ଗରିବ ଶ୍ରେଣୀର ଲୋକ, ସହରକୁ ନୂଆ କରି ଆସିଥିବା ଛାତ୍ରଛାତ୍ରୀ କିମ୍ବା ପ୍ରବାସୀ ସେମାନେ ତାକୁ ମାଗଣାରେ ନିଜ ଘରକୁ ନେଇ ବ୍ୟବହାର କରନ୍ତି। ଜିନିଷଗୁଡ଼ିକୁ ଅଳିଆ ଆବର୍ଜନା କୁଡ଼କୁ ନ ଫିଙ୍ଗି, ସେଗୁଡ଼ିକର ପୁନଃବ୍ୟବହାର କରିବା ପାଇଁ ଏହା ଏକ ଭଲ ମାଧ୍ୟମ। ତେବେ ଏଠାରେ ବଡ଼ ବଡ଼ ଜିନିଷ ଯେପରିକି ସୋଫା, ଗଦି କିମ୍ବା ଟେବୁଲ୍‌କୁ କେନ୍ଦ୍ରୀୟ ବର୍ଜ୍ୟବସ୍ତୁ ଗାଡ଼ିରେ ପକାଇବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି ଏବଂ କେତେକ ସ୍ଥାନରେ ଏଥିପାଇଁ ଫି' ମଧ୍ୟ ଦେବାକୁ ପଡ଼େ। ତେଣୁ, ଲୋକେ ଏହାକୁ ଘର ଆଗରେ ରଖିଦିଅନ୍ତି ଯାହାଦ୍ୱାରା କାହାର ଆବଶ୍ୟକତା ଥିଲେ ସେ ନେଇଯାଏ, ନଚେତ୍ ପୌରପାଳିକାର ସ୍ୱତନ୍ତ୍ର ବଡ଼ ଆବର୍ଜନା ଗାଡ଼ି ଆସି ସେଗୁଡ଼ିକୁ ନେଇଯାଏ। ନିକଟରେ ଭାରତୀୟ ଦମ୍ପତି ରୁମାନ ଏବଂ ତରୁଣ ଏହି ନିଆରା ଟ୍ରେଣ୍ଡର ଏକ ଭିଡିଓ ସେୟାର କରିଥିଲେ। ଭିଡିଓରେ ରୁମାନ ରାସ୍ତାକଡ଼ରେ ରଖାଯାଇଥିବା ସୋଫା, ବଡ଼ ଟିଭି, ବାସନ ସଫା କରୁଥିବା ମେସିନ୍ ପରି ଅନେକ ଉପଯୋଗୀ ସାମଗ୍ରୀ ଦେଖାଇଥିଲେ। କାହାକୁ ନ ପଚାରି ଏହାକୁ ଘରକୁ ନେଇ ପାରିବେ ବୋଲି ରୁମାନ କହିଥିଲେ। ଏହାପରେ ସେ ରାସ୍ତାରେ ରଖାଯାଇଥିବା ଅନ୍ୟାନ୍ୟ ଜିନିଷକୁ ଦେଖାଇବା ସହ ଏହି ସମସ୍ତ ସାମଗ୍ରୀ ଲୋକଙ୍କ ପାଇଁ ମାଗଣାରେ ଉପଲବ୍ଧ ବୋଲି କହିଥିଲେ। କାନାଡ଼ାର ଏଭଳି ବ୍ୟବସ୍ଥା ସମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏଭଳି ବ୍ୟବସ୍ଥା ଭାରତରେ ମଧ୍ୟ ହେବା ଦରକାର ବୋଲି ଏଥିରେ ଅନେକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି।

## ସୁନ୍ଦର ଦିଶିବା ଚାପ
### ଘରେ ଘରେ ପ୍ଲାଷ୍ଟିକ୍ ସର୍ଜରୀ

ଦକ୍ଷିଣ କୋରିଆକୁ ବିଶ୍ୱର ପ୍ଲାଷ୍ଟିକ୍ ସର୍ଜରୀର ରାଜଧାନୀ ବୋଲି କୁହାଯାଏ। ସୁନ୍ଦର ଦିଶିବା ପାଇଁ ସେଠାରେ ପ୍ଲାଷ୍ଟିକ୍ ସର୍ଜରୀ କରାଇବା ଏକ ମାମୁଲି କଥା। ଦକ୍ଷିଣ କୋରିଆ ସମାଜରେ ଶାରୀରିକ ସୌନ୍ଦର୍ଯ୍ୟକୁ ବହୁତ ଗୁରୁତ୍ୱ ଦିଆଯାଏ। ବଡ଼ ଆଖି, ଗୋରା ରଙ୍ଗ ଏବଂ ଭି-ଶେପ୍ ଥୋଡ଼ିକୁ ସେଠାରେ ସୁନ୍ଦରତାର ପ୍ରତୀକ ମାନନ୍ତି। ଏପରିକି ସେଠାରେ ଚାକିରି ଆବେଦନ ପତ୍ରରେ ନିଜର ଫଟୋ ଲଗାଇବା ଜରୁରି। ଲୋକେ ବିଶ୍ୱାସ କରନ୍ତି ଯେ, ଭଲ ଦିଶିଲେ ଚାକିରି ମିଳିବା ସହଜ ହୋଇଥାଏ। ଅନେକ ସମୟରେ ପିଲାମାନେ ସ୍କୁଲ ବା କଲେଜରେ ଭଲ ନମ୍ବର ରଖି ପାସ୍ କଲେ, ସେମାନଙ୍କ ବାପା-ମା' ଖୁସି ହୋଇ ସେମାନଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ପ୍ୟାକେଜ୍ ଉପହାର ଦିଅନ୍ତି। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଦକ୍ଷିଣ କୋରିଆରେ ପ୍ଲାଷ୍ଟିକ୍ ସର୍ଜରୀ ହାର ସବୁଠାରୁ ଅଧିକ। ଏକ ରିପୋର୍ଟ ଅନୁସାରେ, ସେଠାରେ ପ୍ରତି ୧,୦୦୦ ଜଣ ଲୋକରେ ପ୍ରାୟ ୮.୯ ରୁ ୧୩.୫ ପ୍ରତିଶତ ଲୋକଙ୍କର କସମେଟିକ୍ ସର୍ଜରୀ ହୋଇଥାଏ। ସେହିପରି ୧୯ ରୁ ୨୯ ବର୍ଷ ମଧ୍ୟରେ ପ୍ରାୟ ୨୫ ପ୍ରତିଶତ ମହିଳା ଥରୁଟିଏ ନିହାତି କସମେଟିକ୍ ସର୍ଜରୀ କରାଇଛନ୍ତି। ସିୟୋଲ ସହରର ଗଙ୍ଗନାମ ଅଞ୍ଚଳ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ପରିଚିତ। ଏଠାରେ ବହୁ ସଂଖ୍ୟକ କସମେଟିକ୍ ସର୍ଜରୀ କ୍ଲିନିକ୍ ଅଛି। ସବୁଠୁ ଅଧିକ କରାଯାଉଥିବା ପ୍ଲାଷ୍ଟିକ୍ ସର୍ଜରୀ ମଧ୍ୟରେ ଡବଲ ଆଇଲିଡ୍ ସର୍ଜରୀ ସାମିଲ ଅଛି। ଏହାବାଦ୍ ନାକ ସର୍ଜରୀ, ଜବ୍-ଲାଇନ୍ କୁ ଭି-ଶେପ୍ କରିବା ମଧ୍ୟ ବେଶ୍ ଲୋକପ୍ରିୟ। ଅନ୍ୟପଟେ ପ୍ରତ୍ୟେକ କୋରିଆ ବ୍ୟକ୍ତି ପ୍ଲାଷ୍ଟିକ୍ ସର୍ଜରୀକୁ ଜରୁରି ବୋଲି ଭାବନ୍ତି ନାହିଁ, କିନ୍ତୁ ସୁନ୍ଦର ଦେଖାଯିବା ନେଇ ସାମାଜିକ ଚାପ ଯୋଗୁଁ ଏହା ଏବେ ଏଠାକାର ସାଧାରଣ ଚଳଣିରେ ପରିଣତ ହୋଇଛି।



## ସ୍ମୃତି

## ରାକ୍ଷୀ ପୂର୍ଣ୍ଣିମା



**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଶ୍ରାବଣ ପୂର୍ଣ୍ଣିମାର ଅନ୍ୟନାମ ଗହ୍ମା ପୂର୍ଣ୍ଣିମା। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଈଙ୍କ ଶିଂଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା'ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

## କେଉଁ ଦେବତାଙ୍କୁ ବାନ୍ଧିବେ ରାକ୍ଷୀ

**ରାକ୍ଷୀପୂର୍ଣ୍ଣିମାରେ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିବାର ପରମ୍ପରା ଅଛି। ଏହି କ୍ରମରେ ଏହି ଶୁଭ ଅବସରରେ ୫ ଦେବତାଙ୍କୁ ରାକ୍ଷୀ ବାନ୍ଧିଲେ ପୁଣ୍ୟ ଫଳ ପ୍ରାପ୍ତି ହୁଏ। ସେହିପରି ଅନେକ ସ୍ଥାନରେ ଏଭଳି ନିୟମ ଅଛି ଯେ, ଭାଇ ହାତରେ ରାକ୍ଷୀ ବାନ୍ଧିବା ପୂର୍ବରୁ ଏହି ଦେବତାଙ୍କୁ ରାକ୍ଷୀ ବାନ୍ଧିବା ଦରକାର। ଏହାଦ୍ୱାରା ଜୀବନର ଦୁଃଖ, ଭୟ, ସଙ୍କଟର ନାଶ ଓ ସୁଖସମୃଦ୍ଧିର ଆଶୀର୍ବାଦ ମିଳିଥାଏ।**



**ଗଣେଶ:** ରକ୍ଷାବନ୍ଧନ ଦିନ ପ୍ରଥମ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କୁ ରାକ୍ଷୀ ବାନ୍ଧିବା ଉଚିତ। ଗଣେଶ ଜୀବନରେ ସଙ୍କଟ ଓ କାର୍ଯ୍ୟରେ ଦେଖାଦେବାକୁ ଥିବା ବାଧାକୁ ନଷ୍ଟ କରନ୍ତି। ଏହିପରି ଭାବେ ଧୀରେ ଧୀରେ ସମସ୍ତ ସମସ୍ୟା ଦୂର ହୁଏ। ଏହିଦିନ ଭଗବାନ ଗଣେଶଙ୍କୁ ନାଲି କିମ୍ବା ହଳଦୀ ରଙ୍ଗର ରାକ୍ଷୀ ବାନ୍ଧିବା ଶୁଭଦାୟକ ହୋଇଥାଏ।

**ଶିବ:** ଶ୍ରାବଣ ମାସରେ ଶିବଙ୍କ ବିଶେଷ ପୂଜା କରାଯାଏ। ଶିବଙ୍କୁ ରାକ୍ଷୀ ବାନ୍ଧିଲେ ଖୁବ୍ ପ୍ରସନ୍ନ ହୋଇଥାନ୍ତି। ଭଗବାନ ଶିବ ଯେଉଁଭଳି ବିଷ ପାନ କରି ସୃଷ୍ଟିର ରକ୍ଷା କରିଥିଲେ, ଠିକ୍‌ସେମିତି ସେ ସବୁ କ୍ଷଣରେ ଲୋକଙ୍କୁ ରକ୍ଷା କରନ୍ତି। ସବୁଜ ରଙ୍ଗ ରାକ୍ଷୀ ବାନ୍ଧିଲେ ଶୁଭଫଳ ପ୍ରାପ୍ତି ହୁଏ।

**ହନୁମାନ:** ରକ୍ଷା ବନ୍ଧନରେ ରାକ୍ଷୀ ହନୁମାନଙ୍କୁ ନିହାତି ବାନ୍ଧିବା ଦରକାର। ହନୁମାନ ନିଜ ଭକ୍ତର ରକ୍ଷା କରିବା ସହ ପ୍ରସନ୍ନ ହୋଇ ଜୀବନ ତମାମ କୃପା ବର୍ଷା କରନ୍ତି। ସେହିପରି ସବୁ ସଙ୍କଟ ନାଶ କରନ୍ତି। ହନୁମାନଙ୍କୁ ରାକ୍ଷୀ ବାନ୍ଧିଲେ ବଳ ବୁଦ୍ଧି ପ୍ରାପ୍ତ ହୁଏ। ରକ୍ଷାସୂତ୍ର ବାନ୍ଧିଲେ ମଙ୍ଗଳ ଦୋଷ ଦୂର ହୁଏ। ହନୁମାନଙ୍କୁ ନାଲି କିମ୍ବା ନାରଙ୍ଗୀ ରକ୍ଷାସୂତ୍ର ବାନ୍ଧିବା ଶୁଭ।

**ଶ୍ରୀକୃଷ୍ଣ:** ରକ୍ଷା ବନ୍ଧନରେ ଭଗବାନ ଶ୍ରୀକୃଷ୍ଣଙ୍କୁ ବି ରାକ୍ଷୀ ବାନ୍ଧିବା ଦରକାର। ଏହା ପଛରେ ମହାଭାରତ କାହାଣୀ ଜଡ଼ିତ ଅଛି। ପୌରାଣିକ କାହାଣୀ ଅନୁସାରେ, ଦ୍ରୌପଦୀ ଭଗବାନ କୃଷ୍ଣଙ୍କୁ ରକ୍ଷାସୂତ୍ର ବାନ୍ଧିଥିଲେ ଓ ସେବେଠୁ ରାକ୍ଷୀ ବାନ୍ଧିବା ପରମ୍ପରା ଆରମ୍ଭ ହୋଇଥିଲା। ଶ୍ରୀକୃଷ୍ଣ ମଧ୍ୟ ଦ୍ରୌପଦୀଙ୍କ ରକ୍ଷା କରିବା ବଚନ ଦେଇଥିଲେ। ମହାଭାରତରେ ବସ୍ତ୍ରହରଣ ସମୟରେ ଭଗବାନ କୃଷ୍ଣ ଦ୍ରୌପଦୀଙ୍କ ମାନସମ୍ମାନ ରକ୍ଷା କରିଥିଲେ। ତେଣୁ ଏହିଦିନ ରାକ୍ଷୀ ବାନ୍ଧିଲେ ଜୀବନରୁ ଦୁଃଖ ନାଶ ହୁଏ।



## ଶ୍ରାବଣ ଶେଷ ସୋମବାର

**ଆଜି ଶେଷ ହେଲା ପବିତ୍ର ଶ୍ରାବଣ ମାସ। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା'ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।**

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା ସହ ଅନ୍ତିମ ସୋମବାରରେ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

ଶ୍ରାବଣ ଶେଷ ସୋମବାରରେ ରୁଦ୍ରାଭିଷେକ କରିବାରେ ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣ ମାସର ଶେଷ ସୋମବାର ନୁହେଁ, ଏହି ମାସରେ ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ।

## ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା' ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**

କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳୀ ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।



ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୁରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।

■ ଏଫ୍ଆଇଏଚ୍ ବିଶ୍ୱକପ୍ ହକି

# ସେମିଫାଇନାଲରେ ନେଦରଲ୍ୟାଣ୍ଡସ

ଆମଷ୍ଟଲ୍‌ଭିନ୍,୨୩।୮ (ଏଜେନ୍ସି): ଯୁଗ୍ମ ଆୟୋଜକ ତଥା କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ଜିତିଥିବା ନେଦରଲ୍ୟାଣ୍ଡସ ମହିଳା ଟିମ୍ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍ଆଇଏଚ୍ ବିଶ୍ୱକପ୍ ହକି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଆଜି ଖେଳାଯାଇଥିବା ପୁଲ୍-ଇ' କ୍ରସ୍ ଓଭର ମୁକାବିଲାରେ ନେଦରଲ୍ୟାଣ୍ଡସ ୪-୧ ଗୋଲରେ ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍‌କୁ ପରାସ୍ତ କରିଛି। ପୂର୍ବରୁ ଦଳ ଭାରତକୁ ୨-୦ ଗୋଲରେ ହରାଇଥିଲା ଓ ପୁଲ୍ ମ୍ୟାଚ୍‌ରୁ ପୂରା ପଏଣ୍ଟ ନେଇ ଆସିଥିଲା। ଏହା ଫଳରେ ୬ ପଏଣ୍ଟ ସହ ନେଦରଲ୍ୟାଣ୍ଡସ ପୁଲ୍-ଇ'ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରଥମ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୁଲ୍-ଏଫ୍‌ର ଲିଗ୍ ମ୍ୟାଚ୍ ଆସନ୍ତାକାଲି ଶେଷ ହେବା ପରେ ସେମିରେ ନେଦରଲ୍ୟାଣ୍ଡସ କାହା ସହ ଖେଳିବ ତାହା ସ୍ଥିର ହେବ। ନେଦରଲ୍ୟାଣ୍ଡସର ଏହି ବିଜୟ ଫଳରେ ଭାରତ ନିକଟରେ ସେମିଫାଇନାଲ ଖେଳିବା ରାସ୍ତ ଉନ୍ମୁକ୍ତ ରହିଛି। ଆଜି ରାତିରେ ଖେଳାଯିବାକୁ ଥିବା ମୁକାବିଲାରେ ଭାରତ ଯଦି ଅଷ୍ଟ୍ରେଲିଆକୁ ୨-୦ ଗୋଲରେ ପରାସ୍ତ କରେ ତେବେ ସେମିଫାଇନାଲରେ ପ୍ରବେଶ କରିବ।

ସେହିପରି ପୁରୁଷ ଦଳ ଆସନ୍ତାକାଲି ଆର୍ଜେଣ୍ଟିନାକୁ ଭେଟି। ଏଥିରେ ଭାରତ ଯଦି ୩-୦ କିମ୍ବା ୨-୦ ଗୋଲରେ ବିଜୟୀ ହୁଏ, ତେବେ ଭାରତର ସେମିଫାଇନାଲ ଖେଳିବା ସମ୍ଭାବନା ରହିଛି।

# ଏଆଇଟିଏ ସଭାପତି ଦୌଡ଼ରେ ଲିଆଣ୍ଡର

ପୁଣେ,୨୩।୮ (ଏଜେନ୍ସି): ଭାରତୀୟ ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏସନ୍ (ଏଆଇଟିଏ) ସଭାପତି ପଦ ପାଇଁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଏକକ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବା ପେସ୍ ନୂଆ କ୍ରୀଡ଼ା ପ୍ରଶାସନ ନିୟମ ଅନୁସାରେ 'ଟିଅର-୧' ଶ୍ରେଷ୍ଠ କ୍ରୀଡ଼ାବିତ୍ ବର୍ଗରେ ସାମିଲ ହେବେ। ଟେନିସ୍‌ରେ ସେ ଏହି ବର୍ଗ ପାଇଁ ଏକମାତ୍ର ଯୋଗ୍ୟ ଖେଳାଳି ବୋଲି ଏଆଇଟିଏ ପକ୍ଷରୁ କୁହାଯାଇଛି। ଖେଳାଳିମାନେ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହା ପରେ ନଭେମ୍ବରରେ ଏଆଇଟିଏ ନିର୍ବାଚନ ହେବାର ସମ୍ଭାବନା ରହିଛି। ୫୩ ବର୍ଷୀୟ ପେସ୍ ଭାରତର ଅନ୍ୟତମ ସଫଳ ଟେନିସ୍ ଖେଳାଳି। ଅଲିମ୍ପିକ୍ ପଦକ ବ୍ୟତୀତ ସେ ଏକାଧିକ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ଭାରତୀୟ ଟେନିସ୍‌କୁ ବିଶ୍ୱ ମଞ୍ଚରେ ଗୌରବାନ୍ୱିତ କରିଛନ୍ତି। ଏଆଇଟିଏ ପକ୍ଷରୁ କ୍ରୀଡ଼ାବିତ୍‌ମାନଙ୍କୁ ନାମାଙ୍କନ ଦାଖଲ ପାଇଁ ୬୦ ଦିନର ସମୟ ଦିଆଯାଇଛି। ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାର ଶେଷ ତାରିଖ ଅକ୍ଟୋବର ୧୫। ଏହା ପରେ ନଭେମ୍ବରରେ ଏଆଇଟିଏର ନିର୍ବାଚନ ହେବାର ସମ୍ଭାବନା ରହିଛି।


# ୨୨ ବର୍ଷ ପରେ ଡୁରାଣ୍ଡ କପ୍ ଜିତିଲା ଇଷ୍ଟ ବେଙ୍ଗଲ୍

କୋଲକାତା,୨୩।୮ (ଏଜେନ୍ସି): ଦୀର୍ଘ ୨୨ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ଡୁରାଣ୍ଡ କପ୍୨୦୨୬ ଚାମ୍ପିୟନ୍ ହୋଇଛି ଇଷ୍ଟ ବେଙ୍ଗଲ୍। ରବିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ମୋହନ ବାଗାନ ସୁପର ଜାଏଣ୍ଟକୁ ୪-୧ ଗୋଲ୍‌ରେ ପରାସ୍ତ କରି ଟ୍ରଫି ହାତେଇଛି ଇଷ୍ଟ ବେଙ୍ଗଲ୍। ଏହି ସହ ଇଷ୍ଟ ବେଙ୍ଗଲ୍୨୨ ବର୍ଷ ପରେ ଡୁରାଣ୍ଡ କପ୍ ଟ୍ରଫି ଜିତି ୧୭ ତମ ଡୁରାଣ୍ଡ କପ୍ ଟାଇଟଲ୍ ହାସଲ କରିଛି। ଏସିଆର ଏହି ସର୍ବପୁରାତନ ଫୁଟବଲ୍ ପ୍ରତିଯୋଗିତାରେ ମୋହନ ବାଗାନ ସହ ଇଷ୍ଟ ବେଙ୍ଗଲ୍ ମଧ୍ୟ ସର୍ବାଧିକ ଟାଇଟଲ୍ ଜିତିଥିବା ଦଳ ହୋଇଛି। ଇଷ୍ଟ ବେଙ୍ଗଲ୍‌ର ବିଜୟର ମୁଖ୍ୟ ନାୟକ ରହିଥିଲେ ଏଡମଣ୍ଡ ଲାଲ୍ରିନ୍ଦିକା। କୋଲକାତା ଡର୍ବିର ଡୁରାଣ୍ଡ କପ ଫାଇନାଲ୍‌ରେ ଏଡମଣ୍ଡଙ୍କ ହ୍ୟାଟ୍ରିକ୍ ଏକ ଐତିହାସିକ ଘଟଣା। ସେ ପ୍ରଥମାର୍ଦ୍ଧରେ ହିଁ ହ୍ୟାଟ୍ରିକ୍ କରି ମୋହନ ବାଗାନର ରକ୍ଷଣଭାଗକୁ ଧ୍ୱସ୍ତ କରିଦେଇଥିଲେ। ଇଷ୍ଟ ବେଙ୍ଗଲ୍‌ପକ୍ଷରୁ ବିପିନ ସିଂହ ମଧ୍ୟ ଗୋଟିଏ ଗୋଲ୍ କରିଥିଲେ। ମ୍ୟାଚ୍‌ର ୧୦ମ ମିନିଟ୍‌ରେ ମହମ୍ମଦ ରସିଦଙ୍କ ପାସ୍‌ରୁ ବିପିନ ସିଂହ ଗୋଲ୍‌କରି ଇଷ୍ଟ ବେଙ୍ଗଲ୍‌କୁ ଆଗୁଆ କରିଥିଲେ। ଏହାର ଦୁଇ ମିନିଟ୍‌ପରେ ଏଡମଣ୍ଡ ଗୋଲ୍‌କରି ବ୍ୟବଧାନ ୨-୦ କରିଦେଇଥିଲେ। ୨୨ତମ ମିନିଟ୍‌ରେ ଏଡମଣ୍ଡ ପୁଣି ଗୋଲ୍‌କରି ନିଜ ଦଳକୁ ୩-୦ରେ ଆଗୁଆ କରିଥିଲେ। ମୋହନ ବାଗାନ ପକ୍ଷରୁ ୩୩ତମ ମିନିଟ୍‌ରେ ମନବୀର ସିଂହ ଗୋଟିଏ ଗୋଲ୍ ଶୁଝାଇବାରେ ସଫଳ ହୋଇଥିଲେ। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ, ୪୪ତମ ମିନିଟ୍‌ରେ ଏଡମଣ୍ଡ ନିଜର ତୃତୀୟ ଗୋଲ୍‌କରି ହ୍ୟାଟ୍ରିକ୍ ପୂରଣ କରିଥିଲେ।

ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଆଲେକ୍ସ ଓ ଆନ୍ ଏକକ ଚାମ୍ପିଅନ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି)





ଫ୍ରାନ୍ସର ଆଲେକ୍ସ ଲାନିଅରଙ୍କ ଇତିହାସ ଓ ଦକ୍ଷିଣ କୋରିଆର ଆନ୍ ସେ-ୟଙ୍ଗ୍‌ଙ୍କ ଟାଇଟଲ ବିଜୟ ସହ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ପୁରୁଷ ବିଭାଗ ଏକକ ଫାଇନାଲରେ ଫ୍ରାନ୍ସର ୨୧ ବର୍ଷୀୟ ଲାନିୟର ୨୧-୧୧, ୨୧-୧୧ ସିଧାସଳଖ ସେଟ୍‌ରେ ଜାପାନର କୋଡାଇ ନାରାଓକାଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ବିଜୟୀ ହୋଇଥିଲେ। ଏହି ୟୁରୋପୀୟ ଚାମ୍ପିଅନ ଲାନିୟର ଫ୍ରାନ୍ସର ପ୍ରଥମ ଖେଳାଳି ଭାବେ ଏହି ସମ୍ମାନଜନକ ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପ୍ରଥମ ଟାଇଟଲ କବ୍‌ଜା କରିଛନ୍ତି। ପ୍ରଥମଥର ଲାଗି ଏହି ଇଭେଣ୍ଟର ଫାଇନାଲରେ ପ୍ରଥମ ୮ ଜଣ ଖେଳାଳି ସ୍ଥାନ ହାସଲ କରିବାରେ ବିଫଳ ହୋଇଛନ୍ତି।



■ ଲାନିଅର ଫ୍ରାନ୍ସର ପ୍ରଥମ ବିଶ୍ୱ ଚାମ୍ପିଅନ
■ ଟାଇଟଲ୍ ବଜାୟ ରଖିଲେ ସେ-ୟଙ୍ଗ୍
■ ଦ.କୋରିଆ, ଫ୍ରାନ୍ସକୁ ଡବଲ ଟାଇଟଲ୍
■ ଭାରତର ତ୍ରିଶା-ଗାୟତ୍ରୀଙ୍କୁ ପ୍ରଥମ ପଦକ

ମହିଳା ଏକକ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୪ ସିଧାସଳଖ ସେଟରେ ପରାସ୍ତ କରି ଟାଇଟଲ ବଜାୟ ରଖିବାରେ ସଫଳ ହୋଇଥିଲେ। ପୁରୁଷ ଯୁଗଳରେ ଚୀନ୍‌ର ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍, ମହିଳା ଯୁଗଳରେ ଦକ୍ଷିଣ କୋରିଆର ବାଏକ ହା-ନା ଓ ଲୀ ସୋ-ହୀ ଏବଂ ମିଶ୍ରିତ ଯୁଗଳରେ ଫ୍ରାନ୍ସର ଥମ୍ ଗ୍ରିକ୍ୱେଲ ଓ ଡେଲଫାଇନ୍ ଡେଲର୍ୟୁ ଚାମ୍ପିଅନ ହୋଇଛନ୍ତି। ବିଶ୍ୱ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଫ୍ରାନ୍ସର ଅଭ୍ୟୁଦୟ ହୋଇଛି। ଦୀର୍ଘ ୧୭ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରୁଥିବା ଭାରତ ପକ୍ଷରୁ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ କାଂସ୍ୟ ପଦକ ଜିତି ସମ୍ମାନ ରଖିବାରେ ସମର୍ଥ ହୋଇଛନ୍ତି। ଘରୋଇ ମାଟିରେ ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ୍‌ଙ୍କଠାରୁ ପଦକ ଆଶା କରାଯାଉଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ।

## ପଦକ ବିଜେତା

**ପୁରୁଷ ଏକକ**

ସ୍ୱର୍ଣ୍ଣ- ଆଲେକ୍ସ ଲାନିଅର (ଫ୍ରାନ୍ସ), ରୌପ୍ୟ- କୋଡାଇ ନାରାଓକା (ଜାପାନ), କାଂସ୍ୟ (୨)-ଚୋଉ ତିଏନ (ତାଇପେ) ଓ ଭିକ୍ଟର ଲାଇ (କାନାଡା)।

**ମହିଳା ଏକକ**

ସ୍ୱର୍ଣ୍ଣ- ଆନ୍ ସେ ୟଙ୍ଗ୍ (ଦକ୍ଷିଣ କୋରିଆ), ରୌପ୍ୟ- ଆକାନେ ୟାମାଗୁଚି (ଜାପାନ), କାଂସ୍ୟ (୨)- ୱାଙ୍ଗ ଝିୟି (ଚୀନ୍) ଓ ପର୍ଣ୍ଣପାୱି ଚୋଚୁୱଙ୍ଗ (ଥାଇଲାଣ୍ଡ)।

**ପୁରୁଷ ଯୁଗଳ**

ସ୍ୱର୍ଣ୍ଣ-ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ (ଚୀନ୍), ରୌପ୍ୟ- ଆରୋନ ଚିଆ-ସୋ ୱି ୟିକ୍ (ମାଲେସିଆ), କାଂସ୍ୟ (୨)- କିମ୍ ଓନ୍-ହୋ ଓ ସିଓ ସେଉଙ୍ଗ-ଜାଏ (ଦ. କୋରିଆ) ଏବଂ ଲୀ ଝେ-ହୁଏଇ ଓ ୟାଙ୍ଗ୍ ପୋ-ସୁଆନ୍ (ଚାଇନିଜ୍ ତାଇପେଇ)।

**ମହିଳା ଯୁଗଳ**

ସ୍ୱର୍ଣ୍ଣ- ବାଏକ ହା-ନା ଓ ଲୀ ସୋ-ହୀ (ଦ.କୋରିଆ), ରୌପ୍ୟ- ଲିଉ ଶେଙ୍ଗସୁ ଓ ତାନ ନିଙ୍ଗ (ଚୀନ୍), କାଂସ୍ୟ (୨)- ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ (ଭାରତ), ଏବଂ ଲି ୟିଜିଙ୍ଗ୍ ଓ ଲୁଓ ଜୁମିନ୍ (ଚୀନ୍)।

**ମିଶ୍ରିତ ଯୁଗଳ**

ସ୍ୱର୍ଣ୍ଣ- ଥମ୍ ଗ୍ରିକ୍ୱେଲ ଓ ଡେଲଫାଇନ୍ ଡେଲର୍ୟୁ (ଫ୍ରାନ୍ସ), ରୌପ୍ୟ- ଫେଙ୍ଗ୍ ୟାନ୍‌ଝୀ ଓ ହୁଆଙ୍ଗ ଡୋଙ୍ଗ ପିଙ୍ଗ୍ (ଚୀନ୍), କାଂସ୍ୟ (୨)- ଜିଆଙ୍ଗ ଝେନ୍‌ବାଙ୍ଗ ଓ ୱେଇ ୟାସିନ୍ (ଚୀନ୍) ଏବଂ ଆମ୍ରି ଶ୍ୟାହ୍ନି ଓ ନିତା ଭିଓଲିନା (ଇଣ୍ଡୋନେସିଆ)।

# କର୍ଣ୍ଣ ଶର୍ମାଙ୍କ ଅବସର

ଲକ୍ଷ୍ନୌ,୨୩।୮ (ଏଜେନ୍ସି): ଭାରତୀୟ ଲେଗ୍ ସ୍ପିନର କର୍ଣ୍ଣ ଶର୍ମା ୩୮ ବର୍ଷରେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛନ୍ତି। ୨୦୧୪ରେ ଭାରତ ପକ୍ଷରୁ ଗୋଟିଏ ଲେଖାଏଁ ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ, ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟରେ ସେ ୨୦୦୭ରେ ରେଳବାଇ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ ଓ ପରେ ବିଦର୍ଭ ଓ ଆନ୍ଧ୍ର ପକ୍ଷରୁ ଖେଳିଥିଲେ। ଏବେ ସେ ୟୁପି ଟି-୨୦ ଲିଗ୍ ଖେଳୁଥିବା ବେଳେ କାନପୁର ସୁପରଷ୍ଟାରସ ପକ୍ଷରୁ ଅଗଷ୍ଟ ୨୫ରେ ତାଙ୍କ ଜୀବନର ଶେଷ ପ୍ରତିଯୋଗିତାମୂଳକ କ୍ରିକେଟ ମ୍ୟାଚ୍ ଖେଳିବେ। ପ୍ରଥମଶ୍ରେଣୀ କ୍ରିକେଟରେ କର୍ଣ୍ଣ ୯୭ଟି ମ୍ୟାଚ୍ ଖେଳି ୨୭୦ଟି ୱିକେଟ ପାଇଥିଲାବେଳେ ୨ଟି ଶତକ ଅର୍ଜନ କରିଥିଲେ।

ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ

# ଦେବଦତ୍ତ ପାଡ଼ିକଲଙ୍କ କ୍ରମାଗତ ଶତକ

କଲମ୍ବୋ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଆଜି ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନଂ-୩ ଦେବଦତ୍ତ ପାଡିକଲ ଶତକ ହାସଲ କରିଛନ୍ତି। ସେ ୦ ଓ ୧ରେ ପାଇଥିବା ଜୀବନଦାନରୁ ପୂରା ଫାଇଦା ଉଠାଇ ୧୧୭ ରନ୍‌ରେ ଆଉଟ ହୋଇଥିଲାବେଳେ ପ୍ରଥମ ଦିନରେ ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୩୦୦ ରନ୍ ସଂଗ୍ରହ କରିନେଇଛି। ଅଧିନାୟକ ଶୁବମନ ଗିଲ୍ ୫୦, ଯଶସ୍ୱୀ ଜୟସ୍ୱାଲ ୪୫ ଓ ରବୀନ୍ଦ୍ର ଜାଡେଜା ୪୩ରନ୍‌ର ଯୋଗଦାନ ଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଫାଷ୍ଟ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ୧୬୫ ରନ୍‌ରେ ଜିତିଥିବା ଭାରତ ପକ୍ଷରୁ ପାଡିକଲ ୧୬୭ ରନ୍ କରିଥିଲେ। ଫଳରେ ଏହି ସିରିଜ୍‌ର କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ପାଡିକଲ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି। ୱିକେଟରକ୍ଷକ ଋଷଭ ପନ୍ତ୍‌ଙ୍କ ବାହୁରେ ବଲ ବାଜିବାରୁ ସେ ରିଟାୟର୍ଡ ହର୍ଟ ହୋଇଛନ୍ତି। ଆସନ୍ତାକାଲି ସେ ବ୍ୟାଟିଂ କରିପାରିବେ ବୋଲି ଆଶା କରାଯାଉଛି। ସେହିପରି ୩୩ ବର୍ଷ ୧୪୫ ଦିନରେ ଅଫ୍ ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଟେଷ୍ଟ ଡେବ୍ୟୁ କରିଛନ୍ତି।

ଅଧିନାୟକ ଶୁବମନ ଗିଲ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିଥିଲେ। ଦଳର ଦୁଇ ଓପନର ଦ୍ରୁତ ରନ୍ ସଂଗ୍ରହ କରିଥିଲେ ମଧ୍ୟ ପ୍ରଥମ ସେସନରେ ଉଭୟ ଜୟସ୍ୱାଲ ଓ ରାହୁଲ (୧୮ ରନ୍) ଅଯଥାରେ ଆଉଟ ହୋଇଥିଲେ। ୭୬ ରନ୍‌ରେ ଦଳ ଦୁଇଟି ୱିକେଟ ହରାଇବା ପରେ ପାଡିକଲ ଓ ଗିଲ୍ ଦ୍ୱିତୀୟ ୱିକେଟରୁ ୧୨୦ ରନ୍ ଉଠାଇ ଦଳକୁ ଏକ ବଡ ସ୍କୋର କରିବାର ରାସ୍ତା ଦେଖାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ କିଛି ସଟ୍ ନ ଖେଳି ଗିଲ୍ ତୃତୀୟ ଖେଳାଳିଭାବେ ଆଉଟ ହୋଇଥିଲେ। ଏହି ସମୟରେ ପାଡିକଲ ଧୈର୍ଯ୍ୟର ସହ ଖେଳୁଥିଲାବେଳେ ପନ୍ତ୍ ଆହତ ହୋଇଥିଲେ। ପରେ ଜାଡେଜା ବ୍ୟାଟିଂ କରିବା ଫଳରେ ଏହି ୩ ଖେଳାଳି ଚତୁର୍ଥ ୱିକେଟରୁ ୯୫ ରନ୍ ଉଠାଇଥିଲେ। ପନ୍ତ୍‌ଙ୍କ ସହ ୨୧ ଓ ଜାଡେଜାଙ୍କ ସହ ୭୪ ରନ୍ ଉଠାଇବା ପରେ ପାଡିକଲ ୧୧୭ ରନ୍ କରି ଆଉଟ ହୋଇଥିଲେ। ଏଥିଲାଗି ସେ ୧୯୩ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଶେଷ ଖେଳାଳିଭାବେ ଆଉଟ ହୋଇଥିବା ଜାଡେଜା ୪୩ ରନ୍ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଜୁରେଲ ୬ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନ୍‌ରେ ଦୁର୍ଗ ସମ୍ଭାଳିଥିଲେ। ଶ୍ରୀଲଙ୍କାର ପେସ୍ ବୋଲରମାନେ ଭଲ ବୋଲିଂ କରି ୫ଟି ମଧ୍ୟରୁ ୪ଟି ୱିକେଟ ପାଇଥିଲେ। କେଶରା ନୁୱାନ୍ଥାଙ୍କୁ ଅନ୍ୟ ୱିକେଟଟି ମିଳିଥିଲା। ଆସନ୍ତାକାଲି ଭାରତୀୟ ବ୍ୟାଟରଙ୍କ ଉପରେ ଏହି ଟେଷ୍ଟ ଫଳାଫଳ ନିର୍ଭର କରୁଛି।



ଅଷ୍ଟ୍ରେଲିଆ ବନାମ ବାଂଲା ଦ୍ୱିତୀୟ ଟେଷ୍ଟ

# ଷ୍ଟାର୍କ ନେଲେ ୧୦, ଦୁଇ ଦିନରେ ଲଢ଼େଇ ଶେଷ



ମାକୟ,୨୩।୮ (ଏଜେନ୍ସି): ଭେଟେରାନ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଏଠାରେ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ଷ୍ଟାର୍କ (୪/୩୯), ପ୍ୟାଟ କମିନ୍ସ (୩/୧୦) ଓ ନାଥାନ ଲାୟନ (୩/୨୫)ଙ୍କ ଚମତ୍କାର ବୋଲିଂ ବଳରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫୧ ରନ୍‌ରେ ଦ୍ୱିତୀୟ ଟେଷ୍ଟକୁ ଜିତିଥିଲା। ପୂର୍ବରୁ ଡାରୱିନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶ ୯ ୱିକେଟରେ ଐତିହାସିକ ବିଜୟ ହାସଲ କରିଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରହିଛି। ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଷ୍ଟାର୍କଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୨ଟି ଯାକ ଟେଷ୍ଟରେ ୧୨ ୱିକେଟ ନେବା ସହ ୨୦ ରନ୍ କରିଥିବା ଷ୍ଟାର୍କଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଷ୍ଟାର୍କ ୬ ୱିକେଟ ନେବା ଫଳରେ ବାଂଲାଦେଶର ପ୍ରଥମ ଇନିଂସ ୬୪ ରନ୍‌ରେ ଶେଷ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୧୦ ରନ୍‌ରେ ଅଲଆଉଟ ହୋଇ ୧୪୬ ରନ୍‌ରେ ଆଗୁଆ ରହିଥିଲା। ବାଂଲା ପକ୍ଷରୁ ଶୋରିଫୁଲ ଇସ୍‌ଲାମ୍ ୭ଟି ୱିକେଟ ନେଇଥିଲେ। ବାଂଲାଦେଶ ଦ୍ୱିତୀୟ ଇନିଂସରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ଜିତିବା ସହ ସିରିଜ୍ ଡ୍ର ରଖିବାରେ ସଫଳ ହୋଇଥିଲା।

# ଦୁଲୀପ୍ ଟ୍ରଫି କ୍ରିକେଟ | ସୁଯୋଗ ପାଇଲେନି ସେନାପତି



ବେଙ୍ଗାଲୁରୁ,୨୩।୮ (ଏଜେନ୍ସି): ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡ-୨ରେ ଆଜି ଆରମ୍ଭ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୫ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ବେଙ୍ଗଲର ଦୁଇ ବ୍ୟାଟର ସୁଦୀପ କୁମାର ଘରାମୀ ସର୍ବାଧିକ ୧୪୬ ଓ ଶାହବାଜ ଅହମ୍ମଦ୍ ଅପରାଜିତ ୧୦୦ ରନ୍ କରିଛନ୍ତି। ଝାଡଖଣ୍ଡ ୱିକେଟ ରକ୍ଷକ କୁମାର କୁଶାଗ୍ର ତୃତୀୟ ସର୍ବାଧିକ ସ୍କୋର ୫୫ ରନ୍ କରିଥିଲେ। ୬ ନମ୍ବରରେ ବ୍ୟାଟିଂ କରିଥିବା ଅଧିନାୟକ ଇଶାନ କିଶାନ ୪ ଓ ବୈଭବ ସୂର୍ଯ୍ୟବଂଶୀ ୮ ରନ୍ କରିବାକୁ ସମର୍ଥ ହୋଇଥିଲେ। ସଫଳ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ୧୫ ରନ୍ କରି ଫେଲ ମାରିଥିଲେ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ ଚୂଡାନ୍ତ ଏକାଦଶରେ ଖେଳିବାକୁ ସୁଯୋଗ ମିଳିଲା ନାହିଁ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଉ ନ ଥିବା ଓଡ଼ିଶା ଖେଳାଳିମାନେ କିପରି ଜାତୀୟ ଦଳରେ ସ୍ଥାନ ପାଇବେ ତାହା ଆମର ଭବିଷ୍ୟତ ଗଢ଼ିବାକୁ ଠିକା ନେଇଥିବା ଓଡ଼ିଶା କ୍ରିକେଟ ଆସୋସିଏସନ ପୁଣି ଏକ ୪ ବର୍ଷିଆ ଯୋଜନା କରିବ ବୋଲି ସ୍ପଷ୍ଟ ହୋଇଛି।

### ଉତ୍ତରାଞ୍ଚଳ ୨୫୧ରେ ସୀମିତ

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ପଶ୍ଚିମାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ୨୫୧ ରନ୍‌ରେ ଅଲଆଉଟ ହୋଇଛି। ଦଳ ପକ୍ଷରୁ ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜ ସର୍ବାଧିକ ୭୦, ଆୟୁଷ ବଦୋନି ୫୧ ରନ୍ କରିଥିଲେ। ପଶ୍ଚିମାଞ୍ଚଳର ତନୁସ କୋଟିଆନ୍ ଓ ତୁଷାର ଦେଶପାଣ୍ଡେଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୧୦ ଓଭର ବ୍ୟାଟିଂ କରି ୨ ୱିକେଟରେ ୩୧ ରନ୍ ସଂଗ୍ରହ କରିନେଇଥିଲା।

# ପ୍ରିୟବ୍ରତ ସ୍ମାରକୀ ୧୦ ରେଡ୍ ସ୍ନୁକର ଆଜିଠାରୁ

ଭୁବନେଶ୍ୱର,୨୩।୮ (ସମିସ)



ବିଲିଆର୍ଡସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍ଏଓ) ଏବଂ ଭୁବନେଶ୍ୱର କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ଇଷ୍ଟ ଇଣ୍ଡିଆ ଓପନ ୧୦ ରେଡ୍ ବଲ ସ୍ନୁକର ଚାମ୍ପିଅନସିପ୍ ଆଜି ଭୁବନେଶ୍ୱର କ୍ଲବ୍‌ର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର କ୍ଲବ୍ ପରିସରରେ ଥିବା ଭିଣ୍ଟେଜ୍ ଟେବୁଲ ଉପରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ୨୯ ତାରିଖରେ ଶେଷ ହେବ। ଏଥିରେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟ ସମୂହରୁ ୬୭ ଜଣ ଶୀର୍ଷ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ରାଜ୍ୟ ବାହାରୁ ୧୪ଜଣ ଉଚ୍ଚ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଖେଳାଳି ଖେଳୁଛନ୍ତି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଲବ୍ ସମ୍ପାଦକ ଲଳିତ ଦାସ, ଯୁଗ୍ମ ସମ୍ପାଦକ ସମ୍ବିତ ମହାନ୍ତି, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅନୀଲ କୁମାର ସାମଲ, ମାନସ ଦାସ, ସଞ୍ଜୟ ଲାଠ ଓ ସ୍ୱର୍ଗତ ପ୍ରିୟବ୍ରତ ପଟ୍ଟନାୟକଙ୍କ ପତ୍ନୀ ଲିପ୍‌ସା ମିଶ୍ର, ବିଏସଏଓ ସମ୍ପାଦକ ସମୀର ଅଲି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ବରିଷ୍ଠ ଖେଳାଳି ସୁବ୍ରତ ଦାସ ଓ ନିଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଚାମ୍ପିଅନଙ୍କୁ ୫୦, ୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଖେଳାଳିଙ୍କୁ ୨୫,୦୦୦ ଟଙ୍କା ଓ ଟ୍ରଫି, ସେମିରେ ପରାଜିତ ଦୁଇ ଖେଳାଳିଙ୍କୁ ୧୦,୦୦୦ ଲେଖାଏଁ ଓ କ୍ୱାର୍ଟରଫାଇନାଲରେ ପରାଜିତ ଖେଳାଳିଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଆସନ୍ତାକାଲିଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ।

୨୩ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ସିଟେମ୍ ଟ୍ରଫି କ୍ରିକେଟ

# ଶ୍ରେୟାଂଶଙ୍କ ଅର୍ଦ୍ଧଶତକ: ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍

ପୁଡୁଚେରୀ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଚେମ୍ କ୍ୟାପ୍ ଗ୍ରାଉଣ୍ଡ-୩ରେ ଆମନ୍ତ୍ରଣ ମୂଳକ କ୍ରିକେଟ୍ ପ୍ରତିଯୋଗିତାର ଅନ୍ତଃରାଜ୍ୟ ୨୩ ବର୍ଷରୁ କମ୍ ଦୁଇଦିନିଆ ମ୍ୟାଚ୍‌ରେ ଓଡ଼ିଶା ଓ ବାରୋଦା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ ନେଇଥିଲା। ପ୍ରଥମ ଦିନରେ ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍ ହୋଇଛି। ଦଳ ପ୍ରଥମ ଇନିଂସରେ ୬୪.୫ ଓଭରରେ ଦଳ ସମସ୍ତ ୱିକେଟ୍ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ସର୍ବାଧିକ ୬୯ ରନ୍ କରିଥିଲେ। ସେ ୧୦୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ବରୋଦାର କୀୟୁର କାଲେ ଓ ଦୀପ ପଟେଲ ଓଡ଼ିଶାର ବ୍ୟାଟିଂକୁ ଚାପରେ ରଖି ପ୍ରତ୍ୟେକେ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ବରୋଦା ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଗୋଟିଏ ୱିକେଟ ହରାଇ ୧୬୩ ରନ ପଛରେ ପଡ଼ିଛି। ନିତ୍ୟ ପାଣ୍ଡ୍ୟା ୧୨ ରନ୍‌ରେ ଏବଂ ଆୟୁଷ ୬ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଆଶୁତୋଷ ମାରାଣ୍ଡି ଗୋଟିଏ ୱିକେଟ୍ ନେଇଛନ୍ତି।

ଜାତୀୟ ଜୁନିଅର ଜଳକ୍ରୀଡ଼ା ଉଦ୍‌ଯାପିତ

# କର୍ଣ୍ଣାଟକ ଚାମ୍ପିଅନ



ଭୁବନେଶ୍ୱର,୨୩।୮ (ସମିସ): ରାଜ୍ୟ ସନ୍ତରଣ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କର୍ଣ୍ଣାଟକ ଓଭର ଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କର୍ଣ୍ଣାଟକରୁ ୨ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିଥିଲାବେଳେ ସର୍ବାଧିକ ୬୨୪ ପଏଣ୍ଟ ପାଇଥିଲା। କର୍ଣ୍ଣାଟକର ଉଭୟ ବାଳକ ଓ ବାଳିକା ସହ ପଏଣ୍ଟ ଓ ପଦକରେ ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ବ୍ୟକ୍ତିଗତ ବିଭାଗରେ ଆସାମର ତୀର୍ଥଙ୍କ ପେଗୁ ଓ କର୍ଣ୍ଣାଟକର ଏସ୍ ଶରଣ, ବାଳିକା ବିଭାଗରେ କର୍ଣ୍ଣାଟକର ଶ୍ରୀ ଚରଣି ଟୁମୁ ଓ ମହାରାଷ୍ଟ୍ରର ସାନ୍‌ଭି ଦେଶୱାଲ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ଶେଷରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାଏକ, ଡେପୁଟି ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ ଓ ସୌମ୍ୟ ସାର୍ଥକ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସର୍ବଭାରତୀୟ ସନ୍ତରଣ ସଂଘର ଅନୀଲ ବ୍ୟାସ୍, କମଲେଶ ନାନାବତୀ, ଓଡ଼ିଶା ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ, ସାଧାରଣ ସମ୍ପାଦକ ଗୋଲାପମଣି ମହାନ୍ତ ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS